R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୮
ତିଥି : ପୂର୍ଣ୍ଣିମା
୨୩ ଏପ୍ରିଲ ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 198
23 April 2024, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଉପକୂଳରେ ବଢ଼ିଲା, ଆଭ୍ୟନ୍ତରରେ କମିଲା

# ଭୁବନେଶ୍ୱର ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର, ୨୨।୪ (ସବ୍ୟୁ): ରାଜ୍ୟରେ କାଳବୈଶାଖୀ ଯୋଗୁ କେତେକ ସ୍ଥାନରେ ପାରଦ ଖସିଛି । ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରୀଷ୍ମପ୍ରବାହ ଅସ୍ତବ୍ୟସ୍ତ କରୁଛି । ତେବେ ଉପକୂଳରେ ତାପମାତ୍ରା ଥମିବା ବଦଳରେ ବଢ଼ିଛି । କିଛି ସ୍ଥାନରେ ପାରଦ ୪୦° ଉପରେ ରହିଥିବା ସହ ଭୁବନେଶ୍ୱରରେ ୪୩.୮° ତାପମାତ୍ରା ରେକର୍ଡ଼ ହୋଇଛି । ଯାହା ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି । ଆସନ୍ତାକାଲି (ମଙ୍ଗଳବାର) ଉପକୂଳରେ ସାମାନ୍ୟ ତାପମାତ୍ରା କମିପାରେ । ୨୫ ତାରିଖରୁ ସ୍ଥିତି ଭୟଙ୍କର ହେବ । ଗ୍ରୀଷ୍ମପ୍ରବାହ ମାତ୍ରାଧିକ ବଢ଼ିବ । ତାପମାତ୍ରା ୪୬° ପାର୍ କରିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

### ଭୁବନେଶ୍ୱରରେ ସର୍ବାଧିକ ୪୩.୮°

### ୨୫ରୁ ଭୟଙ୍କର ସ୍ଥିତି

ପାଣିପାଗ ବିଭାଗର କହିବାନୁସାରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାତି କମିଛି । ସୋମବାର ୧୭ଟି ସହରରେ ତାପମାତ୍ରା ୪୦° କିମ୍ବା ତାହାଠାରୁ (୯ ପୃଷ୍ଠାରେ)

# ଏପ୍ରିଲ ଶେଷ ସପ୍ତାହରେ ହାଇଭୋଲ୍‌ଟେଜ୍ ପ୍ରଚାର

ଭୁବନେଶ୍ୱର, ୨୨।୪ (ସବ୍ୟୁ) : ସମଗ୍ର ଦେଶରେ ସାଧାରଣ ନିର୍ବାଚନ ଲାଗି ପ୍ରଚାର ଜୋରଦାର ହୋଇଛି । ତେବେ ଓଡ଼ିଶାରେ ଏପ୍ରିଲ ୨୪ ପରେ ହାଇଭୋଲ୍‌ଟେଜ୍ ପ୍ରଚାର ଦେଖିବାକୁ ମିଳିବ । ଓଡ଼ିଶାରେ ମେ ୧୩ରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ କରାଯିବ । ଏଥିଲାଗି ସବୁ ଦଳ କସରତ ଆରମ୍ଭ କଲେଣି । ତେବେ ଆସନ୍ତା ୨୪ରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ପ୍ରଚାର ଆରମ୍ଭ କରିବେ । ହିଞ୍ଜିଳିରେ ଦୁଇଟି ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବିଧିବଦ୍ଧ ଭାବେ ନବୀନ ୨୪ରୁ ପ୍ରଚାର ମୈଦାନକୁ ଓହ୍ଲାଉଛନ୍ତି ।

ସେହିଭଳି ବିଜେପି ମଧ ତା'ର ପ୍ରଚାରକୁ ଜୋରଦାର କରିବାକୁ ନିଷ୍ପତ୍ତି ନେଇଥିବାବେଳେ ଆସନ୍ତା ୨୫ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରଥମେ ଓଡ଼ିଶାରେ ଏହାର ମଙ୍ଗ ଧରିବେ । ୨୫ ତାରିଖରେ ସୋନ୍‌ପୁରରେ ଶ୍ରୀ ଶାହା ପ୍ରଚାର କରିବେ । ସୋନପୁର ପରେ ଭୁବନେଶ୍ୱର ଆସି ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବେ । ସେହି ୨୫ରେ ମଧ ନବୀନ ପଟ୍ଟନାୟକ କୋରାପୁଟର ରାୟଗଡାରେ ପ୍ରଚାର କରିବେ । ସେଠି ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ୨୮ (୯ ପୃଷ୍ଠାରେ)

### ୨୪ରେ ହିଞ୍ଜିଳିରୁ ନବୀନଙ୍କ ପ୍ରଚାର ଆରମ୍ଭ

### ୨୫ରେ ଶାହାଙ୍କର ସୋନ୍‌ପୁର ଗସ୍ତ

### ୨୮ରେ ରାହୁଲଙ୍କର ସାଲେପୁର ଜନସଭା

# ଆଉ ୬ ବିଧାୟକ ପ୍ରାର୍ଥୀ ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୨୨।୪ (ସବ୍ୟୁ) : ଆଉ ୬ ବିଧାନସଭା ଆସନ ଲାଗି ବିଜେଡି ପ୍ରାର୍ଥୀ ଘୋଷଣା କରିଛି । ତେବେ ପୂର୍ବଥର ନିର୍ବାଚନ ଜିତି ବିଧାୟକ ଥିବା ୪ ଜଣଙ୍କର ଟିକେଟ କଟିଛି । ଅବଶ୍ୟ ରଘୁନାଥପଲ୍ଲୀ ବିଧାୟକ ସୁବ୍ରତ ତରାଇଙ୍କ ସ୍ଥାନରେ ତାଙ୍କ ପତ୍ନୀ ଅର୍ଚ୍ଚନା ବେହେରାଙ୍କୁ ଦଳ ପ୍ରାର୍ଥୀ କରିଛି । ବିଜେଡି ମଧ ଏହି ତାଲିକାରେ ମହିଳାଙ୍କୁ ଗୁରୁତ୍ୱ ଦେଇଛି ।

ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ବିଜେଡି ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ମଧ ନିବେଦନ କରିଛନ୍ତି । ହିନ୍ଦୋଳ ଆସନ ଲାଗି ଢ଼େଙ୍କାନାଳ ସାଂସଦ ମହେଶ ସାହୁଙ୍କୁ ପ୍ରାର୍ଥୀ କରାଯାଇଛି । ସେଠାରେ ଥିବା ବିଧାୟିକା ସୀମାରାଣି ନାୟକଙ୍କ ଟିକେଟ କଟିଛି । ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସଙ୍କୁ ଦଳ ଏଥର ପ୍ରାର୍ଥୀ କରିନାହିଁ । ତାଙ୍କ ବଦଳରେ ଯୁବନେତା ସାରଦା ଜେନାଙ୍କୁ ପ୍ରାର୍ଥୀ କରାଯାଇଛି । ସେହିଭଳି ବରି ବିଧାୟିକା ସୁନନ୍ଦା ଦାସଙ୍କ ଟିକେଟ କଟିଛି । ତାଙ୍କ ସ୍ଥାନରେ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଦଳ ପ୍ରାର୍ଥୀ କରିଛି । କାକଟପୁରରେ ମନ୍ତ୍ରୀ ତୁଷାରକାନ୍ତୀ (୯ ପୃଷ୍ଠାରେ)

### ୪ ବିଧାୟକଙ୍କ ଟିକେଟ କଟିଲା

### ଏବେସୁଦ୍ଧା ୩୪ ମହିଳାଙ୍କୁ ପ୍ରାର୍ଥୀ କଲାଣି ବିଜେଡି

# ମୋଦିଙ୍କ ବିରୋଧରେ ୨୨୦୦ ନାଗରିକ ଇସିରେ ଫେରାଦ

ନୂଆଦିଲ୍ଲୀ, ୨୨।୪ : ଭାରତର ମୁସ୍‌ଲିମ୍ ସମ୍ପ୍ରଦାୟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସିଧାସଳଖ ଆକ୍ରମଣକୁ ନେଇ ପ୍ରାୟ ୨୨୦୦ରୁ ଊର୍ଦ୍ଧ୍ୱ ଭାରତୀୟ ନିର୍ବାଚନ କମିଶନଙ୍କୁ ମିଳିତ ଭାବେ ସ୍ମାରକପତ୍ର ଦେଇ ଫେରାଦ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ନିର୍ବାଚନୀ ସଭାରେ କହିଛନ୍ତି ଯେ ଯଦି ଲୋକସଭା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସେ ତେବେ ସେ ନାଗରିକଙ୍କ ସମ୍ପତ୍ତିକୁ ନେଇ ଅନୁପ୍ରବେଶକାରୀଙ୍କୁ ବାଣ୍ଟିଦେବ । ଏହା ବିରୋଧରେ ୨୨୦୦ ନାଗରିକ ନିର୍ବାଚନ କମିଶନଙ୍କୁ ଫେରାଦ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ହେଉଛନ୍ତି ବିଜେପିର ତାରକା ପ୍ରଚାରକ । ଏପ୍ରିଲ ୨୧ରେ ରାଜସ୍ଥାନର ଏକ ସଭାରେ ସେ ଏଭଳି ମନ୍ତବ୍ୟ ଦେଇଥିଲେ । ଏହି ଗୋଷ୍ଠୀ ନିର୍ବାଚନ କମିଶନଙ୍କୁ ଏହା ଲେଖିବା ସହ ଉଲ୍ଲେଖ କରିଛନ୍ତି ଯେ ଏଭଳି ମନ୍ତବ୍ୟ ହେଉଛି ବିପଦଜ୍ଜନକ ଓ ଭାରତରେ ରହୁଥିବା ମୁସ୍‌ଲିମ୍‌ଙ୍କ ଉପରେ ସିଧା ଆକ୍ରମଣ । ୨୨୦୯ ଜଣ ଏହି ପିଟିସନ୍‌ରେ ସାଇନ୍ କରିଛନ୍ତି । ରବିବାର (୯ ପୃଷ୍ଠାରେ)

### ମୁସ୍‌ଲିମ୍ ସମ୍ପ୍ରଦାୟ ଉପରେ ଦେଇଥିବା ମନ୍ତବ୍ୟକୁ ବିରୋଧ

# ମାଓବାଦୀଙ୍କ ବୋମା ବିସ୍ଫୋରଣରେ ଜଣେ ମୃତ

ମାଲକାନଗିରି, ୨୨।୪ (ସବ୍ୟୁ) : ମାଲକାନଗିରି ସୀମାନ୍ତରେ ପୁଣି ମାଓ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଜଂଗଲରେ ଖଞ୍ଜିଥିବା ବୋମା ବିସ୍ଫୋରଣରେ ଜଣେ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି । ବିଜାପୁର ଜିଲ୍ଲାର ଗାଙ୍ଗଲୁର ଥାନା ଅଂଚଳର ମୁତବେଣ୍ଡି ଜଂଗଲରେ ଗଡିଆ କାବାସୀ ନାମକ ଜଣେ ୧୮ ବର୍ଷର ଯୁବକ ଜଂଗଲକୁ କୌଣସି କାମରେ ଯାଇଥିଲା । ତେବେ ଜଂଗଲରେ ନକ୍ସଲ ଖଞ୍ଜିଥିବା ପ୍ରେସର ବୋମା ଉପରେ ଗଡିଆର ପାଦ ପଡିବା ପରେ ଏହା ବିସ୍ଫୋରଣ ଘଟିଥିଲା । ଫଳରେ ଯୁବକ ଜଣକ ଘଟଣାସ୍ଥଳରେ ହିଁ ଗୁରୁତର ଆହତ ହୋଇଥିଲେ। ପରେ ଗ୍ରାମବାସୀଙ୍କ ଦ୍ୱାରା ସ୍ଥାନୀୟ ମେଡିକାଲ ନେବା ବେଳକୁ ତାର ମୃତ୍ୟୁ ଘଟିଥିଲା ।

ଗତ ୧୬ ତାରିଖରେ ଘଟିଥିବା ପୁଲିସ ଏନକାଉଣ୍ଟରରେ ମାଓବାଦୀଙ୍କ ମୃତ୍ୟୁ ସଂଗଠନକୁ ଦୋହଲାଇ ଦେଇଛି। ତେଣୁ ମାଓବାଦୀ ଏକ ପ୍ରକାର ଘାଇଲା ବାଘ ଭଳି ହୋଇଛନ୍ତି। ଜଂଗଲରେ ସୁରକ୍ଷାକର୍ମୀଙ୍କୁ (୯ ପୃଷ୍ଠାରେ)

KISS
KALINGA INSTITUTE OF SOCIAL SCIENCES (KISS)
Bhubaneswar, Odisha, India
A home for 80,000 indigenous children



KISS HUMANITARIAN AWARD 2021

PAST RECIPIENTS

Date: 22nd April 2024

**Mr. Bill Gates**
Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**

**Her Excellency Mama Rachel Ruto, EGH**
First Lady of the Republic of **Kenya (2022)**

**Dr. Dansa KOUROUMA**
President, National Transition Council of Guinea, **Guinea (2019)**

**Professor Muhammad Yunus**
(Nobel Laureate) Founder, Grameen Bank, **Bangladesh (2018)**

**His Holiness The 14th Dalai Lama (2017)**
Nobel Laureate, 2005 and Spiritual Leader

**Ms. Ashley Judd,**
Hollywood Actor, Activist & Global Goodwill Ambassador, **UNFPA (2016)**

**His Excellency Dr Alejandro Toledo,**
Former President of **Peru (2015)**

**Ms. Anne F. Stenhammer**
Former Regional Programme Director, UN Women, **South Asia Regional Office (2014)**



**Mr. Ratan Naval Tata,** Chairman Emeritus, Tata Sons receiving the prestigious **KISS Humanitarian Award 2021** from **Prof. Achyuta Samanta,** Founder, KIIT, KISS & KIMS, Bhubaneswar.

AWARDEES ARE FROM
5 Continents
13 Countries
2 Nobel Laureates among the awardees

**Madam Albina Du Boisrouvray**
Founder, Association François-Xavier Bagnoud (FXB International), **Switzerland (2013)**

**His Excellency Lyonchhen Jigmi Y. Thinley**
Hon'ble Prime Minister, The Royal Government of **Bhutan (2012)**

**Rt Hon. Lord Nicholas Addison Phillips**
President (Chief Justice) of the Supreme Court of the **United Kingdom (2011)**

**Rt. Hon. Sir Anerood Jugnauth**
Eminent Social Worker & His Excellency the President of **Mauritius (2010)**

**Dr. Ham Kee-Sun**
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

**Ms. Edna Bomo Molewa**
Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta



# ଆନୋରେକ୍ସିଆ



ଆନୋରେକ୍ସିଆ ବା ଆନୋରେକ୍ସିଆ ନେର୍‌ଭୋସା ଏକ ଇଟିଂ ଡିଜ୍ ଅର୍ଡର । ଏହା ଓଜନକୁ ନେଇ ଥିବା ଏକ ଭୟ, ଯାହାଫଳରେ ଏଥିରେ ପୀଡିତ ରୋଗୀ ନିଜର ଓଜନକୁ ନିୟନ୍ତ୍ରଣ କରିବା ପାଇଁ ଅତ୍ୟଧିକ ଚେଷ୍ଟା କରିଥାଆନ୍ତି । ସେମାନେ ସବୁବେଳେ ନିଜ ଓଜନ ଓ ଫିଗରକୁ ନେଇ ଅଧିକ ସଚେତନ ରହିଥାଆନ୍ତି, ଏଥିପାଇଁ ଅଧିକ ଚେଷ୍ଟା ମଧ୍ୟ କରିଥାଆନ୍ତି । ଏମାନଙ୍କର ଡାଏଟ୍ ବହୁତ ଷ୍ଟ୍ରିଟ୍ ହୋଇଥାଏ । ସେମାନେ କଣ ଖାଇବେ କେତେ ଖାଇବେ ସେ ନେଇ ଅତ୍ୟଧୀକ ସଚେତନ ହୋଇଥାଆନ୍ତି । ସେହିଭଳି ଓଜନ କମାଇବା ପାଇଁ ସେମାନେ ଦରକାରର ଅଧିକ ବ୍ୟାୟାମ କରୁଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ନିଜର ଶରୀରର କ୍ଷମତାଠାରୁ ବାହାରକୁ ଯାଇ ସେମାନେ ବ୍ୟାୟାମ କରିଥାଆନ୍ତି , ଯାହା କ୍ଷତିକାରକ ହୋଇଥାଏ । ଏଥିରେ ପୀଡିତ ରୋଗୀ ଯେତେ ବି ପତଳା ଥିଲେ ମଧ୍ୟ ନିଜର ଓଜନକୁ ଆହୁରି କମାଇବାକୁ ଚେଷ୍ଟା କରିଥାଆନ୍ତି । ସେମାନଙ୍କ ମଧ୍ୟରେ ସବୁବେଳେ ଓଜନ ବୃଦ୍ଧିକୁ ନେଇ ଡର ରହିଥାଏ । ଏହି ରୋଗର ଅନେକ ସାଇଡ୍ ଇଫେକ୍ଟ ରହିଛି । ଯଦି କୌଣସି ବ୍ୟାକ୍ତିଙ୍କ ନିକଟରେ ଏହି ରୋଗର ଲକ୍ଷଣ ଦେଖିବାକୁ ମିଳୁଛି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

**ଲକ୍ଷଣ**

* ନିରନ୍ତର ଓଜନ ହ୍ରାସ ହେବା ।
* ପତଳା ଦେଖାଯିବା ।
* ଫଟିଗୋ
* ନିଦ୍ରାହୀନତା
* ଚେତାଶୂନ୍ୟ ହୋଇଯିବା
* ଚର୍ମ ଶୁଖିଲା ଓ ହଳଦିଆ ଦେଖାଯିବା
* ନିମ୍ନ ରକ୍ତଚାପ
* ଥଣ୍ଡା ସହି ନପାରିବା
* ହାତ ଗୋଡ ଫୁଲିବା
* ଡିହାଇଡ୍ରେସନ୍



## ସୋସିଆଲ କୋଟ୍ସ



ସଲମାନ ଜଣେ ଖୁବ ପରିଶ୍ରମୀ ଅଭିନେତା । ବୀରଗତି ଫିଲ୍ମ ପାଇଁ ସେ ଖୁବ ପରିଶ୍ରମ କରିଛନ୍ତି । ଏହି ଫିଲ୍ମର ଲୁକ୍ ପାଇଁ ସେ ରାତିରାତି ଅନିଦ୍ରା ରହି ବ୍ୟାୟାମ କରୁଥିଲେ ।

ଅଖିଲେନ୍ଦ୍ର ମିଶ୍ର, ଅଭିନେତା



ଆନିମଲରେ ରଶ୍ମିକାଙ୍କ ଚରିତ୍ର ହଟକେ ଥିଲା । ଏତେ ଜଣ ମେଲ୍ କ୍ୟାରେକ୍ଟର ଭିତରେ ସେ ଜଣେ ଫିମେଲ ହିସାବରେ ନିଜ ପାଇଁ ସ୍ପେସ ତିଆରି କରିପାରିଛନ୍ତି, ଯାହା ବେଶ୍ ପ୍ରଭାବଶାଳୀ ଥିଲା । ରଶ୍ମିକା ଏହି ଚରିତ୍ରରେ ଖୁବ ଭଲ ଅଭିନୟ କରିଛନ୍ତି ।

ମାନୁଷୀ ଛିଲ୍ଲର, ଅଭିନେତ୍ରୀ



ବଜରଙ୍ଗୀ ଭାଇଜାନର ପାର୍ଟ-୨ର ସ୍କ୍ରିପ୍ଟ ପଢିସାରିଲାଣି । ଖୁବ ଜଲଦି ଏଥିପାଇଁ ସଲମାନଙ୍କୁ ଆପ୍ରୋଚ କରିବି । ସେକେଣ୍ଡ୍ ପାର୍ଟ ପାଇଁ ଖୁବ ଉତ୍ସାହିତ ଅଛି ।

କେକେ ରାଧାମୋହନ, ପ୍ରଯୋଜକ

## ଇତିହାସ

୧୬୧୬ – ପ୍ରସିଦ୍ଧ କବି ତଥା ସାହିତ୍ୟକାର ୱିଲିୟମ ସେକ୍ସପିଅରଙ୍କର ନିଧନ ।

୧୬୬୦ – ସ୍ୱିଡେନ୍ ଏବଂ ପୋଲାଣ୍ଡ ମଧ୍ୟରେ ଓଲିଭିଆ ଚୁକ୍ତି ସ୍ୱାକ୍ଷରିତ ।

ବ୍ରିଟିଶ ସମ୍ରାଟ ଚାର୍ଲସ ଦ୍ୱିତୀୟଙ୍କର ଲଣ୍ଡନରେ ରାଜ୍ୟାଭିଷେକ ।

୧୯୮୪ – ଏଡସ୍ ଭାଇରସ ସମ୍ପର୍କରେ ଜଣାପଡିଥିଲା ।

୧୯୯୨ – ଭାରତ ରତ୍ନରେ ସମ୍ମାନିତ ହୋଇଥିବା ସତ୍ୟଜିତ୍ ରୟଙ୍କର ନିଧନ ।

୨୦୦୫ – ୟୁ୍ୟଟ୍ୟୁବରେ ପ୍ରଥମ ଭିଡିଓ ଅପଲୋଡ ।

# ସାପ ନଥିବା ଦେଶ



ସବୁଠାରୁ ଭୟଙ୍କର ପ୍ରାଣୀଭାବେ ବିଷଧର ସାପଙ୍କୁ ଗଣା ଯାଇଥାଏ । ଏହା ଆମର ଆଖାପାଖରେ ବାସକରୁଥିବାରୁ ଏହା ମଣିଷଙ୍କ ପାଇଁ ବିଶେଷ କ୍ଷତିକାରକ ହୋଇଥାଆନ୍ତି । ତେବେ ବିଶ୍ୱରେ ଏଭଳି ଏକ ଦେଶ ରହିଛି, ଯେଉଁଠି ସାପ ରୁହନ୍ତି ନାହିଁ । ନ୍ୟୁଜିଲାଣ୍ଡ ହେଉଛି, ସେହି ଦେଶ ଯେଉଁଠାରେ ସାପ ରହିନଥାନ୍ତି । ଏହାର ଚିଡିଆଖାନାରେ ମଧ୍ୟ ସାପ ମିଳି ନଥାଆନ୍ତି । ତେବେ ଏହା ପଛର କାରଣ ହେଉଛି ଏଠିକାର ବାୟୋ ଡାଇଭର୍ସିଟି । ଏହି ଦେଶଟି ପ୍ୟାସିଫିକ୍ ଓସେନ୍‌ର ଦକ୍ଷିଣ ପଶ୍ଚିମ ଭାଗରେ ଅବସ୍ଥିତ । ଯାହା ଫଳରେ ଏହି ଦେଶ ସୁପରକଣ୍ଟିନେଣ୍ଟ୍ ଗଣ୍ଡୋୱାଲାଲାଣ୍ଡ୍ ଠାରୁ ଦୂରରେ ରହିଛି, ଯେଉଁ କାରଣରୁ ଦେଶର ଫ୍ଲୋରା ଓ ଫନାରେ କିଛିଟା ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ । ଏହି ଜିଓଗ୍ରାଫିକାଲ ପରିବର୍ତ୍ତନ ପାଖାପାଖି ୮୫ ମିଲିଅନ ବର୍ଷ ପୂର୍ବେ ଦେଖିବାକୁ ମିଳିଥିଲା । ତେବେ ଏଠାରେ ସାପ ନଦେଖାଯିବାର କାରଣ ଭାବେ କିଛି ପୌରାଣିତ ମତ ମଧ୍ୟ ରହିଛି । ଏଠାରେ ଜଣେ ସନ୍ଥ ସମସ୍ତ ସାପକୁ ମାରି ଦେଇଥିଲେ ବୋଲି ବିଶ୍ୱାସ ରହିଛି ।

# ଭାଗ ନେବେନି ପ୍ରିୟଙ୍କା



ଭାରତୀୟ ସିନେମାରେ ନିଜର ଟାଲେଣ୍ଟ୍ ଦେଖାଇବା ପରେ ଗ୍ଲୋବାଲ ଲେବଲ୍‌ରେ ନିଜ ପୋଜିସନ୍‌କୁ ଏଷ୍ଟାବ୍ଲିସ୍ କରିବାରେ ମଧ୍ୟ ସଫଳ ହୋଇଛନ୍ତି ପ୍ରିୟଙ୍କା ଚୋପ୍ରା । ହଲିଉଡ୍‌ରେ ତାଙ୍କୁ ଅନେକ ପ୍ରେଷ୍ଟିଜିଅସ ପ୍ରୋଜେକ୍ଟରେ ଦେଖିବାକୁ ମିଳିଛି । କେବଳ ହଲିଉଡ୍ ଫିଲ୍ମ ନୁହେଁ ତାଙ୍କୁ ଅନେକ ବଡବଡ ଇଭେଣ୍ଟରେ ମଧ୍ୟ ଦେଖିବାକୁ ମିଳିଥାଏ, ଯେଉଁଥିରେ ଖୁବ ହଟକେ ଲୁକ୍‌ରେ ନଜର ଆସିଥାଆନ୍ତି ପ୍ରିୟଙ୍କା । ତାଙ୍କର ଫ୍ୟାଶନେବଲ ଗେଟଅପ ଓ ଲୁକ୍ ଦେଖିବାକୁ ଫ୍ୟାନମାନେ ଅପେକ୍ଷା କରିଥାଆନ୍ତି । ତେବେ ମେଟଗାଲାର ଚର୍ଚ୍ଚିତ ଇଭେଣ୍ଟରେ ପ୍ରିୟଙ୍କା ଭାଗ ନେବେ ନାହିଁ । ଏହି ସୂଚନା ନିଜେ ପ୍ରିୟଙ୍କା ଚୋପ୍ରା ଦେଇଛନ୍ତି । ଏହା ଜଣା ପଡିବା ପରେ ତାଙ୍କ ଫ୍ୟାନମାନେ ନିରାଶ ହୋଇଛନ୍ତି । ନିଜର ଅପକମିଂ ପ୍ରୋଜେକ୍ଟର ସୁଟିଂ କାରଣରୁ ପ୍ରିୟଙ୍କା ଏହି ଇଭେଣ୍ଟରେ ଭାଗ ନେଇ ପାରିବେ ନାହିଁ ବୋଲି ଦର୍ଶାଇଛନ୍ତି । ଇଭେଣ୍ଟରେ ଭାଗ ନନେଲେ ମଧ୍ୟ ସେ ଏହି ଫ୍ୟାଶନ ଶୋ' ପାଇଁ ବେଶ୍ ଉତ୍ସୁକ ଅଛନ୍ତି । ଇଭେଣ୍ଟକୁ ସେ ଯେମିତି ବି ହେଲେ ଫଲୋ କରିବେ ବୋଲି ଫ୍ୟାନଙ୍କ ମତ ଦେଇଛନ୍ତି ।

# ଉଲକାପିଣ୍ଡରେ ଆସିପାରନ୍ତି ଏଲିଅନ !

ଏଲିଅନକୁ ନେଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଚର୍ଚ୍ଚା ଦେଖିବାକୁ ମିଳିଥାଏ । ନିକଟରେ ସେମାନଙ୍କ ରଙ୍ଗକୁ ନେଇ ଚର୍ଚ୍ଚା ହୋଇଥିଲା । ଏମାନଙ୍କୁ ନେଇ ସବୁବେଳେ ଗବେଷଣା ଜାରି ରହିଥିବାରୁ ଅନେ ନୂଆତଥ୍ୟ ସାମନାକୁ ଆସିଥାଏ । ନିକଟରେ ହୋଇଥିବା ଗବେଷଣା ଅନୁସାରେ ପୃଥିବୀକୁ ଯଦି କେବେ ଏଲିଅନ ଆସିବେ, ତେବେ ଉଲକାପିଣ୍ଡରେ ଆସିବେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ସେମାନେ ଗୋଟିଏ ଗ୍ରହରୁ ଆଉ ଏକ ଗ୍ରହକୁ ଏହି ଉଲ୍‌କାପିଣ୍ଡରେ ଯାତ୍ରା କରିଥାଆନ୍ତି ବୋଲି ଏଥିରୁ ଜଣା ପଡିଛି । ତେବେ ଫିଲ୍ମରେ ଏଲିଅନଙ୍କୁ ନେଇ ବିଭିନ୍ନ ତଥ୍ୟା ଦିଆଯାଇଥାଏ, ସେଗୁଡିକ ଭବିଷ୍ୟତରେ ସତ ହୋଇପାରେ ବୋଲି ବର୍ତ୍ତମାନ ଚର୍ଚ୍ଚା ହେବା ଆରମ୍ଭ ହୋଇଛି । ତେବେ ବର୍ତ୍ତମାନ ମଧ୍ୟ ଏହି ଗବେଷଣା ଜାରି ରହିଛି, ତେଣୁ ଆଗକୁ ଆହୁରି ନୂଆନୂଆ ତଥ୍ୟ ସାମନାକୁ ଆସିପାରେ ବୋଲି ଆକଳନ କରାଯାଉଛି ।



# ଗୋଟିଏ ସେକେଣ୍ଡରେ ତିନି ଦେଶ ବୁଲା

ଦେଶଦେଶ ମଧ୍ୟରେ କିଛି ଏଭଳି ସୀମା ରହିଛି, ଯାହା ଏକ ଗାଁକୁ ଦୁଇଟି ଦେଶରେ କିମ୍ବା ଗୋଟିଏ ଘରକୁ ମଧ୍ୟ ଦୁଇଟି ଦେଶରେ ଅବସ୍ଥିତି କରାଇଥାଏ । ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଆ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ମହିଳା କେବଳ ତିନିଥର ଡେଇଁ ତିନୋଟି ଦେଶ ବୁଲି ଆସିଛନ୍ତି । ସୂଚନା ଅନୁସାରେ ଜଣେ ଟ୍ରାଭେଲ୍ କଣ୍ଟେଣ୍ଟ କ୍ରିଏଟର ଏଭଳି ଏକ ସ୍ଥାନରେ ନିଜ ଭିଡିଓ ସୁଟିଂ କରିଛନ୍ତି, ଯେଉଁଠି ସେ ତିନୋଟି ଦେଶକୁ ଯାଇପାରିବେ । ଏହି ସ୍ଥାନଟି ତିନୋଟି ଦେଶର ସୀମାର ମିଶ୍ରଣସ୍ଥଳ । ତିନୋଟି ଦେଶ ଯଥା ଜର୍ମାନୀ, ନେଦରଲାଣ୍ଡ ଓ ବେଲଜିୟମର ସୀମା ଏଠାରେ ମିଶିଥାଏ । ଏହି ସ୍ଥାନଟି ପାଖାପାଖି ୩୨୩ ମିଟର ଉଚ୍ଚରେ ଅବସ୍ଥିତ, ଯାହା ନେଦରଲାଣ୍ଡର ସବୁଠାରୁ ଉଚ୍ଚତମ ସ୍ଥାନ । ଏହି ସୀମା ମିଶ୍ରଣସ୍ଥଳଟି ସେଠିକାର ସବୁଠାରୁ ପପୁଲାର ଟୁରିଷ୍ଟ ସ୍ପଟ ମଧ୍ୟ । ଏହି ସ୍ଥାନରେ ଏକ ପଥର ଉପରେ କେଉଁ ଦେଶର ସୀମା କେଉଁଟା ସେନେଇ ଦର୍ଶାଯାଇଛି । ମହିଳାଙ୍କର ଏହି ଭିଡିଓଟି ବେଶ୍ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଗୋଟିଏ ସେକେଣ୍ଡ୍‌ରେ ତିନୋଟି ଦେଶ ବୁଲିପାରିଛନ୍ତି ।



# ଭେଜ୍ ଅମଲେଟ୍



**ସାମଗ୍ରୀ–** ଗୋଟିଏ କପ୍ ବେସନ, ପିଆଜ କଟା, ଗୋଟିଏ ଟମାଟୋ ରସ, ଗୋଟିଏ ଟମାଟ ଗୋଲଗୋଲ କଟା, କଟା ଧନିଆପତ୍ର, କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ ।

**ପ୍ରଣାଳୀ–** ଗୋଟିଏ ପାତ୍ରରେ ପ୍ରଥମେ ବେସନ,ପିଆଜ, ଧନିଆପତ୍ର, ଟମାଟ ରସ, ଲୁଣ ଆଦିକୁ ଗୋଳାଇ ନିଅନ୍ତୁ । ଏହାକୁ ଚକୁଳି ପିଠାର ଆଣ ଭଳି ପ୍ରସ୍ତୁତ କରନ୍ତୁ । ପ୍ୟାନ୍‌ରେ ପ୍ରଥମେ କିଛି ଘିଅ ଲଗାଇ ଏଥିରେ ଆଣ ପକାଇ ଗୋଲଗୋଲ ଆକାର ଦିଅନ୍ତୁ, ଏହାପରେ ଏଥିରେ ୨ରୁ ୩ଟି ଟମାଟୋକୁ ରଖନ୍ତୁ । ଏହାପରୋଉ ଅଳ୍ପ ଘିଅ ଦେଇ ଏହାକୁ ଘୋଡାଇ ନିଅନ୍ତୁ । ଅଳ୍ପସମୟରେ ପରେ ଓଲଟାଇ ସେକନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ଭେଜ ଅମଲେଟ୍, ଏହାକୁ ଟମାଟୋ ସସ୍ କିମ୍ବା ଦହି ସହିତ ଖାଇପାରିବେ ।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଛଅଟି ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଉକ୍ତ ଛଅଟି ଜିଲ୍ଲା ଅଧିନରେ ଆସୁଥିବା ସମସ୍ତ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ବିଧାନସଭା ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ପ୍ରସ୍ତୁତି ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲା । ସମୀକ୍ଷା ବୈଠକ ପ୍ରାରମ୍ଭରେ ଦେଶରେ ମୁକ୍ତ, ଅବାଧ, ସ୍ୱଚ୍ଛ, ନିରପେକ୍ଷ, ଶୃଙ୍ଖଳାଯୁକ୍ତ, ତ୍ରୁଟିଶୂନ୍ୟ ତଥା ସମସ୍ତଙ୍କ ଅଂଶଗ୍ରହଣରେ ପରିପୁଷ୍ଟ ଭାରତୀୟ ଗଣତନ୍ତ୍ରର ମହାନ ପର୍ବ 'ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪'କୁ ଓଡ଼ିଶାରେ ସବୁମତେ ସଫଳ କରାଇବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଙ୍ଗୀକାରବଦ୍ଧତା ବିଷୟରେ ସ୍ପଷ୍ଟ ମତ ରଖିଥିଲେ । ଏହି ବୈଠକରେ ୬ଟି ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନେ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ସଂପୃକ୍ତ ଜିଲ୍ଲାଗୁଡ଼ିକର ନିର୍ବାଚନ ପ୍ରସ୍ତୁତି ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । ସେସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସେହିପରି ଏହି ଛଅଟି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକମାନେ ମଧ୍ୟ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ନିଜ ନିଜ ଜିଲ୍ଲାର ଆଇନଶୃଙ୍ଖଳାଜନିତ ପ୍ରସ୍ତୁତି, ଜବତ ବ୍ୟବସ୍ଥା, ଯାଞ୍ଚ ବ୍ୟବସ୍ଥା ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ସମସ୍ତ ତଥ୍ୟ ରଖିଥିଲେ ।

ଏହି ସମସ୍ତ ତଥ୍ୟର ତର୍ଜମା କରି ମୁଖ୍ୟ ନିର୍ବାଚନ ଅଧିକାରୀ ବୁଥ୍ସ୍ତରରୁ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା କରିବା ପାଇଁ ଉପସ୍ଥିତ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବରିଷ୍ଠ ପୋଲିସ ଅଧିକାରୀ ଓ ରିଟର୍ଣ୍ଣିଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଦର୍ଶ ନିର୍ବାଚନ ପରିଚାଳନା ପାଇଁ ସି-ଭିଜିଲ୍, ସୁବିଧା ପୋର୍ଟାଲ, ଏନ୍କୋର୍ ନୋଡ଼ାଲ ଆପ୍ର ବ୍ୟବହାର ସହ ଭିନ୍ନକ୍ଷମ ଭୋଟର ଓ ବୟୋଜେଷ୍ଠ ଭୋଟରଙ୍କ ସୁବିଧା, ପୋଷ୍ଟାଲ ବାଲାଟ୍, ନିର୍ବାଚନ ଆଚରଣ ବିଧିର ଯଥାର୍ଥ ଅନୁପାଳନ ଉପରେ ଦୃଷ୍ଟି ରଖିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ । ନିର୍ବାଚନ ପ୍ରସ୍ତୁତିରେ ଆଇନଶୃଙ୍ଖଳା ଦିଗ ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଥିଲା ଛ ପ୍ରତିଟି ବୁଥ୍ ଯେପରି ସୁରକ୍ଷା ବଳୟ ମଧ୍ୟରେ ରହିବ ଓ ଇଭିଏମ୍-ଭିଭିପାଟ୍ ମତଗଣନା ପର୍ଯ୍ୟନ୍ତ ସଂପୂର୍ଣ୍ଣ ସୁରକ୍ଷା ମଧ୍ୟରେ ରହିବ ସେ ବିଷୟରେ ଆଲୋଚନା ହୋଇଥିଲା । ନିର୍ବାଚନରେ ଆଦର୍ଶ ଆଚରଣ ବିଧିର ଉଚିତ ଅନୁପାଳନ ପାଇଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବିଭିନ୍ନ ପ୍ରବର୍ତ୍ତନ ବିଭାଗ ଯଥା-ଅବକାରୀ, ଜିଏସ୍ଟି, ପରିବହନ, ଜଙ୍ଗଲ ବିଭାଗ ସମନ୍ୱିତ ଭାବରେ କାର୍ଯ୍ୟ କରିବାକୁ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଜଗତସିଂହପୁର ଜିଲ୍ଲାପାଳ ଅନୁପମ୍ ଶାହା, କେନ୍ଦ୍ରାପଡ଼ା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ସ୍ୱଧାଦେବ ସିଂ, ପୁରୀ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କଟକ ଜିଲ୍ଲାପାଳ ଅରିନ୍ଦମ୍ ଡାକୁଆ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅବିନାଶ କୁମାର, ଜଗତସିଂହପୁର ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍, କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ୍, ପୁରୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।




## ୨ ଗିରଫ, ୫ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫ଟି ଚୋରା ମୋବାଇଲ ଫୋନ୍ ଜବତ କରିଛି । ଆଇଡି ମାର୍କେଟ୍ ଷ୍ଟୁଡିଓ ଛକ ନିକଟରେ ଚୋରା ମୋବାଇଲ୍ ଫୋନ୍ କମ୍ଦାମ୍ରେ ବିକ୍ରି କରିବା ପାଇଁ ଗ୍ରାହକମାନଙ୍କ ସହ ଯୋଗାଯୋଗ କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା । ଦୁହେଁ ଖସିଯିବା ପୂର୍ବରୁ ପୋଲିସ ତାଙ୍କୁ କାବୁ କରିବା ସହ ମୋବାଇଲ୍ ଜବତ କରିବାରେ ସଫଳ ହୋଇଛି ।

ଗିରଫ ଦୁଇ ଅଭିଯୁକ୍ତ ହେଲେ ଚିତ୍ତରଞ୍ଜନ ସାହୁ (୨୭) ଓ ଦୁଷ୍ମନ୍ତ ସୁବୁଧି (୩୪) । ଚିତ୍ତଙ୍କର କଟକ ଜିଲ୍ଲା ମାଣିଆବନ୍ଧ ଥାନା ଅନ୍ତର୍ଗତ ମାନପୁର ଗ୍ରାମର ହୋଇଥିବାବେଳେ ସେ ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳ ବରମୁଣ୍ଡା ଜଗନ୍ନାଥ ବିହାର ଲେନ୍-୭ରେ ରୁହେ । ସେହିପରି ଦୁଷ୍ମନ୍ତର ଘର ନନ୍ଦନକାନନ ଥାନା ଅନ୍ତର୍ଗତ ଗଣ୍ଡରପୁର ଗ୍ରାମରେ । ଦୁହିଁଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ମୋହନ ମାଝୀ ଉଲ୍ଲଙ୍ଘନ କରୁଛନ୍ତି ନିର୍ବାଚନ ଆଚରଣବିଧି

# ସିଇଓଙ୍କୁ ଫେରାଦ ହେଲା ବିଜେଡି




ଭୁବନେଶ୍ୱର, (ସବ୍ୟୁ): କେନ୍ଦୁଝର ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି ବିଜେଡି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡିର ଏକ ପ୍ରତିନିଧିଦଳ ଫେରାଦ ହୋଇଛି ।

ବିଜେଡିର ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖରେ କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ସକାଳ ୮ଟାରୁ ୯ଟା ମଧ୍ୟରେ ଏକ ଶିକ୍ଷାନୁଷ୍ଠାନ ପରିସରରେ ରାଜନୈତିକ ବୈଠକ କରିଥିଲେ । ଫଳରେ ନିର୍ବାଚନ ଆଚରଣବିଧି ଏଠାରେ ଉଲ୍ଲଂଘନ ହୋଇଛି । ତେଣୁ ଉକ୍ତ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି ବିଜେଡି ପ୍ରତିନିଧି ଦଳ । ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ଅନ୍ୟ ନେତୃବୃନ୍ଦ ସାମିଲ ଥିଲେ ।

# ରତନ ଟାଟାଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୧

ଭୁବନେଶ୍ୱର (ସବ୍ୟୁ): ବିଶ୍ୱର ବିଶିଷ୍ଟ ଶିଳ୍ପପତି, ସମାଜସେବୀ ତଥା ଟାଟାଗ୍ରୁପ୍ର ଚେୟାରମ୍ୟାନ୍ ଏମେରିଟସ୍ ରତନ ଟାଟାଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୧ ସୋମବାର ପ୍ରଦାନ କରାଯାଇଛି । ସୋମବାର ମୁମ୍ବାଇସ୍ଥିତ ରତନ ଟାଟାଙ୍କ ବାସଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟାଟା ଗ୍ରୁପ୍ର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଓ ତିନି ଥର ଗ୍ରାମି ପୁରସ୍କାର ବିଜେତା ରିକି କେଜ୍ଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରତନ ଟାଟାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଓ କର୍ପୋରେଟ୍ ନେତୃତ୍ୱ କ୍ଷେତ୍ରରେ ସେ ସୃଷ୍ଟି କରିଥିବା ଉଦାହରଣ ପାଇଁ ତାଙ୍କୁ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ପ୍ରଦାନ କରାଯାଇଛି । ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟଗତ କାରଣରୁ ରତନ ଟାଟା ବାହାରକୁ ଯାଉ ନ ଥିବା କାରଣରୁ ତାଙ୍କ ବାସଭବନରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।

ଏହି ସମ୍ମାନ ଗ୍ରହଣ କରିବା ସହ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ରତନ ଟାଟା କହିଲେ ଏହି ସମ୍ମାନ ମୋତେ ପ୍ରଦାନ କରିଥିବାରୁ ମୁଁ ବହୁତ ଖୁସି । ଏହା ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ସେ କହିଥିଲେ । ସାଧାରଣତଃ ରତନ ଟାଟା କୌଣସି ପୁରସ୍କାର ଗ୍ରହଣ କରି ନ ଥାନ୍ତି । ମାତ୍ର କିସ୍



ହ୍ୟୁମାନିଟାରିଆନ୍ ସମ୍ମାନର ଗୁରୁତ୍ୱ ଉପଲବ୍ଧି କରି ସେ ଏହି ସମ୍ମାନ ଗ୍ରହଣ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ । ୨୦୨୧ରେ ଶ୍ରୀ ଟାଟାଙ୍କୁ ଏହି ସମ୍ମାନ ଗ୍ରହଣ କରିବା ପାଇଁ ଶ୍ରୀ ସାମନ୍ତ ଅନୁରୋଧ କରିଥିଲେ । କୋଭିଡ୍ ମହାମାରୀ ଯୋଗୁଁ ୨୦୨୧ରେ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇପାରି ନ ଥିଲା ।

ରତନ ଟାଟା ଭାରତର ଏକ ଜଣାଶୁଣା ନାଁ ଏବଂ ସେ ଜଣେ ଅତି ଭଲ ଲୋକ । ତାଙ୍କୁ ଆଜି ଏହି ସମ୍ମାନ ପ୍ରଦାନ କରି ନିଜକୁ ଗୌରବାନ୍ୱିତ ମନେକରୁଛି ବୋଲି ଶ୍ରୀ ସାମନ୍ତ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଶ୍ରୀ ସାମନ୍ତ କହିଲେ, ରତନ ଟାଟାଙ୍କ ସମାଜସେବା ଓ ନେତୃତ୍ୱ ମୋତେ ପିଲାଦିନୁ ପ୍ରଭାବିତ କରିଥିଲା । ପିଲାଦିନରୁ ମୁଁ ରତନ ଟାଟାଙ୍କୁ ସମ୍ମାନ ଦେବା ସହ ତାଙ୍କୁ ସେ ଭଲ ପାଇ ଆସୁଛି । ସମୟ ଥିଲା ଦିନେ ମୋ ବାପା ଟାଟା କମ୍ପାନୀରେ ଏକ ଛୋଟ କର୍ମଚାରୀ ଥିଲେ । ମୋତେ ଯେତେବେଳେ ମାତ୍ର ୪ବର୍ଷ ବୟସ ହୋଇଥିଲା, ସେତେବେଳେ ମୋ ବାପା ଏକ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ସେବେଠାରୁ ମୁଁ ରତନ ଟାଟାଙ୍କୁ ସମ୍ମାନ ଦେବା ସହ ଭଲ ପାଇ ଆସୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏହି ଅବସରରେ କିସ୍ର ୪୦ ହଜାର ଛାତ୍ରଛାତ୍ରୀ ରତନ ଟାଟାଙ୍କ ସୁସ୍ଥ, ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି ।

### କଟକ ସଦର ନିର୍ବାଚନମଣ୍ଡଳୀ

# ଚନ୍ଦ୍ରସାରଥୀଙ୍କୁ ଟକ୍କର ଦେବେ ପ୍ରକାଶ ନା ରାମଚନ୍ଦ୍ର !

କଟକ, (**ସମୀର କର**): କଟକ ସଦର ସଂରକ୍ଷିତ ନିର୍ବାଚନମଣ୍ଡଳୀରେ ତୃତୀୟ ଥର ପାଇଁ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା। ଗଲା ଦୁଇଟି ନିର୍ବାଚନରେ ଚନ୍ଦ୍ରସାରଥି ବିଜୟୀ ହୋଇଥିବା ବେଳେ ଏଥର କିନ୍ତୁ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବଦଳି ଯାଇଛନ୍ତି । ଚନ୍ଦ୍ରସାରଥିଙ୍କୁ ଗଲା ଦୁଇଟି ନିର୍ବାଚନରେ ଲଢେଇ କରି ଆସୁଥିବା ବରିଷ୍ଠ ନେତା ଦିଲୀପ ମଲ୍ଲିକଙ୍କୁ ଏଥର ବିଜେପି ଟିକେଟ ନଦେଇ ତାଙ୍କ ଜାଗାରେ ନବାଗତ ଇଂ ପ୍ରକାଶ ସେଠୀଙ୍କୁ ପ୍ରାର୍ଥୀ କରିଛି । ଯେକି ପୂର୍ବରୁ ଉତ୍କଳ ବିକାଶ ପରିଷଦ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗଢ଼ି ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଥିଲେ । କଂଗ୍ରେସ ବି ଏଥର ରାମଚନ୍ଦ୍ର ଗୋଛାୟତଙ୍କୁ ନୂଆ ଚେହେରା ଭାବେ ମୈଦାନ ଛାଡ଼ିଛି। ସେ ମଧ୍ୟ ଗତକିଛି ଦିନ ଧରି କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଥିଲେ ।

ଦିଲ୍ଲୀପ ଅଥବା ତାଙ୍କ ଅନ୍ୟତମ ଆଶାୟୀ ପ୍ରାର୍ଥୀ ତାଙ୍କ ଅନୁଗତ ପ୍ରଦୀପ ବେହେରାଙ୍କୁ ଟିକେଟ ନମିଳିବା ଘଟଣାକୁ ନେଇ ସେ ଓ ତାଙ୍କ ସମର୍ଥକ ଅସନ୍ତୁଷ୍ଟ ଥିବାବେଳେ ଆଗାମୀଦିନରେ ସେମାନଙ୍କ ଭୂମିକା ସଦର ଫଳାଫଳକୁ ପ୍ରଭାବିତ କରିବ ବୋଲି କୁହାଯାଉଛି । ପ୍ରାର୍ଥିତ୍ୱ ସମ୍ପର୍କରେ ଚନ୍ଦ୍ରସାରଥି କହିଛନ୍ତି, ସଦର ଅଞ୍ଚଳରେ ଗଲା ୧୦ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ନେଇ ସେ ପୁଣି ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରିବେ । ଅପରପକ୍ଷେ, ସଦର ଅଞ୍ଚଳରେ ଚାଲିଥିବା ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ତାଙ୍କ ନିର୍ବାଚନର ପ୍ରସଙ୍ଗ ହେବ ବୋଲି ଇଂ ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି । ସେ ପୂର୍ବରୁ ବିଭିନ୍ନ ସମୟରେ ତାଙ୍କ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳ ବିକାଶ ପରିଷଦ ମାଧ୍ୟମରେ ବ୍ଲକ୍ରେ ପିସି କାରବାର ଓ ଦୁର୍ନୀତିକୁ ପ୍ରସଙ୍ଗ କରି ବିକ୍ଷୋଭ ଓ ଦାବିପତ୍ର ଦେଇ ବେଶ୍ ନାଁ କମେଇଛନ୍ତି ଯାହା ତାଙ୍କ ବିଜୟ କ୍ଷେତ୍ରରେ ମୂଳ ପୁଞ୍ଜି ହେବ ବୋଲି ସେ କହିଛନ୍ତି। ସେହିପରି, କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ରାମଚନ୍ଦ୍ର ଗୋଛାୟତ କହିଛନ୍ତି, ରାସ୍ତାଘାଟ ଠାରୁ ଆରମ୍ଭ କରି ଶୀତଳଭଣ୍ଡାର ଓ ଶାସକ ଦଳର ପରିବାରବାଦ ରାଜନୀତିକୁ ପ୍ରସଙ୍ଗ କରି ଲୋକଙ୍କ ପାଖକୁ ଯିବେ ଓ ଭୋଟ୍ ମାଗିବେ । କଟକ ସଦର ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୧୬ ହଜାର ୫୪ ଜଣ ପୁରୁଷ, ୧ ଲକ୍ଷ ୧୧ ହଜାର ୫୫ଜଣ ମହିଳା, ୨୨ଜଣ ଅନ୍ୟାନ୍ୟ ବର୍ଗର ଭୋଟର ଅଛନ୍ତି । ମୋଟ୍ ୨ ଲକ୍ଷ ୨୭ ହଜାର ୧୩୧ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଦେଖିବାକୁ ବାକି ରହିଲା ହାତୀ କାହା ମୁଣ୍ଡରେ ସୁନାକଳସ ଢାଳୁଛି ।





### କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର

## ପକ୍ଷୀ ସୁରକ୍ଷା ଅଭିଯାନ

ପାଞ୍ଚପୀଢ଼ି ,(ସବ୍ୟୁ) :ବିଶ୍ ପୃଥିବୀ ଦିବସ ଉପଲକ୍ଷେ ପ୍ରଚଣ୍ଡ ଖରାରୁ ପକ୍ଷୀମାନଙ୍କ ପାଣି ପିଇବା ନିମନ୍ତେ ମହାବିଦ୍ୟାଳୟର ପରିସରରେ ଅନେକ ବୃକ୍ଷରେ ପାଣୀ ପାତ୍ର ଟଙ୍ଗା ଯାଇଛି।ମହାବିଦ୍ୟାଳୟର ଅଧକ୍ଷ ମାନନୀୟ ଯୋଗେଶ୍ୱର ମହାନ୍ତଙ୍କ ଅଧକ୍ଷତାରେ ଗୀତାଞ୍ଜଳି ବିଟିଆ ସିପୁନ କୁମାର ଦାସ ଓ ସ୍ୱେଚ୍ଛାସେବୀ ସ୍ୱପ୍ନା ମହାନ୍ତ, ରେଷ୍ମା ନାୟକ, ସାଗରିକା ପଟ୍ଟନାୟକ, ନିକିତା ସାହା,ରଣିସିଂ ଖୁଣ୍ଟିଆ, ସୁଭଲକ୍ଷ୍ମୀ ରାଉ୍ ସନତ ଶେଖର ଉପସ୍ଥିତ ରହି ସାହାଯୋଗ କରିଥଲେଛ ବରିଷ୍ଠ ପ୍ରାଧାପକ ମନୋଜ ସାହୁ ଓ କାଳନ୍ଦୀ ପ୍ରଧାନ ଉପସ୍ଥିତ ରହି ପରିବେଶ ସୁରକ୍ଷା ପାଇଁ ପ୍ରେରିତ କରିଥଲେ।

# ବିଧାୟକ ପ୍ରାର୍ଥୀ ଘୋଷଣା ବାକି: ବିଗୁଲ ବଜାଇଲେ ପ୍ରତାପ ଷଡ଼ଙ୍ଗୀ

ନୀଳଗିରି,(ସବ୍ୟୁ) : ଭାରତୀୟ ଜନତା ପାର୍ଟି ନୀଳଗିରି ବିଧାନସଭା କ୍ଷେତ୍ର ତରଫରୁ ପଞ୍ଚଲିଙ୍ଗେଶ୍ୱର ମଣ୍ଡଳରେ ଏକ ମଣ୍ଡଳସ୍ତରୀୟ ଜନସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ଚନ୍ଦ୍ର ବିନ୍ଦୁ ଦାସ, ରେଣୁ ବିଶ୍ୱାଳ, ସମର ଶଙ୍କର କାନୁନଗୋ, ପଦ୍ମଜା କାନୁନଗୋ, ବଳରାମ ବିଶ୍ୱାଳ, କାଣ୍ଡଗରଡ଼ି ସରପଞ୍ଚ ପ୍ରମୁଖ ମଂଚାସୀନ ଥିଲେ । ଶତାଧିକ ବିଜେପି ସମର୍ଥକଙ୍କ ଉପସ୍ଥିତିରେ ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ଏ ଥର ନୀଳଗିରିରେ ଡବଲ ଇଞ୍ଜିନ ସରକାର ହେବ । ୨୦୧୯ରୁ ୨୪ ମଧ୍ୟରେ କୋରନାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବାଲେଶ୍ୱର ଓ ନୀଳଗିରି କ୍ଷେତ୍ରରେ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଥିବାର ହିସାବ ଦେଇଥିଲେ । ଯେଉଁମାନେ ଦଳପ୍ରତି ବିଶ୍ୱାସ ଘାତକ କରିଛନ୍ତି ସେମାନଙ୍କୁ ନୀଳଗିରି ଗଡ଼ଜାତର ସ୍ୱାଭିମାନ ଜନସାଧାରଣ ଗ୍ରହଣ କରିବେ ନାହିଁ ବୋଲି ମତପ୍ରକାଶ କରିଥିଲେ । ଭାରତୀୟ ଜନତା ପାର୍ଟିର ଶତାଧିକ ସମର୍ଥକ ନୀଳଗିରି ଏବଂ ବାଲେଶ୍ୱରରେ ଆଉଥରେ ପଦ୍ମଫୁଟାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଜନସଭାରେ ସଙ୍କଳ୍ପ ନେଇଥିଲେ । ତେବେ ଏପର୍ଯ୍ୟନ୍ତ ନୀଳଗିରି ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀ ଘୋଷଣା ହୋଇ ନଥିବା ବେଳେ ଖୁବ୍ ଶୀଘ୍ର ଦଳତରଫରୁ ନୀଳଗିରିରେ ବିଧାୟକ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ ।



# ସମ୍ବଲପୁର ଲୋକସଭା ଆସନ : ବଢୁଛି ରାଜନୈତିକ ଉଷ୍ମତା





ସମ୍ବଲପୁର,(ସବ୍ୟୁ): ପଶ୍ଚିମଓଡ଼ିଶାର ପ୍ରାଣକେନ୍ଦ୍ର ଭାବେ ସମ୍ବଲପୁର ପରିଚିତ । ଏହାର ଲୋକସଭା ନିର୍ବାଚନ ମଣ୍ଡଳୀ ରାଜ୍ୟ ରାଜନୀତିରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହି ଅଞ୍ଚଳର ନିର୍ବାଚନ ଫଳାଫଳ ପଶ୍ଚିମଓଡ଼ିଶା ଉପରେ ପ୍ରଭାବ ମଧ୍ୟ ପକାଇଥାଏ । ୧୯୫୨ ମସିହାରେ ସୀମା ପୁନଃ ନିର୍ଦ୍ଧାରଣ ପରେ ଏହି ସଂସଦୀୟ କ୍ଷେତ୍ରର ଭୋଟର, ପରିସୀମା ଓ ଜନସଂଖ୍ୟାର ଗୁରୁତ୍ୱ ରହିଛି। ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର ଓ ରେଢାଖୋଲ, ଦେବଗଡ ଜିଲ୍ଲାର ଦେବଗଡ, ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ଏବଂ ଆଠମଲ୍ଲିକ ବିଧାନସଭା ଅଞ୍ଚଳକୁ ନେଇ ଏହା ଗଠିତ। ବର୍ତ୍ତମାନ ସୁଦ୍ଧା ଅନୁଷ୍ଠିତ ୧୭ଲୋକସଭା ନିର୍ବାଚନରେ ଏହି ଆସନରୁ ୭ଥର କଂଗ୍ରେସ, ୪ଥର ବିଜେଡି ଓ ଜନତା ଦଳ, ୧ଥର ଭାରତୀୟ ଜନତାପାର୍ଟି, ସୋସିଆଲିଷ୍ଟ ପାର୍ଟି ଓ ଭାରତୀୟ ଲୋକ ଦଳର ଜଣେ ଲେଖାଏଁ ଓ ଗଣତନ୍ତ୍ର ପରିଷଦର ୩ଜଣ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଏକାକୀ କଂଗ୍ରେସକୁ ଅଧିକ ଥର ଏହି ଆସନ ସୁଯୋଗ ଦେଇଛି। ଏଥିରେ ଡ. ଶ୍ରଦ୍ଧାକର ସୁପକାର, କିଶନ ପଟ୍ଟନାୟକ, ବନମାଳି ବାବୁ, ଡା. କୃପାସିନ୍ଧୁ ଭୋଇଙ୍କ ଭଳି ପ୍ରତିଷ୍ଠିତ ବୁଦ୍ଧିଜୀବୀଙ୍କୁ ଏହି ଆସନ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ସହ ରାଜ୍ୟ ଓ ଜାତୀୟସ୍ତରରେ ରାଜନୈତିକ ପରିଚୟ ସୃଷ୍ଟି କରିପାରିଛି। ଡା. କୃପାସିନ୍ଧୁ ଏହି ସଂସଦୀୟ କ୍ଷେତ୍ରର ଏକମାତ୍ର ସାଂସଦ ଯିଏକି କେନ୍ଦ୍ରର କଂଗ୍ରେସ ସରକାରରେ କିଛି ସମୟ ପାଇଁ ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ପଦ ପାଇଥିଲେ। ଡ. ସୁପକାର ଜଣେ ପ୍ରଖ୍ୟାତ୍ ଶିକ୍ଷାବିତ୍ ଓ ଆଇନଜ୍ଞ ଥିଲେ। ସେହିପରି କିଶନ ପଟ୍ଟନାୟକ ପୁନେର ପ୍ରଖ୍ୟାତ ଫର୍ଗୁନସ୍ କଲେଜରୁ ଅର୍ଥନୀତିରେ ସ୍ନାତକୋତ୍ତର ପରେ ଅଧ୍ୟାପନା କରୁଥିଲେ। ତେବେ ରାଜନୀତି ନିଶା ଯୋଗୁଁ ସେ ଚାକିରୀ ଛାଡି ଦେଇଥିଲେ। ବନମାଳୀ ବାବୁ ପାଟଣା ବିଶ୍ୱବିଦ୍ୟାଳୟ ଆଇନରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ସେ ଏହି ପେଶାରେ ଥାଇ ମ୍ୟୁନସିପାଲଟି କାଉନସିଲର ଭାବେ ରାଜନୀତିକୁ ଓହ୍ଲାଇଥିଲେ। ଡା. କୃପାସିନ୍ଧୁ ଭୋଇ ଭିଏସ୍ଏସ୍ ମେଡିକାଲ କଲେଜରୁ ଡାକ୍ତରୀ ଡିଗ୍ରୀ ହାସଲ କରିବା ପରେ ରାଜନୀତିରେ ପ୍ରବେଶ କରିଥିଲେ।

୧୯୭୧ରେ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଥିଲା । ବହୁମୁଖି ପ୍ରତିଦ୍ୱନ୍ଦିତାରେ ରାଜ୍ୟ ତଥା ଦେଶର ରାଜନୀତିରେ ପରିଚୟ ସୃଷ୍ଟି କରିଥିବା ୪ଜଣ ହେଭିୱେଟ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ସେହିବର୍ଷ କଂଗ୍ରେସରେ ଜାତୀୟ ସ୍ତରରେ ବଡ ଧରଣ ବିଭାଜନ ଘଟିଥିଲା । ୧୯୬୭ରେ କଂଗ୍ରେସ ଟିକେଟ୍ରେ ଲୋକସଭାକୁ ନିର୍ବାଚିତ ହୋଇଥିବା ଡ. ଶ୍ରଦ୍ଧାକର ସୁପକାର ସେଥର କଂଗ୍ରେସ(ସଂଗଠନ) ଦଳ ପକ୍ଷରୁ, ୧୯୬୧ରେ ସମ୍ବଲପୁର ଲୋକସଭାକୁ ନିର୍ବାଚିତ ହୋଇଥିବା ସମାଜବାଦୀ ନେତା କିଶନ ପଟ୍ଟନାୟକ, ବ୍ରଜରାଜନଗର ବିଧାୟକ ପ୍ରସନ୍ନ ପଣ୍ଡା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ସମ୍ବଲପୁର ସଦର ଆସନରୁ ବିଧାନସଭାକୁ ୨ୟ ବାର ନିର୍ବାଚିତ ହୋଇଥିବା ବନମାଳୀ ବାବୁ ମୂଳ ଜାତୀୟ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ । ଏହି ରୋଚକ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନ ଜାତୀୟ କଂଗ୍ରେସ ହାତକୁ ଯାଇଥିଲା। ୧୯୯୮ମସିହାରୁ ଲଗାତାର ୩ଥର ପ୍ରସନ୍ନ ଆଚାର୍ଯ୍ୟ ବିଜୁ ଜନତା ଦଳର ପ୍ରାର୍ଥୀ ହୋଇ ନିର୍ବାଚନରେ ବିଜୟ ଲାଭ କରିଥିଲେ। ୨୦୦୯ମସିହାରେ ବିଜେଡିର ରୋହିତ ପୂଜାରୀ ଏହି ଆସନରୁ ନିର୍ବାଚନ ଲଢ଼ିଥିବା ବେଳେ କଂଗ୍ରେସର ଅମରନାଥ ପ୍ରଧାନ ୩ଲକ୍ଷ ୪ହଜାର ୮୯୦ଟି ଭୋଟ୍ ପାଇ ବିଜୟ ଲାଭ କରିଥିଲେ। ଏହାପରେ ୨୦୧୪ନିର୍ବାଚନରେ ବିଜେଡିର ନଗେନ୍ଦ୍ର କୁମାର ପ୍ରଧାନଙ୍କୁ ଟିକେଟ୍ ଦିଆଯାଇଥିଲା। ସେ ୩ଲକ୍ଷ ୫୮ହଜାର ୬୧୮ଖଣ୍ଡ ଭୋଟ୍ ପାଇ ନିର୍ବାଚନ ବୈତରଣୀ ପାରି ହୋଇଥିଲେ। ୨୦୦୯ନିର୍ବାଚନରେ ବିଜୟୀ ହୋଇଥିବା କଂଗ୍ରେସର ଅମରନାଥ ପ୍ରଧାନଙ୍କୁ ୨ଲକ୍ଷ ୪୨ହଜାର ୧୩୧ଟି ଭୋଟ ଓ ଭାଜପାର ସୁରେଶ ପୂଜାରୀଙ୍କୁ ୩ଲକ୍ଷ ୨୮ହଜାର ୪୨ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ତେବେ ୨୦୧୯ରେ ତିନି ପ୍ରମୁଖ ଦଳ ନୂଆନୂଆ ଚେହେରାକୁ ପ୍ରାର୍ଥୀ କରିଥିଲେ। ବିଜେପି ପ୍ରଥମ ଥର କରି ଏହି ଆସନ ୨୦୧୯ରେ ଅକ୍ତିଆର କରିଛି । ଦଳ ପକ୍ଷରୁ ନିତେଶ ଗଙ୍ଗଦେବ ୪ଲକ୍ଷ୭୩ହଜାର ୭୭୦ଖଣ୍ଡ ପାଇଥିବା ବେଳେ କଂଗ୍ରେସର ଶରତ ପଟ୍ଟନାୟକ ୧ଲକ୍ଷ ୩୫ହଜାର୯୬୯ଖଣ୍ଡ ଓ ବିଜେଡିର ନଳିନୀ ପ୍ରଧାନ ୪ଲକ୍ଷ୬୪ହଜାର୬୦୮ ଖଣ୍ଡ ଭୋଟ ପାଇଥିଲେ।

ଆସନ୍ତା ମେ ୨୫ତାରିଖରେ ସମ୍ବଲପୁର ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହେବ । ୩ପ୍ରମୁଖ ରାଜନୈତିକ ଦଳ ନିଜ ନିଜର ପ୍ରାର୍ଥୀ ଘୋଷଣା କରିଛନ୍ତି । ଏଥିସହ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଦଳଗୁଡିକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ବିଶେଷ ଭାବେ ଭାଜପା ଓ ବିଜେଡି ଏହି ଆସନକୁ ଅକ୍ତିଆର କରିବାକୁ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେପି, ଦୁଲାଲଚନ୍ଦ୍ର ପ୍ରଧାନ କଂଗ୍ରେସ ଓ ବିଧାୟକ ପ୍ରଣବ ପ୍ରକାଶ ଦାସ ବିଜେଡି ଦଳରୁ ପ୍ରାର୍ଥୀ ହୋଇଛନ୍ତି । ବିଜେପି ଓ ବିଜେଡି ରାଜନୈତିକ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଦଳ ନୂଆଁ ଚେହେରାକୁ ଆପଣେଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ପିତା ଡା. ଦେବେନ୍ଦ୍ର ପ୍ରଧାନ ପୂର୍ବରୁ ଦେବଗଡ ଲୋକସଭାରୁ ନିର୍ବାଚିତ ହୋଇଥିଲେ । ଏହି ଦେବଗଡ ସଂସଦୀୟ କ୍ଷେତ୍ରରେ ଦେବଗଡ, ରେଙ୍ଗାଲି, କୁଚିଣ୍ଡା ପ୍ରଭୃତି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିଲା । ବର୍ତ୍ତମାନ ଏସବୁ ସମ୍ବଲପୁର ଲୋକସଭା କ୍ଷେତ୍ରରେ ରହିଛି । ସେହିପରି ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବଲପୁର ବିଜେଡ଼ିର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା । ସେ ଦଳୀୟ ସଙ୍ଗଠନ ସଜାଡିବା ସହ ପଡ଼ୋଶୀ ଝାରସୁଗୁଡ଼ା, ବ୍ରଜରାଜନଗର ଉପନିର୍ବାଚନ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗୁଡିକରେ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଅନ୍ୟପଟେ କ୍ରୀଡା ସଙ୍ଗଠକ ଭାବେ ପରିଚିତ ଦୁଲାଲଙ୍କ ପରିବାର ରେଢାଖୋଲ ରାଜନୀତିରେ ବେଶ ସକ୍ରୀୟ ଅଟନ୍ତି । ଛାତ୍ର ଜୀବନରୁ ସେ ରାଜନୀତି ଆରମ୍ଭ କରିଛନ୍ତି । କଂଗ୍ରେସର ବିଭିନ୍ନ ପଦପଦବୀରେ ରହିବା ସହ ଦାୟିତ୍ୱ ତୁଲାଇଛନ୍ତି । ବର୍ତ୍ତମାନ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପଦବୀରେ ଥିବାବେଳେ ଦଳ ତାଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ କରିଛି । ତେବେ ସମ୍ବଲପୁରରେ ଅନ୍ୟୂନ୍ୟ ୪ଟି ବିଧାନସଭା ମଣ୍ଡଳୀରେ ଯେଉଁ ଦଳ ଆଖିଦୃଶିଆ ଭୋଟ୍ ହାସଲ କରିବ ସେହି ଦଳର ପ୍ରାର୍ଥୀ ବିଜୟ ମୁକୁଟ ପିନ୍ଧିବାର ସମ୍ଭାବନା ରହିଛି।

## ସମ୍ବଲପୁର ଲୋକସଭା ଆସନର ସାଂସଦମାନେ

| କ୍ର.ନଂ | ମସିହା | ନିର୍ବାଚିତ ପ୍ରତିନିଧି | ଦଳ | ଭୋଟ୍ ସଂଖ୍ୟା |
|---|---|---|---|---|
| ୧ | ୧୯୫୧ | ନଟବର ପାଣ୍ଡେ | ଗଣତନ୍ତ୍ର ପରିଷଦ | ୭୦,୬୨୨ |
| ୨ | ୧୯୫୭ | ଡ. ଶ୍ରଦ୍ଧାକର ସୁପକାର | ଗଣତନ୍ତ୍ର ପରିଷଦ | ୧,୩୧,୯୭୪ |
| | | ବନମାଳୀ କୁମ୍ଭାର | ଗଣତନ୍ତ୍ର ପରିଷଦ | ୧,୩୪,୧୨୭ |
| ୩ | ୧୯୬୧ | କିଶନ ପଟ୍ଟନାୟକ | ସୋସିଆଲିଷ୍ଟ ପାର୍ଟି | ୩୭,୦୦୯ |
| ୪ | ୧୯୬୭ | ଡ. ଶ୍ରଦ୍ଧାକର ସୁପକାର | ଜାତୀୟ କଂଗ୍ରେସ | ୫୭,୩୪୯ |
| ୫ | ୧୯୭୧ | ବନମାଳୀ ବାବୁ | ଜାତୀୟ କଂଗ୍ରେସ | ୭୯,୭୮୮ |
| ୬ | ୧୯୭୭ | ଗଣନାଥ ପ୍ରଧାନ | ଭାରତୀୟ ଲୋକଦଳ | ୧,୭୬,୨୨୧ |
| ୭ | ୧୯୮୦ | ଡା. କୃପାସିନ୍ଧୁ ଭୋଇ | ଜାତୀୟ କଂଗ୍ରେସ(ଇ) | ୧,୭୩,୦୭୦ |
| ୮ | ୧୯୮୪ | ଡା.କୃପାସିନ୍ଧୁ ଭୋଇ | ଜାତୀୟ କଂଗ୍ରେସ | ୨,୪୯,୬୬୨ |
| ୯ | ୧୯୮୯ | ଭବାନୀ ଶଙ୍କର ହୋତା | ଜନତା ଦଳ | ୩,୨୨,୨୭୦ |
| ୧୦ | ୧୯୯୧ | ଡା.କୃପାସିନ୍ଧୁ ଭୋଇ | ଜାତୀୟ କଂଗ୍ରେସ | ୨,୨୩,୨୧୩ |
| ୧୧ | ୧୯୯୬ | ଡା.କୃପାସିନ୍ଧୁ ଭୋଇ | ଜାତୀୟ କଂଗ୍ରେସ | ୨,୯୨,୮୯୪ |
| ୧୨ | ୧୯୯୮ | ପ୍ରସନ୍ନ ଆଚାର୍ଯ୍ୟ | ବିଜୁ ଜନତା ଦଳ | ୩,୧୦,୮୭୦ |
| ୧୩ | ୧୯୯୯ | ପ୍ରସନ୍ନ ଆଚାର୍ଯ୍ୟ | ବିଜୁ ଜନତା ଦଳ | ୩,୯୮,୫୯୭ |
| ୧୪ | ୨୦୦୪ | ପ୍ରସନ୍ନ ଆଚାର୍ଯ୍ୟ | ବିଜୁ ଜନତା ଦଳ | ୩,୯୦,୫୫୬ |
| ୧୫ | ୨୦୦୯ | ଅମରନାଥ ପ୍ରଧାନ | ଜାତୀୟ କଂଗ୍ରେସ | ୩,୦୪,୮୯୦ |
| ୧୬ | ୨୦୧୪ | ନଗେନ୍ଦ୍ର ପ୍ରଧାନ | ବିଜୁ ଜନତା ଦଳ | ୩,୫୮,୬୧୮ |
| ୧୭ | ୨୦୧୯ | ନିତେଶ ଗଙ୍ଗଦେବ | ଭାରତୀୟ ଜନତା ପାର୍ଟି | ୪,୭୩, ୭୭୦ |

# ବିଜେଡିର ବରିଷ୍ଠ ଉପସଭାପତି ବିଦ୍ୟାଧର କୁଅଁର ବିଜେପିରେ

## ନିବେଦିତା ନାୟକ ବି ହେଲେ ସାମିଲ



ଭୁବନେଶ୍ୱର (ସବ୍ୟୁ): ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ଉପସଭାପତି ବିଦ୍ୟାଧର କୁଅଁର ଏବଂ ବିଜୁ ମହିଳା ଜନତା ଦଳର ବରିଷ୍ଠ ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ନିବେଦିତା ନାୟକ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପଶ୍ଚିମଓଡ଼ିଶା କଳାକାର ସାମୁଖ୍ୟର ସଂଯୋଜକ ସରୋଜ କୁମାର ଭୂୟାଁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅନିଲ କୁମାର ଗୁରୁ, କେନ୍ଦୁଝର ଜିଲ୍ଲା ବାସିନ୍ଦା ଯୁବ ସଂଗଠକ ପ୍ରଶାନ୍ତ କୁମାର ଦଳାଇ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଜୁଏଲ ଓରାମ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ଶ୍ରୀ ସାମଲ ସଦସ୍ୟତା କରାଇଥିଲେ।

# ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନୀଳଗିରି ବାସୀଙ୍କ ପାଇଁ ସେବା କରିବି: ଚିତ୍ତ

ନୀଳଗିରି,(ସବ୍ୟୁ) :ନୀଳଗିରିର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଚିତ୍ତରଂଜନ ଷଡ଼ଙ୍ଗୀ ସୋମବାର ଅପାରାହ୍ନରେ ନିଜ ସେନାପତି ପ୍ରେସ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଶା ସମେତ ନୀଳଗିରି ନିର୍ବାଚନ ମଣ୍ଡଳୀରେ ହୋଇଥିବା ବ୍ୟାପକ ଦୁର୍ନୀତି, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପାଣି ସମସ୍ୟା, ରେସନ କାର୍ଡ ଦୁର୍ନୀତି, ବ୍ୟାପକ ଖଣିଜ ସମ୍ପଦ ହରିଲୁଟ, ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ଆଦି ବିଭିନ୍ନ ବିଷୟ ନେଇ କ୍ଷୋଭ ପ୍ରକାଶ କରିଥିଲେ । ସାଧାରଣ ଜନତା ଆବାସ ଯୋଜନାରେ ଘର ପାଇବାରେ ପ୍ରକୃତ ହିତାଧିକାରୀ ଚୟନରେ ଦୁର୍ନୀତି ସହିତ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି । ନୀଳଗିରି ଭାରତବର୍ଷର ପ୍ରଥମ ଗଡ଼ଜାତ ଯିଏକି ନିଜେ ଲଢେଇ କରି ସାମିଲ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉପଯୁକ୍ତ ସମ୍ମାନ ମିଳିନାହିଁ । ନୀଳଗିରିରୁ ଲକ୍ଷଲକ୍ଷ କୋଟି ଟଙ୍କାର ପଥର ଓ କାଠ ଯାଉଥିଲେ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନୀଳଗିରିକୁ ଦେଇଛନ୍ତି କେତେ ଓ ନେଇଛନ୍ତି କେତେ ବୋଲି ଶ୍ରୀ ଷଡ଼ଙ୍ଗୀ ପ୍ରଶ୍ନ କରିଥିଲେ । ଏଥି ସହିତ ନୀଳଗିରି କୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା କରିବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବେ ବୋଲି କହିଥିଲେ । ଏହିଭଳି ବିଭିନ୍ନ ପ୍ରଶ୍ନ ଉପସ୍ଥାପନା କରିବା ସହିତ ଏହାର ସମାଧାନ ପାଇଁ ଯୁବ ସମାଜ ଆଗେଇ ଆସିବାକୁ ଅନୁରୋଧ କରିଥିଲେ । ଏହାଛଡ଼ା ଆଗାମୀ ଦିନରେ ଯଦି ସେ ନୀଳଗିରି ମାଟିରୁ ନିର୍ବାଚନ ନଲଢନ୍ତି ତାହେଲେ ଆସନ୍ତା ଚନ୍ଦନ ପୂର୍ଣ୍ଣିମାରୁ ତେନ୍ତୁଳିଆ ଠାରୁ ଫତେପୁର ପର୍ଯ୍ୟନ୍ତ ପଦଯାତ୍ରା କରି ଲୋକମାନଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିବେ ବୋଲି ସୂଚନା ଦେଇଛନ୍ତି ।

# ହିଙ୍ଗୁଳା ଯାତ୍ରା ଭରସା ଓ ବିଶ୍ୱାସର ଅନନ୍ୟ ପରମ୍ପରା : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରାରେ ସାମିଲ ହୋଇ ମା'ଙ୍କ ଉଭାସ୍ଥଳରେ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅଗ୍ନିରୂପା ମା' ହେଉଛନ୍ତି ଶ୍ରୀକ୍ଷେତ୍ର ରୋଷଘର ଠାକୁରାଣୀ । ମା'ଙ୍କ ଦର୍ଶନ ସହ ଉଭାସ୍ଥଳରେ ପୂଜାର୍ଚ୍ଚନା କରିବା ମୋର ସୌଭାଗ୍ୟ । ଆବାହମାନକାଳରୁ ଜାରି ରହିଥିବା ଏହି ପରମ୍ପରା ଭକ୍ତଙ୍କ ଭରସା ଓ ବିଶ୍ୱାସର ପ୍ରତୀକ । ମା' ଆଶୀର୍ବାଦରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ପୂରଣ ହେଉ । ଏହାବ୍ୟତିତ ସେବା କାର୍ଯ୍ୟରେ ନିୟୋଜିତ 'ଓଡ଼ିଶା ଡ୍ରାଇଭର ମହାସଂଘ'ର କର୍ମଚାରୀ ମାନଙ୍କୁ ଭେଟି ସେମାନଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ ।

ଏହା ପରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଲେଇ ଗ୍ରାମରେ ମା' କଳାପାଟ ମନ୍ଦିର, ତୁବେ ଗ୍ରାମ ପଞ୍ଚାୟତରେ ମା' ହିଙ୍ଗୁଳା ମନ୍ଦିର, ମହାପ୍ରଭୁ ବ୍ରଜମୋହନ ମନ୍ଦିରରେ ଦର୍ଶନ କରିଥିଲେ । ଦର୍ଶନ ଲାଭ କରିବା ପରେ ସ୍ଥାନୀୟ ଅଞ୍ଚଳର ଗୁରୁଜନ ଓ ମାତୃଶକ୍ତିଙ୍କୁ ଭେଟି ମୋଦୀଙ୍କୁ ଦେଶରେ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ଓଡ଼ିଶାରେ ବିଜେପିର ସରକାର କରିବା ପାଇଁ ସହଯୋଗ କାମନା କଲି । ଜନତାଙ୍କ ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିବା ପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ ।

# ଅମ୍ବିକା ପ୍ରସାଦ ରିସର୍ଚ୍ଚ ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ପୃଥିବୀ ଦିବସ

କଟକ, (ସ୍ୱପ୍ର): ପ୍ରତି ବର୍ଷ ୨୨ ଏପ୍ରିଲକୁ ବଶ୍ୱ ପୃଥିବୀ ଦିବସ ରୂପେ ପାଳନ କରାଯାଇଥାଏ। ସୋମବାର ଏହି ଦିବସ ଅବସରରେ, କଟକ ସହର ଠାରୁ ଦୂରରେ ଥିବା ଉପଖଣ୍ଡ ଅଞ୍ଚଳରେ ଛୋଟ ଛୋଟ ପକ୍ଷୀମାନଙ୍କ ରହିବା ପାଇଁ ବସା ସ୍ଥାପନ କରିବା ଏବଂ ଖାଦ୍ୟ ଶସ୍ୟ ଦେଇ ଅମ୍ବିକା ପ୍ରସାଦ ରିସର୍ଚ୍ଚ ଫାଉଣ୍ଡେସନ୍ ପକ୍ଷରୁ ଏହି ଦିନକୁ ପାଳନ କରାଯାଇଥିଲା । ପରିବେଶ ସୁରକ୍ଷା ପାଇଁ ଜନ ସଚେତନତା ସୃଷ୍ଟି କରିବା ସହ ଆମ ଗ୍ରହର ପ୍ରାକୃତିକ ସମ୍ପଦର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଏବଂ ବାସସ୍ଥାନ ନଷ୍ଟ ଭଳି ପରିବେଶ ହାନିର ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହାର କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଥିଲେ। ଛୋଟ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଶସ୍ୟ ଏବଂ ଜଳ ଯୋଗାଇ ଆମେ ସ୍ଥାନୀୟ ବନ୍ୟଜନ୍ତୁ ସଂରକ୍ଷଣ ସହିତ ପରିବେଶ ଚେତନାରେ ସହଯୋଗ କରୁଛୁ । ଏଥିରେ ଏପିଆରଏଫର ମୁଖ୍ୟ ଡ. ସଂଜୀତ କୁମାରଙ୍କ ସହିତ ରାଜକୁମାରୀ, ସୁପ୍ରିୟା ଦେବୀ, ଶ୍ୱେତା ମିଶ୍ର, ସୁଗୀମାନି ମର୍ଣ୍ଡି, ଶୁଭଲକ୍ଷ୍ମି ରାଉତ, ନିବେଦିତା ଜେନା ପ୍ରମୁଖ ଯୋଗ ଦେଇଥିଲେ ।

## ମୋଟୋରୋଲା ଶୁଭାରମ୍ଭ କରିଛି ମୋଟୋ ଜି୬୪ ୫ଜି

ଭୁବନେଶ୍ୱର (ସବ୍ୟୁ): ଭାରତର ଶ୍ରେଷ୍ଠ ୫ଜି ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ମୋଟୋରୋଲା ଆଜି ଏହି ସେଗମେଂଟରେ ଏକ ଅଗ୍ରଣୀ ୫ଜି ସ୍ମାର୍ଟଫୋନ୍ ମୋଟୋ ଜି୬୪ ୫ଜି ଶୁଭାରମ୍ଭ କରିବାକୁ ଘୋଷଣା କରିଛି। ମୋଟୋ ଜି୬୪ ୫ଜି ବିଶ୍ୱର ପ୍ରଥମ ମିଡିଆଟେକ୍ ଡାଇମେନସିଟି ୭୦୨୫ ପ୍ରୋସେସର ଏବଂ ସେଗମେଂଟର ଶ୍ରେଷ୍ଠ ୬୦୦୦ ଏମଏଏଚ ବ୍ୟାଟେରୀ ସହିତ ୧୫ ହଜାରରୁ କମ୍ ସ୍ମାର୍ଟଫୋନ୍ ବଜାରକୁ ବ୍ୟାହତ କରୁଛି ଏବଂ କ୍ୱାଡ୍ ପିକ୍ସେଲ ଟେକ୍ନୋଲୋଜି ସହିତ ସେଗମେଂଟର ଅଗ୍ରଣୀ ଶେକ୍ ଫ୍ରି ୫୦ ଏମପି ଓଆଇଏସ୍ କ୍ୟାମେରା ମାତ୍ର ୧୪,୯୯୯ ଟଙ୍କା (ଅଫର ସହିତ ୧୩,୯୯୯ ଟଙ୍କା) ରହିଛି। ଏକ ଅଗ୍ରଣୀ ପ୍ରୋସେସର, ବ୍ୟାଟେରୀ ଏବଂ କ୍ୟାମେରା ସହିତ ଏଥିରେ ସେଗମେଂଟର ଶ୍ରେଷ୍ଠ ଇନ୍-ବିଲ୍ଟ ୧୨ ଜିବି ରାମ୍ ୨୫୬ ଜିବି ଷ୍ଟୋରେଜ୍ ସ୍ମାର୍ଟଫୋନ ରହିଛି ଯାହାର ମୂଲ୍ୟ ୧୬,୯୯୯ ଟଙ୍କା (ଅଫର ସହିତ ୧୫,୯୯୯ ଟଙ୍କା) ରହିଛି।

# ପିଏନବି ବାଲେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର (ସବ୍ୟୁ): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବାଲେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ବିଶ୍ୱଜିତ ବିଶ୍ୱାଳ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦୦୯ ରେ କୃଷି ଅଧିକାରୀ ଭାବେ ଯୋଗ ଦେଇଥିବା ଶ୍ରୀ ବିଶ୍ୱାଳ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅନ୍ୟତମ ସର୍ବ କନିଷ୍ଠ ମଣ୍ଡଳ ମୁଖ୍ୟ ଭାବେ ଏହି ସଫଳତା ଲାଭ କରିଛନ୍ତି। ଶ୍ରୀ ବିଶ୍ୱାଳ ଏହା ପୂର୍ବରୁ ଔରାଙ୍ଗବାଦ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ମଧ୍ୟ ଦେଶର ବିଭିନ୍ନ ସ୍ଥାନ ଯଥା: ମଧ୍ୟ ପ୍ରଦେଶ, ପଶ୍ଚିମ ବଙ୍ଗ ଓ ବିହାର ଆଦିରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି ଯାହା ଦ୍ୱାରା ଶ୍ରୀ ବିଶ୍ୱାଳ ଓଡିଶାରେ ତାଙ୍କର ପ୍ରଥମ କାର୍ଯ୍ୟ ଆରମ୍ଭ କରି ବାଲେଶ୍ୱର ମଣ୍ଡଳରେ ନିଜର ଜ୍ଞାନ ଓ ରଣନୀତିକ ଦୃଷ୍ଟିକୋଣର ପାରଦର୍ଶିତା ଦର୍ଶାଇ ପାରିବେ । ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୬୭ ଗୋଟି



ଶାଖାକୁ ନେଇ ଗଠିତ ଏହି ମଣ୍ଡଳର ମୋଟ ବ୍ୟବସାୟ ୫,୪୦୦ କୋଟି ଟଙ୍କା ଅଟେ। ବାଲେଶ୍ୱର ମଣ୍ଡଳରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ବିଶେଷ କରି ଏମଏସଏମଇ, ରିଟେଲ୍, କୃଷି ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଉପରେ ଗୁରୁତ୍ୱ ପ୍ରଦାନ କରିବେ । ଶ୍ରୀ ବିଶ୍ୱାଳଙ୍କ ମତରେ ଗ୍ରାହକ ସନ୍ତୁଷ୍ଟି ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ, ତେଣୁ ସେ ସମସ୍ତ ଶାଖାଗୁଡିକରେ ଉଚ୍ଚ ମାନର ଗ୍ରାହକ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ। ତାଙ୍କର ଉତ୍ସର୍ଗୀକୃତତା, ଅଭିଜ୍ଞତା ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ବାଲେଶ୍ୱର ମଣ୍ଡଳକୁ ସଫଳତା ଏବଂ ସମୃଦ୍ଧତା ଦିଗରେ ଆଗେଇ ନେବ ବୋଲି ଆଶା କରାଯାଉଛି ।

# କିଶୋର ଚନ୍ଦ୍ର ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଶ୍ୱଶୁର କିଶୋର ଚନ୍ଦ୍ର ମହାନ୍ତିଙ୍କର ସୋମବାର ପ୍ରତ୍ୟୁଷରେ ହୃଦଘାତରେ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା । ସ୍ୱର୍ଗତଃ ମହାନ୍ତି ଜଣେ ବନ୍ଧୁ ବତ୍ସଳ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ବିନ୍ଦୁ ସାଗର ମହାନ୍ତି, ବୋହୂ ତପସ୍ୱିନୀ ମହାନ୍ତି, ଜ୍ୱାଇଁ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଆଶିଷ ରଞ୍ଜନ ମହାନ୍ତି, ଦୁଇ ଝିଅ କଳ୍ପନା ମହାନ୍ତି ଓ ସ୍ନେହମୟୀ



ମହାନ୍ତିଙ୍କ ସମେତ ବିଧବା ପତ୍ନୀ ଲିଲି ମହାନ୍ତି ଉପସ୍ଥିତ ଥିଲେ । ସ୍ୱର୍ଗତଃ ମହାନ୍ତିଙ୍କ ମରଶରୀରକୁ ତାଙ୍କ ନିଜ ଗ୍ରାମ କଟକ ଜିଲ୍ଲା ନିଶ୍ଚିତକୋଇଲି ବ୍ଲକ କଟରପଡା ଗ୍ରାମକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି । ପୁତ୍ର ବିନ୍ଦୁ ସାଗର ମହାନ୍ତି ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ଦୀପକ ମହାନ୍ତି, ଫକିର ଚରଣ ନାୟକ, ରଞ୍ଜନ ମହାନ୍ତି, ବିରେନ୍ କୁମାର ମହାନ୍ତି, ପ୍ରଶନ୍ନ କୁମାର ଦାସ, ରାମ ଚରଣ ଦାସ ଜୟନ୍ତ କୁମାର ଦାସ ଓ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ଲୁଟ୍ ଉଦ୍ୟମ ବିଫଳ ଗୁଳିମାଡ଼ରୁ ବର୍ତ୍ତିରେ ଦମ୍ପତି



ଖୋର୍ଦ୍ଧା (ସବ୍ୟୁ): ବାଘମାରି ଥାନା ଅନ୍ତର୍ଗତ ବାଘମାରି – ସିମର ରାସ୍ତାରେ ସୋମବାର ଅପରାହ୍ନରେ ଏକ ମଟରସାଇକେଲ ଯୋଗେ ନିଜ ଗ୍ରାମ ସାରୁଅ ଗ୍ରାମକୁ ଉଭୟ ସ୍ୱାମୀ ସ୍ତ୍ରୀ ଫେରୁଥିବାବେଳେ ଦୁଇଜଣ ଅଜଣା ବନ୍ଧୁକଧାରୀ ସେମାନଙ୍କ ଉପରକୁ ଅଚାନକ ଗୁଳିମାଡ କରିଥିଲେ । ଗୁଳିମାଡ଼ରେ ସେମାନଙ୍କ ମଟରସାଇକେଲ ଜଖମ ହୋଇଥିବା ଜଣାପଡିଛି । ବନ୍ଧୁକଧାରୀ ଦ୍ୱୟ ହଠାତ୍ ପଛରେ ବସିଥିବା ମହିଳାଙ୍କ ବେକରୁ ସୁନା ହାର ଛିଣ୍ଡାଇ ନେବାକୁ ଉଦ୍ୟମ କରିବା ପରେ ସେ ପାଟି କରିବାରୁ ପାଖରେ କ୍ରିକେଟ ଖେଳୁଥିବା ସିମର ଗ୍ରାମର କେତେକ ଯୁବକ ଦୌଡ଼ି ଆସିଥିଲେ । ଫଳରେ ଅଜଣା ବନ୍ଧୁକଧାରୀମାନେ ଘଟଣା ସ୍ଥଳରୁ ଫେରାର ମାରିଥିଲେ । ସାରୁଅ ଗ୍ରାମର ଉଭୟ ସ୍ୱାମୀ ସ୍ତ୍ରୀ କୃପାସିନ୍ଧୁ ଜେନା ଓ ତାଙ୍କର ସ୍ତ୍ରୀ ତପସ୍ୱିନୀ ବିଶ୍ୱାଳ ଏକ ବନ୍ଧୁ ଘରୁ ଗାଁ କୁ ଫେରୁଥିବା ବେଳେ ଏଭଳି ଘଟଣା ଘଟିଥିଲା । ବାଘମାରି ଥାନା ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ସମ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ବନ୍ଧ୍ୟାଦୋଷ ଚିକିତ୍ସା ଶିବିର

ଭୁବନେଶ୍ୱର (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ଗତ ରବିବାର ଏକ ନିଃଶୁଳ୍କ ବନ୍ଧ୍ୟାଦୋଷ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡିଶାର ବିଭିନ୍ନ ଅଂଚଳରୁ ବହୁ ନିଃସନ୍ତାନ ଦମ୍ପତି ଏହି ଶିବିରରେ ଯୋଗ ଦେଇ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ସହ ଚିକିତ୍ସା କରାଇଥିଲେ।

ଭୁବନେଶ୍ୱର ସ୍ଥିତ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସେଂଟର ଫର୍ ହ୍ୟୁମାନ୍ ରିପ୍ରୋଡକ୍ସନ୍ (ସିଏଚ୍ଆର୍)ର ମୁଖ୍ୟ ପ୍ରଫେସର (ଡାକ୍ତର) ସୁଜାତା ପ୍ରଧାନ ଏହି ଶିବିରକୁ ଆସିଥିବା ଦମ୍ପତିମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ପ୍ରଦାନ କରିଥିଲେ। ପ୍ରଜନନ କ୍ଷମତା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ବହୁ ଦମ୍ପତି ପରାମର୍ଶ ଗ୍ରହଣ କରିଥିଲେ।

ଏହି ଅଂଚଳର ରୋଗୀ ଯେଉଁମାନେ କି ବନ୍ଧ୍ୟାଦୋଷରେ ପୀଡିତ ସେମାନଙ୍କ ସମସ୍ୟା କିପରି ଠିକ୍ ଭାବରେ ନିରୂପଣ କରାଯାଇପାରିବ ଓ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇପାରିବ ତାହା ହିଁ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଫେସର ପ୍ରଧାନ କହିଛନ୍ତି । ପ୍ରଥମେ ବନ୍ଧ୍ୟାଦୋଷର କାରଣ ଚିହ୍ନଟ କରିବା ପରେ ତତ୍ ଉପଯୋଗୀ ଚିକିତ୍ସା ସମ୍ପର୍କରେ ଦମ୍ପତିଙ୍କୁ ପରାମର୍ଶ ଦିଆଯିବ ବୋଲି ସେ କହିଛନ୍ତି ।

ଗତ ମାର୍ଚ୍ଚ ମାସରେ ମଧ୍ୟ ଏଭଳି ଏକ ଶିବିରର ଆୟୋଜନ କରାଯାଇଥିବା ବେଳେ ଆଗାମୀ ଦିନରେ ପ୍ରତ୍ୟେକ ମାସର ତୃତୀୟ ରବିବାର ଦିନ ସିଏଚ୍ଆର୍ ଏବଂ ଶୀତଳାପଲ୍ଲୀ ସମ୍ ହସ୍ପିଟାଲର ମିଳିତ ଉଦ୍ୟମରେ ଏଭଳି ନିଃଶୁଳ୍କ ବନ୍ଧ୍ୟାଦୋଷ ଚିକିତ୍ସା ଓ ପରାମର୍ଶ ଶିବିରର ଆୟୋଜନ କରାଯିବ ବୋଲି ହସ୍ପିଟାଲ୍‌ର ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ କହିଛନ୍ତି । ଶ୍ରୀ ଦାଶ କହିଛନ୍ତି ଯେ ଏହି ଶିବିରରେ ବହୁସଂଖ୍ୟକ ଦମ୍ପତି ଯୋଗ ଦେଇଥିଲେ। ଦକ୍ଷିଣ ଓଡିଶାର ନିଃସନ୍ତାନ ଦମ୍ପତିଙ୍କୁ ଏଣିକି ଡାକ୍ତରୀ ପରାମର୍ଶ ପାଇଁ ଆଉ ଦୂରଦୂରାନ୍ତକୁ ଯିବାକୁ ପଡିବ ନାହିଁ ବୋଲି ସେ କହିଥିଲେ।



ଆୟୋଜିତ ଏହି ଶିବିରରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଉପସ୍ଥିତ ଥିବା ବେଳେ ଶୀତଳାପଲ୍ଲୀ ସମ୍ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ୍‌ର ଡାକ୍ତର ସ୍ମୃତିରଂଜନ ପଟ୍ଟନାୟକ , ଡାକ୍ତର ଶୁଭାଶିଷ ପାଣିଗ୍ରାହୀ, ଡାକ୍ତର ରିଷିକା ସେନ୍, ଭୁବନେଶ୍ୱର ସମ୍ ହସ୍ପିଟାଲର ଡାକ୍ତର ଶୁଭାଙ୍ଗୀ ଜେନା, ଏଏନ୍ଏସ୍ ଶ୍ରୀମତି ଅର୍ଚ୍ଚନା ପ୍ରିୟଦର୍ଶିନୀ ତ୍ରିପାଠୀ, ନର୍ସିଂ ଇନ୍‌ଚାର୍ଜ ଶ୍ରୀମତି ଇତି ଶ୍ରାବଣୀ ତଥା ଅନ୍ୟାନ୍ୟ ନର୍ସିଂ, କ୍ଲିନିକାଲ୍ ଓ ନନ୍ କ୍ଲିନିକାଲ୍ ଷ୍ଟାଫ୍ ଏହି ଶିବିରକୁ ପରିଚାଳନା କରିଥିଲେ।

## ଏସ୍୧ ଏକ୍ସ ସ୍କୁଟର ରେ ସହିତ ମାସ୍-ମାର୍କେଟ ସେଗ୍‌ମେଂଟରେ ଓଲା ଇଲେକ୍ଟ୍ରିକର ପ୍ରବେଶ

ଭୁବନେଶ୍ୱର (ସବ୍ୟୁ) : ଓଲା ଇଲେକ୍ଟ୍ରିକ ପକ୍ଷରୁ ଏହାର ଏସ୍୧ ଏକ୍ସ ପୋର୍ଟଫୋଲିଓ ପାଇଁ ନୂଆ ମୂଲ୍ୟ ସହିତ ସ୍କୁଟରଗୁଡିକର ଡେଲିଭରି ତଥ୍ୟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଏସ୍୧ ଏକ୍ସ ୩ଟି ବ୍ୟାଟେରୀ କନ୍‌ଫିଗରେଶନ ଯଥା ୨କେଡବ୍ଲ୍ୟୁଏଚ୍, ୩କେଡବ୍ଲ୍ୟୁଏଚ୍, ୪ କେଡବ୍ଲ୍ୟୁଏଚ୍‌ରେ ଉପଲବ୍ଧ ହେଉଛି ଏବଂ ବର୍ତ୍ତମାନ ଏହାର ମୂଲ୍ୟ ଯଥାକ୍ରମେ ୬୯,୯୯୯ ଟଙ୍କା (ପ୍ରାରମ୍ଭିକ ମୂଲ୍ୟ), ୮୪,୯୯୯ ଟଙ୍କା ଓ ୯୯,୯୯୯ ଟଙ୍କା ରହିବ। ଏସ୍୧ଏକ୍ସର ଡେଲିଭରି ଆସ'ନ୍ତା ସପ୍ତାହରୁ ଆରମ୍ଭ ହେବ। କମ୍ପାନୀ ପକ୍ଷରୁ ଏସ୍୧ ପ୍ରୋ, ଏସ୍୧ ଏୟାର ଓ ଏସ୍୧ ଏକ୍ସର ନୂଆ ମୂଲ୍ୟ ମଧ୍ୟ ଘୋଷଣା କରାଯାଇଛି ଯାହା ଏବେ ୧୨୯,୯୯୯ ଟଙ୍କା, ୧୦୪,୯୯୯ ଟଙ୍କା ଓ ୮୪,୯୯୯ ଟଙ୍କାରେ ଉପଲବ୍ଧ ହେବ। ଏହାବ୍ୟତୀତ ସମସ୍ତ ଏସ୍୧ ସ୍କୁଟରଗୁଡିକ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୮-ବର୍ଷ / ୮୦,୦୦୦ କିମିର କମ୍ପ୍ଲିମେଂଟାରୀ ବ୍ୟାଟେରୀ ୱାରେଂଟି ସହିତ ଆସୁଛି। ଏସ୍୧ ଏକ୍ସ ରେ ମାସ୍ ମାର୍କେଟ ସେଗମେଂଟରେ କମ୍ପାନୀର ପ୍ରବେଶକୁ ଚିହ୍ନିତ କରିଛି। ଏସ୍୧ ଏକ୍ସ କମ୍ ମାଲିକାନା ଖର୍ଚ୍ଚ ଏବଂ ୮ ବର୍ଷ / ୮୦,୦୦୦ କିମିର କମ୍ପ୍ଲିମେଂଟାରୀ ବ୍ୟାଟେରୀ ୱାରେଂଟି ପ୍ରଦାନ କରୁଛି ।

# ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ବିଜେଡ଼ିରେ ସାମିଲ

ନୀଳଗିରି,(ସବ୍ୟୁ) :ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ନୀଳଗିରି ନିର୍ବାଚନ ମଣ୍ଡଳୀର ବହୁ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ସରପଞ୍ଚ, ପ୍ରାର୍ଥୀ, ସମିତି ସଭ୍ୟ ପ୍ରାର୍ଥୀ, ୱାର୍ଡ ସଭ୍ୟ ସଭ୍ୟା ବିଧାୟକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ବିଜେଡ଼ିରେ ସାମିଲ ହୋଇଥିଲେ । ଗତ ମାର୍ଚ୍ଚ ୩୧ ତାରିଖରେ ବିଧାୟକ ସୁକାନ୍ତ ନାୟକ ଭାରତୀୟ ଜନତାପାର୍ଟି ଛାଡ଼ି ବିଜୁ ଜନତା ଦଳରେ ସାମିଲ ହେବାପରେ ତାଙ୍କ ପ୍ରତି ଅହେତୁକ ଜନସମର୍ଥନ ବଢୁଥିବା ଦେଖିବାକୁ ମିଳୁଛି । ଏହି ମିଶ୍ରଣ ପର୍ବରେ ବିଜେଡ଼ିର ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା, ଭାଗବତ ଖିଲାର, ଉପେନ୍ଦ୍ର ଦାସ, ରାଜୀବ ଦାସବାବୁ, ରାମକୃଷ୍ଣ ମହାପାତ୍ର, କୂଳମଣି ନାୟକ ପ୍ରମୁଖ ତୁଙ୍ଗନେତାମାନେ ଉପସ୍ଥିତ ଥିବାବେଳେ ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ମିତାରାଣୀ ସିଂ, ସୁଲୋଚନା ଖଣ୍ଡେଇ,ଜୟରାମ ମାରାଣ୍ଡୀ,ବୈଦ୍ୟନାଥ ସିଂ, ଚନ୍ଦ୍ର ମୋହନ ସିଂ, ଗୋବିନ୍ଦ ପ୍ରଧାନ, ସରସ୍ୱତୀ ସିଂ, ଗୀତାଞ୍ଜଳି ବେହେରା, ମମତା ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ସଚିନ୍ଦ୍ର ରାଉତ, ସନ୍ତୋଷ ହୋତା, ପ୍ରତାପ ଚନ୍ଦ୍ର ସିଂ, ଶ୍ରୀକଣ୍ଠ ମାଣିକଙ୍କ ସମେତ ଏକାଧିକ ୱାର୍ଡ ସଭ୍ୟସଭ୍ୟା ବିଜେଡ଼ିରେ ସାମିଲ ହୋଇଥିଲେ ।

# ଚନ୍ଦକା ଅଭୟାରଣ୍ୟରେ ନିଆଁ

ଭୁବନେଶ୍ୱର, (ସବ୍ୟୁ) : ପ୍ରଚଣ୍ଡ ଖରା ଗରମ ସାଙ୍ଗକୁ ଜଙ୍ଗଲରେ ନିଆଁ ଲାଗି ଉତ୍ତାପକୁ ବଢ଼ାଇବା ଦ୍ୱାରା ଜୀବଜନ୍ତୁମାନେ ନାହିଁନଥିବା ହୀନସ୍ଥା ଭୋଗୁଛନ୍ତି । ସୋମବାର ଚନ୍ଦକା ଅଭୟାରଣ୍ୟ ଗୁଡ଼ିବାରୀ ଜଙ୍ଗଲରେ ନିଆଁ ଲାଗି ୨ କିଲୋମିଟର ବ୍ୟାପୀ ଜଳୁଛି । ଅଗ୍ନିଶମବାହିନୀ ନିଆଁକୁ ଲିଭାଇବାକୁ ନିୟୋଜିତ ହୋଇଥିଲେ ମଧ୍ୟ ନିଆଁ ଆୟତ୍ତ ହେଉନାହିଁ । କାରଣ ଶୁଖିଲାପତ୍ର ଓ ଗଛ ଯୋଗୁଁ ନିଆଁ ଆୟତ୍ତ ହେବା ପରିବର୍ତ୍ତେ ବ୍ୟାପୁଛି । ଅଗ୍ନିଶମବାହିନୀର ୬ଟି ଗାଡ଼ି ନିଆଁ ଲିଭାଉଥିବାବେଳେ ଅନ୍ୟ ଟ୍ୟାଙ୍କର ପାଣି ବୁହାଇ ଯୋଗାଉଛି । ପାଣି ଦୂରରୁ ନେବାକୁ ପଡୁଥିବାରୁ ନିଆଁ ଲିଭାଇବାରେ ସମସ୍ୟା ସୃଷ୍ଟି ହେଉଛି । ନିଆଁ ଲାଗିବାର ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଗ୍ନିଶମବାହିନୀ ଲିଭାଇବା କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ ସଫଳ ହୋଇପାରୁନାହାନ୍ତି ।

# ସମ୍‌ରେ 'ଭିପିଡି ସର୍‌ଭେଲାନ୍ସ ଆଣ୍ଡ ଏମ୍‌ଆର୍ କ୍ୟାମ୍ପେନ୍' ପ୍ରସଙ୍ଗକୁ ନେଇ କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗର ମିଳିତ



ସହଯୋଗରେ 'ଭିପିଡି ସର୍‌ଭେଲାନ୍ସ ଆଣ୍ଡ ଏମ୍‌ଆର୍ କ୍ୟାମ୍ପେନ୍' ପ୍ରସଙ୍ଗକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ସମ୍ ହସ୍ପିଟାଲ୍ କ୍ୟାମ୍ପସ୍‌ରେ ଆୟୋଜିତ ଏହି କର୍ମଶାଳାରେ ସମ୍ ଅଲ୍‌ଟିମେଟ୍ ମେଡିକେୟାର ଓ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍ -୧ ଏବଂ କ୍ୟାମ୍ପସ୍-୨ର ପ୍ରାୟ ୬୦ ରୁ ଊର୍ଦ୍ଧ୍ୱ ଡାକ୍ତର ଅଂଶ ଗ୍ରହଣ କରିଥିଲେ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଟୀକାକରଣର ଭୂମିକା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। କୋଭିଡ ସମୟର ଭୟାବହତା ପରେ ସାରା ବିଶ୍ୱ ଟୀକାକରଣର ପ୍ରକୃତ ଆବଶ୍ୟକତାକୁ ବୁଝିପାରିଥିଲା। ସେହିପରି ଅନେକ ସଂକ୍ରାମକ ରୋଗ ଗୁଡ଼ିକରୁ ରକ୍ଷା ପାଇବା ପାଇଁ ଟୀକାକରଣର ଆବଶ୍ୟକତା, ଉପାଦେୟତା, ସଚେତନତା ଏବଂ ଏହାର ମୂଲ୍ୟବୋଧତାକୁ କିପରି ସମସ୍ତ ଜନସାଧାରଣଙ୍କ ନିକଟରେ ଗୁରୁତ୍ୱର ସହିତ ପହଂଚା ଯାଇପାରିବ ତାହା ହିଁ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି କର୍ମଶାଳାରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମମତାଦେବୀ ମହାନ୍ତି, କମ୍ୟୁନିଟି ମେଡିସିନ୍ ବିଭାଗର ଡାକ୍ତର ଲିପିଲେଖା ପଟ୍ଟନାୟକ, ନୋଡାଲ ଅଧିକାରୀ ଡାକ୍ତର ବ୍ରଜ କିଶୋର ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଏସ୍ଆର୍‌ଟିଏଲ୍‌ର ଡଃ ନିହାର ରଂଜନ ରାୟ, ଡବ୍ଲ୍ୟୁଏଚ୍‌ରେ ଏସ୍ଏମ୍ଓ ଡଃ ଅର୍ଚ୍ଚନା ଗାୟେନ୍ ପ୍ରମୁଖ ଉପସ୍ଥିତ ରହି ଟୀକାକରଣ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ନିଷ୍ଠାପରତା କାର୍ଯ୍ୟ ଓ ଶୃଙ୍ଖଳିତ କାର୍ଯ୍ୟ ଦକ୍ଷତା ପାଇଁ ଡଃ ବ୍ରଜକିଶୋର ବେହେରାଙ୍କୁ ଡବ୍ଲ୍ୟୁଏଚ୍ଓ ପକ୍ଷରୁ ଏହି କର୍ମଶାଳାରେ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରମୁଖ ଦଳ ର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ରାଜନୀତି ସରଗରମ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ (୬୩) ପାଇଁ ପ୍ରମୁଖ ଦଳ ଯଥା ବିଜେଡ଼ି ବିଜେପି ଓ କଂଗ୍ରେସ ର ପ୍ରାର୍ଥୀ ଙ୍କ ନାମ ଘୋଷଣା ସରିଯାଇଛି । ପ୍ରାର୍ଥୀ ଙ୍କ ନାମ ଘୋଷଣା ହେବା ପରେ ଗ୍ରୀଷ୍ମ ଉାପ ବୃଦ୍ଧି ପାଇବା ସାଙ୍ଗକୁ ରାଜନୀତି ର ତାପ ମଧ୍ୟ ବୃଦ୍ଧି ପାଇଥିବା ଦେଖା ଦେଇଛି । ପ୍ରମୁଖ ଦଳ ର କର୍ମୀ ମାନଙ୍କ ମଧ୍ୟ ରେ ନିଜ ପ୍ରାର୍ଥୀ ଙ୍କ ସପକ୍ଷରେ ଯୁକ୍ତି ବାଢି ବିଜୟ ସମ୍ଭାବନା ର ଚର୍ଚ୍ଚା କରୁଥିବା ଦେଖା ଯାଉଛି । ଶାସକ ବିଜେଡ଼ି ରେ ନୂତନ ଚେହେରା ଭାବରେ ପ୍ରଶାସକ ରୁ ରାଜନେତା ପାଲଟିଥିବା ଇଂ ନଳିନୀକାନ୍ତ ପ୍ରଧାନ, ବିଜେପି ରେ ବିଜେଡ଼ି ରୁ ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ସେହିପରି କଂଗ୍ରେସ ଦଳ ରେ ପୁରୁଣା ମୁହଁ ବିଜୟାନନ୍ଦ ଚାଉଳିଆ ଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରାଯାଇଛି । ବିଜେଡ଼ି ,ବିଜେପି ଓ କଂଗ୍ରେସ ତରଫରୁ ପ୍ରାର୍ଥୀ ଙ୍କ ନାମ ଘୋଷଣା ପରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଚାଲୁ ରହିଥିଲେ ମଧ୍ୟ ବିଜେଡ଼ି ସାଙ୍ଗଠନିକ ଦୃଷ୍ଟି କୋଣରୁ ଆଗରେ ଥିବା ଜଣା ପଡୁଛି । ବିଜେଡ଼ି ପ୍ରାର୍ଥୀ ଇଂ ଶ୍ରୀ ପ୍ରଧାନ ଗତ ପାର୍ଲ୍ୟାମେଣ୍ଟ ନିର୍ବାଚନ ରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବରେ ଠିଆ ହୋଇଥିବା ବେଳେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ରୁ ସର୍ବାଧିକ ରେକର୍ଡ ସଂଖ୍ୟା ରେ ପଚାଶ ହଜାର ରୁ ଉର୍ଦ୍ଧ୍ୱ ଭୋଟ ପାଇଥିବାରୁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ରେ ତାଙ୍କ ଲୋକ ପ୍ରିୟତା ସ୍ପଷ୍ଟ ବାରି ହୋଇ ପଡୁଛି । ସେ ପ୍ରଶାସନିକ ଅଧିକାରୀ ଥିଲା ସମୟରେ ଆଠମଲ୍ଲିକ ଅଞ୍ଚଳ ର ବହୁ ବିକାଶ ମୂଳକ କାର୍ଯ୍ୟ ହୋଇଥିବା ସାଧାରଣ ରେ ଚର୍ଚ୍ଚା ହେଉଛି । ସେହିପରି ସମ୍ବଲପୁର ସଂସଦୀୟ କ୍ଷେତ୍ର ରେ ବିଜେଡ଼ି ର ହେବିୱେଟ ନେତା ତଥା ବିଜେଡ଼ି ର ରାଜ୍ୟ ସ୍ତରୀୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ( ବବି )ଙ୍କ ନାମ ସାଂସଦ ପ୍ରାର୍ଥୀ ଭାବରେ ନାମ ଘୋଷଣା ହୋଇଥିବାରୁ ବିଜେଡ଼ି କର୍ମୀ ଉତ୍ସାହିତ ହେବା ସହିତ ମନୋବଳ ଦୃଢ ହୋଇଥିବା ସ୍ପଷ୍ଟ ଭାବରେ ଅନୁମାନ କରି ହେଉଛି । ସାଂସଦ ପ୍ରାର୍ଥୀ ଶ୍ରୀ ଦାଶ ଙ୍କ ଆଠମଲ୍ଲିକ ଗସ୍ତ ସମୟ ରେ ପ୍ରବଳ ଜନ ଗହଳି ଶ୍ରୀ ଦାଶ ଙ୍କୁ ଭଲ ପାଇବା ଜଣା ପଡିଯାଇଥିଲା । ଚବିଶ ବର୍ଷ ର ବିଜେଡ଼ି ସରକାର ଙ୍କ ସମୟ ରେ ଆଠମଲ୍ଲିକ ଅଂଚଳ ରେ ଗମାନଗମନ, ଶିକ୍ଷା,ସ୍ୱାସ୍ଥ୍ୟ ଉପରେ ବହୁ ବିକାଶ ମୂଳକ କାର୍ଯ୍ୟ ହେବା ସହିତ ଆଠମଲ୍ଲିକ ବାସୀ ଙ୍କ ଜୀବନ ରେଖା କୁହା ଯାଉଥିବା ଆଠମଲ୍ଲିକ ଧଳପୁର ସେତୁ ନିର୍ମାଣ ମଧ୍ୟ ସମ୍ଭବ ହୋଇ ପାରିଛି । ଦକ୍ଷିଣ ଓଡିଶା ସହିତ ମଧ୍ୟ ଓଡିଶା ର ଏହି ସଂଯୋଗ ସେତୁ ନିର୍ମାଣ ହେବା ଫଳ ରେ ପଡୋଶୀ ବୌଦ୍ଧ ବାସୀ ଓ ଆଠମଲ୍ଲିକ ବାସୀ ଖୁସି ଥିବା ଜଣା ପଡିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବ ମୂର୍ତ୍ତି ଓ ବିକାଶ ମୂଳକ କାର୍ଯ୍ୟକୁ ପାଥେୟ କରି ବିଜେଡ଼ି ନିଶ୍ଚିତ ସଫଳତା ପାଇବ ବୋଲି ନଳିନୀ ବାବୁ ଙ୍କ ସମର୍ଥକ ମାନେ ଚର୍ଚ୍ଚା କରୁଛନ୍ତି । ସେହିପରି ମୁଖ୍ୟ ବିରୋଧୀ ଦଳ ବିଜେପି ର ବିଜେଡ଼ି ସରକାର ରେ ଚାରିଥର ବିଧାୟକ ଓ ମନ୍ତ୍ରୀ ହୋଇଥିବା ବରିଷ୍ଠ ନେତା ସଞ୍ଜୀବ କୁମାର ସାହୁ ଏବେ ବିଜେପି ଶିବିର ରେ ଯୋଗଦାନ କରି ଟିକେଟ ମଧ୍ୟ ହାତେଇଛନ୍ତି । ବିଜେଡ଼ି ସହିତ ତାଙ୍କର ଦୀର୍ଘ ଦିନର ସମ୍ପର୍କ ଯୋଗୁଁ ବହୁ ବିଜେଡ଼ି କର୍ମୀ ତାଙ୍କ ସହିତ ବିଜେପି କୁ ଚାଲିଯିବେ ବୋଲି ଯାହା ଆଶା କରା ଯାଉଥିଲା ତାହା ଦେଖିବାକୁ ମିଳିଲା ନାହିଁ । ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ କଲ୍ୟାଣ କାରୀ ଯୋଜନା ଓ ସବକା ସାଥ ସବକା ବିକାଶ ନାରା କୁ ନେଇ ଆମେ ବିଜୟ ଲାଭ କରିବୁ ବୋଲି ବିଜେପି ସମର୍ଥକ ଯୁକ୍ତି ଉପସ୍ଥାପନା କରୁଥିବା ଦେଖା ଯାଉଛି । ଅନ୍ୟ ପକ୍ଷରେ ବିଜେପି ର ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ଭାଗିରଥି ପ୍ରଧାନ ନିକଟରେ ତାଙ୍କ ସମର୍ଥକ ମାନଙ୍କ ସହିତ ବିଜେଡ଼ି ରେ ସାମିଲ ହୋଇ ଥିବାରୁ ଅଙ୍କ ବିଗିଡି ପାରେ ବୋଲି ରାଜନୀତି ମହଲ ରେ ଚର୍ଚ୍ଚା ହେଉଛି । ସେହିପରି କଂଗ୍ରେସ ଦଳ ରୁ ଗତ ଥର ର ବିଧାୟକ ପ୍ରାର୍ଥୀ ବିଜୟାନନ୍ଦ ଚାଉଳିଆ ଙ୍କ ନାମ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଘୋଷଣା ହୋଇଛି । ସେହିପରି ସାଂସଦ ପ୍ରାର୍ଥୀ ଭାବରେ ଯୁବ ନେତା ଦୁଲାଲ ଚନ୍ଦ୍ର ପ୍ରଧାନ ଙ୍କୁ ପ୍ରଥମ ଥର ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି । ଶ୍ରୀ ଚାଉଳିଆ ବର୍ତମାନ କଂଗ୍ରେସ ର ପାରମ୍ପରିକଭୋଟ ସହିତ ବିଜେଡ଼ିଓ ବିଜେପି ର ବିକଳ୍ପ ଭାବରେ କଂଗ୍ରେସ କୁ ସମର୍ଥନ ଦେବେ ବୋଲି ଆଶା ରଖିଥିବା ଜଣା ପଡିଛି । ହେଲେ ଆଠମଲ୍ଲିକ ଅଂଚଳ ରେ କଂଗ୍ରେସ ର ପାରମ୍ପରିକ ଭୋଟ କ୍ରମଶଃ ହ୍ରାସ ପାଉଥିବା ଦେଖା ଯାଉଛି । ହେଲେ ୨୦୨୪ସାଧାରଣ ନିର୍ବାଚନ ରେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଏକ ଚର୍ଚିତ ନିର୍ବାଚନମଣ୍ଡଳୀ ହେବ ବୋଲି ଆକଳନ କରାଯାଉଛି । ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ବିଜେପି ରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡ଼ି ରୁ ପ୍ରଣବ ପ୍ରକାଶ ଦାଶ, କଂଗ୍ରେସ ରୁ ଯୁବ ନେତା ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରାର୍ଥୀ ହୋଇଥିବା ବେଳେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନ ରେ ଯାଉଥିବାରୁ ରାଜନୀତି ସରଗରମ ସହିତ କଡା ପ୍ରତିଯୋଗିତା ହେବ ବୋଲି ରାଜନୀତି ସମୀକ୍ଷକ ମାନେ ପ୍ରକାଶ କରୁଛନ୍ତି ।

## ନାଳବନ୍ଧ ରାସ୍ତାରୁ ମାଟି ତାଡ଼ିବାକୁ ନେଇ ଉତ୍ତେଜନା, କାମବନ୍ଦ କଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ସହରର ଶ୍ୟାମସୁନ୍ଦରପୁର ଗଡା ଠାରୁ ଛଘରିଆ ନୂଆ ମେଡିକାଲ ପର୍ଯ୍ୟ' ପ୍ରାୟ ୬ କିମି ୫ନଂ ଏ କେନାଲ ବନ୍ଧ ରାସ୍ତା ନିର୍ମାଣାଧୀନ ରହିଛି । ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳ ରେ ଏହି ନାଳବନ୍ଧ ରାସ୍ତା ତିଆରି ଚାଲିଥିବା ବେଳେ ଠିକାଦାର ର ମନମୁଖୀ କାର୍ଯ୍ୟପାଇଁ ସୋମବାର ଉତେଜନା ପ୍ରକାଶ ପାଇଛି । ଚୁକ୍ତିନାମା ମୁତାବକ ନବୀକରଣ ହୋଇଥିବା ବାମପଟ ନାଳବନ୍ଧ ରାସ୍ତା କଡରେ ବାହାରୁ ମାଟି ଆଣି ପକାଇବାକୁ ନିର୍ଦ୍ଦେଶ ଥିବାବେଳେ ଠିକାଦାର ଜଣକ ଚତୁରତାର ସହ ରାତି ଅଧରେ ଜେସିବି ଲଗାଇ ବନ୍ଧ କଡରୁ ମାଟି ତାଡି ବନ୍ଧ କଡରେ ପକାଉ ଥିବାରୁ ଗ୍ରାମବାସୀ ମାନେ ଏହାର ତୀବ୍ର ବିରୋଧ କରିଛନ୍ତି । ଏଥି ସହିତ ମୂଲ୍ୟବାନ ଗଛ ଗୁଡିକୁ କାଟି ମାଟି ତାଡୁ ଥିବାରୁ ଖବର ପାଇ ବନ ବିଭାଗ ରେର ଆରକେ ସାମ'ରାୟ ଙ୍କ ନିର୍ଦ୍ଦେଶରେ ସ୍କ୍ୱାର୍ଡ ସଦସ୍ୟ ମୋନାଲିସା ସାହୁ ଓ ଲକ୍ଷ୍ମୀକା' ଲେଙ୍କା ଘଟଣା ସ୍ଥଳରେ ପହଁଚି କାମ ବନ୍ଦ କରାବା ସହ ଗଛ କାଟିବା ବାବଦରେ କୈଫତ ତଲବ କରିଥିଲେ । ଗୋପ, ଅଯୋଧ୍ୟାନଗର, ଚକଡା ଅଂଚଳର ଗ୍ରାମବାସୀ ମାନେ କାମ ବନ୍ଦ କରାଇବା ସହ ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଙ୍କୁ ଜଣାଇଛନ୍ତି । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସେଠୀ ବିଭାଗୀୟ ଏସଡିଓ ଧରଣୀଧର ବେହେରା ଓ ଜେଇ ଶରତ ଚନ୍ଦ୍ର ମଲିକଙ୍କୁ ତୁର' ତଦ' କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ମହିଳାଙ୍କୁ ମାରି ସମୁଦ୍ରରେ ପକାଇବା ଧମକ ଘଟଣା : ୩ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର, (ସବ୍ୟୁ): ଚମାଖଣ୍ଡି ଥାନା ଅନ୍ତର୍ଗତ ହରିପୁରରେ ତିନିଜଣ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିବାକୁ ଧମକ ଦେବା ମାମଲାର ଶୁଣାଣି କରି ଆଜି ଛତ୍ରପୁର ଏସଡ଼ିଜେଏମ୍ ପ୍ରୀତିଶ କୁମାର ରଥ ଅଭିଯୁକ୍ତ ହରିପୁର ଗ୍ରାମର ତାରିଣୀ ବେହେରା ଓ ତାଙ୍କ ଦୁଇ ପୁଅ ହେମନ୍ତ କୁମାର ବେହେରା ଓ ପବିତ୍ର ବେହେରାଙ୍କୁ ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୫୦୬ରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ପ୍ରୋବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୪ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପୂର୍ବକ କଠୋର ଚେତାବନୀ ଦେବା ସହ ବ୍ୟକ୍ତିଗତ ଦଶ ହଜାର ଟଙ୍କା ବଣ୍ଡରେ ଛାଡିଛନ୍ତି। ଉକ୍ତ ଧାରା ୪ ଅନୁସାରେ ବର୍ତ୍ତମାନ ସେମାନେ ଜିଲ୍ଲା ପ୍ରୋବେଶନର ଅଧିକାରୀଙ୍କ ନଜରରେ ଏକ ବର୍ଷ ପର୍ଯ୍ୟନ୍ତ ନଜରବନ୍ଦୀ ରହିବେ ଓ ଏହି ଅଧିକାରୀ ସେମାନଙ୍କ କାର୍ଯ୍ୟକଳାପକୁ ତୀକ୍ଷ୍ଣ ନଜର ରଖିବା ସହ ରିପୋର୍ଟ ପ୍ରଦାନ କରିବେ। ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ଶ୍ରୀ ରାଜେଶ କୁମାର ମିଶ୍ର ଏହି ମାମଲାକୁ ପରିଚାଳନା କରୁଥିଲେ ସୂଚନାଯୋଗ୍ୟଯେ, ୫ ଡିସେମ୍ବର, ୨୦୨୧ ଦିନ ୨ଟା ସମୟରେ ଯେତେବେଳେ ଅଭିଯୋଗକାରିଣୀ ଅଞ୍ଜନା ବେହେରା ଦୁଇଜଣ ମହିଳାଙ୍କ ସହ ନିଜ ଘର ସମ୍ମୁଖରେ ବସି କଥା ହେଉଥିଲେ, ସେହି ସମୟରେ ମୁଖ୍ୟ ଅଭିଯୁକ୍ତ ତାରିଣୀ ବେହେରା ଆସି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କାହିଁକି ଗାଳି କରୁଛୁ ପଚାରିବାରୁ ସିଏ ଓ ତାଙ୍କ ଦୁଇ ପୁଅ ପବିତ୍ର ବେହେରା ଓ ହେମନ୍ତ ବେହେରା ହାତରେ ଧରିଥିବା କାତି ଓ କୁରାଢ଼ୀରେ ତାଙ୍କୁ ଜୀବନରେ ମାରି ସମୁଦ୍ରରେ ପକାଇଦେବା ନେଇ ଧମକ ଦେଇଥିଲେ। ଏହି ସମୟରେ ଅଭିଯୋଗକାରିଣୀ ଓ ଅନ୍ୟ ମହିଳାମାନେ ପାଟି କରିବାରୁ ସେଠାକୁ ଗାଁ ଲୋକ ଆସିବା ଦେଖି ଅଭିଯୁକ୍ତମାନେ ସେ ସ୍ଥାନ ଛାଡି ପଳାଇଥିଲେ। ପରେ ନିଜ ଜୀବନ ପ୍ରତି ବିପଦ ଥିବା ଭାବି ଏହି ଘଟଣାକୁ ନେଇ ସେହିଦିନ ରାତି ୭ଟାରେ ଅଭିଯୋଗକାରିଣୀ ଅଞ୍ଜନା ବେହେରା ଚମାଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ ନମ୍ବର ୨୩୨/୨୦୨୧ରେ ଉକ୍ତ ମାମଲାଟି ପଞ୍ଜିକୃତ ହୋଇ ଛତ୍ରପୁର ଏସଡ଼ିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ରହିଥିଲା। ସବ ଇନ୍ସପେକ୍ଟର ମାନସୀ ସାହୁ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଆଜି ୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ମାନ୍ୟବର ନ୍ୟାୟାଧୀଶ ଅଭିଯୁକ୍ତମାନଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ବିରତ ରହିବାକୁ ଚେତାଇ ଦେବା ସହ ବର୍ଷେ ପର୍ଯ୍ୟନ୍ତ ପ୍ରୋବେଶନ ଅଫିସରଙ୍କ ନଜରାଧୀନ ରହିବେ ବୋଲି କହିଥିଲେ ।

### ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ପୋଟ୍ରୋଲିଂଗ ସମୟରେ ଦେଶୀ ମଦ ବେପାରୀକୁ ଗିରଫ କରିବା ସହ ତା ନିକଟରୁ ଦେଶୀ ମଦ ଜବତ କରିବାରେ ସକ୍ଷମ ହୋଇଛି। କରଦା ପଂଚାୟତର ପଳସା (ଆମ୍ବଗଡିଆ) ଗ୍ରାମର ରାଗି ମୁଣ୍ଡାଙ୍କ ପୁଅ ଭରତ ମୁଣ୍ଡା (୫୫)କୁ ଧରିବା ପରେ ତା ନିକଟରୁ ଏକ ଧଳା ଜାରକିନରେ ୧୦ ଲିଟର ଦେଶୀ ମଦ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ଧରି ଆଣିବା ପରେ ଏକ ମାମଲା ୨୧୫/୨୪ ରୁଜୁ କରାଯିବା ସହ ତାକୁ ୫୨(ଏ) ଓଡିଶା ଆବକାରୀ ଆଇନ ବଳରେ ଗିରଫ କରାଯାଇଛି ।

## ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ହେଭିୱେଟ୍ ନେତା ସୁଦାମଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡି



ବାରିପଦା, (ସବ୍ୟ) : ଶେଷରେ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ବିଜେଡିର ହେଭିୱେଟ୍ ନେତା ସୁଦାମା ମାର୍ଣ୍ଡିଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କୁ ପାର୍ଥୀ ଭାବେ ଘୋଷଣା କରିଛନ୍ତି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ । ମୟୂରଭଞ୍ଜ ଜିଲ୍ଲାର ଲୋକସଭା ଓ ଅନ୍ୟ ସମସ୍ତ ବିଧାନସଭା ପାଇଁ ବିଜେଡି ପାର୍ଥୀ ଘୋଷଣା କରିଥିବାବେଳେ କେବଳ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ କିଏ ପାର୍ଥୀ ହେବ ନେଇ ଅଙ୍କ ଛିଡୁନଥିଲା । ଚଳିତ ସାଧାରଣ ନିର୍ବାଚନରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବିଧାୟକ ସୁଦାମ ମାର୍ଣ୍ଡିଙ୍କୁ ବିଜେଡି ମୟୂରଭଞ୍ଜ ଲୋକସଭା ପାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛି । ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ସୁଦାମଙ୍କ ଢେର ଦବଦବା ଥିବାରୁ ସୁଦାମ ଲୋକସଭା ପାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବାରୁ ବାଙ୍ଗିରିପୋଷିରେ ନିଜ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କୁ ପାର୍ଥୀ କରିବାକୁ ମୂଳରୁ ଅଡି ବସିଥିଲେ । ଶେଷରେ ବିଜେଡି ସୁପ୍ରିମୋ ସୁଦାମଙ୍କ ମତ ଉପରେ ମହର ଲଗାଇଛନ୍ତି । ରଞ୍ଜିତା ଶିକ୍ଷୟିତ୍ରୀରୁ ଗତ କିଛି ମାସ ତଳେ ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିବାବେଳେ ସେ ଜଣେ ଲୋକପ୍ରିୟ ଓ ଉଚ୍ଚଶିକ୍ଷିତ ମହିଳା ଭାବେ ସବୁରୀ ମହଲରେ ଆଦୃତ ଅଟନ୍ତି ।

## ବିଜେଡିର ୪୨ନଂ ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ



ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକର ମାଣିତରା ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଏକ ଜିଲ୍ଲା ପରିଷଦ ଜୋନ ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ , ଆସିକା ଲୋକସଭା ସଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ , ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନାଙ୍କ ସମେତ ଜିଲ୍ଲା ପରିଷଦ ଜୋନ୍ ନଂ-୪୨ ଅନ୍ତର୍ଗତ ମୋଟାବାଡି, ଗୌଡିଆବୋରଦା, ଖୋଳଖାଳି, ମାଣିତରା, ଗୋଳାବନ୍ଧ, ସଙ୍କୁରୁ ଆଦି ୬ଟି ଗ୍ରାମ ପଞ୍ଚାୟତର ଦଳୀୟ ଜନପ୍ରତିନିଧି , କର୍ମକର୍ତ୍ତା ଓ କର୍ମୀଗଣ ଯୋଗଦାନ କରିଥିଲେ। ଆସିକା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ୨୦ତାରିଖ ଦିନ ଭୋଟ ଗ୍ରହଣ ହେବାକୁ ଥିବାବେଳେ ବେଳେ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ନିମନ୍ତେ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଆହୁରି ମଜବୁତ୍ କରିବାକୁ ପଡିବ ବୋଲି ଆହ୍ୱାନ ଦିଆଯାଇଥିଲା।

## ଶୁଖିଲା ପଡ଼ିଛି ଜଳାଶୟ : ଲୋକେ ପାଣି ପାଇଁ ହନ୍ତସନ୍ତ

ପାଟକୁରା, (ସବ୍ୟୁ): ଗରଦପୁର ବ୍ଲକରେ ପ୍ରବାହିତ ନଦୀ, ନାଳ ଶୁଖିଲା ପଡିଥିଲାବେଳେ ଗାଁ ଗହଳିରେ ଥିବା ଗଡିଆ ପୋଖରୀ ମଧ୍ୟ ଶୁଖିଲା ପଡିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଥିଲେ ମଧ୍ୟ ଜଳସେଚନ ବିଭାଗର ସେଥିପ୍ରତି ନିଘା ନାହିଁ। କିଛି ଦିନ ତଳେ ବାରୁଣୀ ସ୍ନାନ ହୋଇଥିଲାବେଳେ ଚିତ୍ରୋତ୍ପଳା ନଦୀରେ ଜଳ ନଥିବାରୁ ଲୋକମାନେ ଦଳ ମଧ୍ୟରେ କାକସ୍ନାନ କରୁଥିବା ଦେଖାଯାଇଥିଲା। ଗରଦପୁର ବ୍ଲକ୍ ମଧ୍ୟ ଦେଇ ଯାଇଥିବା ପୁନ୍ଦାଳ ମାଇନର, କରିଲୋପାଟଣା ମାଇନର ଏବଂ ଖାନନଗର ମାଇନରରେ ଦୀର୍ଘ ଦିନ ହେବ ପାଣି ଆସୁନଥିବାରୁ କେନାଲ ଗୁଡିକ ଶୁଖିଲା ପଡିଛି। ଅପରପକ୍ଷେ ଚିତ୍ରୋତ୍ପଳା ପାଇକା ଦ୍ୱିପାଂଚଳରେ ଖୋଳାଯାଉଥିବା କେନାଲ ସଂପୂର୍ଣ୍ଣ ହୋଇନଥିବାରୁ ଯେଉଁପର୍ଯ୍ୟନ୍ତ ଖନନ ହୋଇଛି ସେ ପର୍ଯ୍ୟନ୍ତ ମଧ୍ୟ ପାଣି ଆସୁନଥିବାରୁ ତାହା ମଧ୍ୟ ଶୁଖିଲା ପଡିଛି। ଫଳରେ ଲୋକମାନେ ନାହିଁ ନଥିବା ହଇରାଣର ସମ୍ମୁଖିନ ହେଉଛନ୍ତି। କରାଣ୍ଡିଆ ନଦୀ କଡ ଦେଇ ଯାଇଥିବା କରିଲୋପାଟଣା ମାଇନର କେନାଲରେ ପାଣି ଆସୁନଥିବାବେଳେ ପୁନ୍ଦାଳ ମାଇନର କେନାଲରେ ମଧ୍ୟ ସମାନ ଅବସ୍ଥା ଯୋଗୁଁ ତାର ତଟବର୍ତୀ ଲୋକମାନେ ପାଣି ପାଇଁ ହଇରାଣର ସମ୍ମୁଖିନ ହେଉଛନ୍ତି। ସେହିପରି ବାଘୁଣୀ କେନାଲରେ ପାଣି ଆସୁନଥିବାରୁ ସେଥିରେ ବିଲାତି ଦଳ ଭର୍ତି ହୋଇ ମଶା ପ୍ରାଦୁର୍ଭାବ ବଢିଚାଲିଛି। ଚାଷ ଓ ଚାଷୀକୁ ପାଣି ଯୋଗାଇବା ଲକ୍ଷ୍ୟରେ କେନାଲ ଖୋଳାଯାଇଥିଲା। ପୂର୍ବରୁ ଏହି ସବୁ କେନାଲରେ ବିଭିନ୍ନ ସମୟରେ ପାଣି ଆସୁଥିବାରୁ ତାର ତଟବର୍ତୀ ଲୋକମାନେ ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ କିଛି ବର୍ଷ ହେଲା ବର୍ଷା ଦିନ ବ୍ୟତୀତ ଜଳସେଚନ ବିଭାଗ ଅନ୍ୟ କୌଣସି ସମୟରେ କେନାଲ ମାନଙ୍କରେ ପାଣି ନଦେବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ବର୍ତମାନ ବର୍ଷା ଦିନ ପରଠାରୁ କୌଣସି କେନାଲରେ ପାଣି ଆସୁନଥିବାରୁ ମୁଖ୍ୟତଃ ପରିବା ଚାଷୀମାନେ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କେନାଲରେ ପାଣି ଆସିବା ପରେ ଗାଁ ଗହଳିରେ ଥିବା ଗଡିଆ ପୋଖରୀ ଭର୍ତି ହୋଇଯାଇଥାଏ। ଫଳରେ ଏହି ଗଡିଆ ପାଣି ବର୍ଷା ଦିନ ପର୍ଯ୍ୟନ୍ତ ରହିଯିବା ଦ୍ୱାରା ଲୋକମାନେ କିଛି ପରିମାଣର ଆଶ୍ୱସ୍ତ ହୋଇଥାନ୍ତି। ଏହି ସବୁ କେନାଲ ପାଣିରେ ଜନସାଧାରଣ ମୁଖ୍ୟତଃ ଗୋରୁଗାଈ, ପଶୁପକ୍ଷୀମାନେ ପିଇବା ପାଇଁ ବ୍ୟବହାର କରନ୍ତି। ପାଣି ଆସୁନଥିବାରୁ ଲୋକମାନେ ନିଜର ଆବଶ୍ୟକତା ପାଇଁ ସ୍ଥାନେ ସ୍ଥାନେ ଚୁଆ କରି ନିଜର କାର୍ଯ୍ୟ କରୁଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ଭଳି ଅଟେ। ସୂଚନାଯୋଗ୍ୟ ଯେ, ସରକାର ସାଧାରଣ ଲୋକମାନଙ୍କ ଜଳସେଚନ ପାଇଁ ବହୁ ଯୋଜନା କରିବା ସହିତ ପାଣି ପଂଚାୟତ ଗଠନ କରିଥିଲେ ମଧ୍ୟ ତାହାର ସୁଫଳ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରୁନାହିଁ। ଯାହାଫଳରେ ଖରାଦିନେ ଉତ୍କଟ ଜଳାଭାବରେ ହନ୍ତସନ୍ତ ହେଉଥିବା ଗୋରୁଗାଈ, ଛେଳି ମେଣ୍ଢା, ପଶୁପକ୍ଷୀ ପିଇବା ପାଇଁ ପାଣି ଟୋକେ ନ ପାଇ ହନ୍ତସନ୍ତ ହେଉଛନ୍ତି। ତେଣୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ସମସ୍ତ କେନାଲରେ ପାଣି ଯୋଗାଣ କରାଯିବାକୁ ଜନସାଧାରଣରେ ଦାବି ହେଉଛି।

## ବେଲେଶ୍ୱରୀ ଦିବାରାତ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ବରାଦୋ ପଞ୍ଚାୟତ ସ୍ଥିତ ବେଲେଶ୍ୱରୀ କ୍ରିକେଟ ଆସେସିଏସନ ଆନକୂଲ୍ୟରେ ଏକ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ଏଥିରେ ୮ଗୋଟି ଗ୍ରାମାଞ୍ଚଳର କ୍ରିକେଟ ଦଳ ଅଂଶ ଗ୍ରହଣ କରିଥିଲେ । ଲୁଣାହାର କ୍ରିକେଟ ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଚମ୍ପିୟନ୍ ଆଖ୍ୟା ଅର୍ଜନ କରିଛି । ଏହାର ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ପୂର୍ବତନ ସରପଞ୍ଚ ନୃସିଂହଚରଣ ବିଶ୍ୱାଳଙ୍କ ପୌରହିତ୍ୟରେ ମାହାଙ୍ଗା ବିଜେଡ଼ି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗ ଦେଇ ଗ୍ରାମାଞ୍ଚଳରେ କ୍ରିକେଟ ଖେଳର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ଯୁବନେତା ବଳରାମ ସ୍ୱାଇଁ, ତପନ ବିଶ୍ୱାଳ, ପ୍ରଣବ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଆସୋସିଏସନର ସମସ୍ତ ସଭ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ବିଜେପି ପ୍ରାର୍ଥୀ କେ. ଅନିଲ କୁମାରଙ୍କ ପ୍ରଚାର ଆରମ୍ଭ



ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କେ.ଅନିଲ କୁମାର ଆଜି ବ୍ରହ୍ମପୁର ବିଧାନସଭାର ୧୧ନଂ ୱାର୍ଡ଼ରେ ଜନସଂପର୍କ ଅଭିଯାନ କରିଥିଲେ। ଏହି ୱାର୍ଡ଼ ଅନ୍ତର୍ଗତ ସମସ୍ତ ସାହିରେ ପଦଯାତ୍ରା କରି ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାରେ ବ୍ରହ୍ମପୁରକୁ ସାମିଲ୍ କରାଇ ଏକ ବିକଶିତ ବ୍ରହ୍ମପୁର ଗଠନ କରିବା ପାଇଁ ଭାରତୀୟ ଜନତା ପାର୍ଟିକୁ ଭୋଟ ଦେବାକୁ ଜନସାଧାରଣଙ୍କ ଠାରୁ ଆର୍ଶିବାଦ ଭିକ୍ଷା କରିଥିଲେ ବିଜେପି ବିଧାୟକ ପ୍ରାର୍ଥୀ କେ.ଅନିଲ କୁମାର । ଆଜି ଜନସଂପର୍କ ଅଭିଯାନ ବେଳେ ବିଜେପି ବିଧାୟକ ପ୍ରାର୍ଥୀ କେ.ଅନିଲ କୁମାରଙ୍କୁ ବିପୁଳ ଜନ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ବ୍ରହ୍ମପୁର ବିଧାନସଭା ସଂଯୋଜକ ପ୍ରଭାତ କିରଣ ଷଡ଼ଙ୍ଗୀ, ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି କେ.ଟୁଙ୍ଗୁରୁ ପାତ୍ର, ଜିଲ୍ଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ ଦେବୀ, ପୂର୍ବତନ କର୍ପୋରେଟର ବଦ୍ରି ନାୟକ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ବାଙ୍କାନିଧି ସେଠୀ, ଏଲ୍.ଗୋପି, ରୋଷନ୍ ପୃଷ୍ଟି, ଶିଳା ଶିବ, ସୂର୍ଯ୍ୟ ନାରାୟଣ ଦାସ, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମୋନିତା ଦାସ, ସାଧାରଣ ସମ୍ପାଦିକା ବର୍ଷା ବିଦ୍ୟୁସ୍ମିତା, ଜି.ବିଜୟ ପାତ୍ର, କେ.ରବି ରାଓ ପ୍ରମୁଖଙ୍କ ସମେତ ୱାର୍ଡ଼ର ବହୁ ଜନସାଧାରଣ ଏହି ସଂପର୍କ ଅଭିଯାନରେ ସାମିଲ୍ ହୋଇଥିଲେ ।

## ସ୍ୱାଧୀନ ପ୍ରାର୍ଥୀ ପିଣ୍ଟୁ ଦାସଙ୍କୁ ବିପୁଳ ଜନ ସମର୍ଥନ



ବ୍ରହ୍ମପୁର, (ସବ୍ୟ) : ଦିନକୁ ଦିନ ବ୍ରହ୍ମପୁର ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଦାସ (ପିଣ୍ଟୁ ଦାସ)ଙ୍କ ଜନ ସମର୍ଥନ ବଢ଼ିବାରେ ଲାଗିଛି । ବିଭିନ୍ନ ମୁଦ୍ଦାକୁ ନେଇ ଲୋକଙ୍କ ନିକଟତର ହେଉଛନ୍ତି ପିଣ୍ଟୁ ଦାସ। ଆଉ ଯେଉଁ ସ୍ଥାନକୁ ଯାଉଛନ୍ତି ଭୋଟରଙ୍କ ସମର୍ଥନ ଦେଖିବାକୁ ମିଳୁଛି । ଆଜି ଶିବଶଙ୍କର ଦାସ ସକାଳ ଖଲ୍ଲିକୋଟ କଲେଜ୍ ଖେଳ ପଡିଆରେ ପହଞ୍ଚି ବିଭିନ୍ନ ଯୁବକ, ବୁଦ୍ଧିଜୀବୀ, ମହିଳା ଓ ବରିଷ୍ଠ ନାଗରିକଙ୍କ ସହ ସାକ୍ଷାତ କରି ଭୋଟ ଦେବା ପାଇଁ ନିବେଦନ କରିଥିଲେ । ପରେ ଟାଉନ ହଲ, ୟୁନୀୟନ୍ କ୍ଲବ୍, ମ୍ୟୁନ୍ୟୁସିପାଲଟି ବ୍ୟାମ କେନ୍ଦ୍ର, ଗିରିଜା ଛକ, ରାମଲିଙ୍ଗେଶ୍ୱର ପାର୍କ, ଖାଜା ସାହି, ଷ୍ଟେସନ ଛକ ଆଦି ବୁଲି ନିଜର ସମର୍ଥକଙ୍କ ସହ ପ୍ରଚାର କରିଥିଲେ। ନିଜର ପ୍ରଚାର ସମୟରେ ବିଭିନ୍ନ ଯୁବକ ସଂଘ, ବ୍ୟବସାୟୀ ସଂଘ ଓ ବରିଷ୍ଠ ନାଗରିକ ଙ୍କ ଠାରୁ ଶ୍ରୀଯୁକ୍ତ ଦାସଙ୍କୁ ବାଣ ଫୁଟାଇ ବାଜା ବଜାଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ। ପ୍ରାର୍ଥୀଙ୍କ ସହ ସାକ୍ଷାତ ବେଳେ ଭୋଟର ମାନେ ବ୍ରହ୍ମପୁର ମହାନଗର ନିଗମରେ ହୋଇଥିବା ବିଭିନ୍ନ ଅବ୍ୟବସ୍ଥା ବିଷୟରେ ଜଣାଇଥିଲେ। ଏହାସହ ବର୍ତ୍ତମାନ ସମୟରେ ସେହି ସମସ୍ତ ସମସ୍ୟା କେବଳ ଆପଣ ବିଧାୟକ ହୋଇ ଆସିଲେ ସମାଧାନ ହୋଇପାରିବ ବୋଲି ସମର୍ଥନ କରିବା ସହ ବିଜୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସ୍ଥାନୀୟ ବାସିନ୍ଦା। ତେବେ ଶ୍ରୀଯୁକ୍ତ ଦାସ ୨୦୦୮ ମସିହାରୁ ୨୦୧୩ ପର୍ଯ୍ୟନ୍ତ ମହାନଗର ନିଗମର ମେୟର ଥିବା ସମୟରେ ଯେଉଁ ସବୁ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ ତାହାଠାରୁ ଦୁଇ ଗୁଣ ଅଧିକ କରିବା ସହ ବ୍ରହ୍ମପୁର ସହରକୁ ଏକ ପ୍ରତିଷ୍ଠିତ ଓ ବିକାଶଶୀଳ ସହର କରିବା ପାଇଁ ପ୍ରତିଶୃତି ଦେଇ ନିଜର ପ୍ରଚାର କରିଥିଲେ ।

## ରୌଦ୍ରତାପ ସାଙ୍ଗକୁ ବାରମ୍ବାର ବିଦ୍ୟୁତ୍ କାଟ

ଉଦୟଗିରି, (ସବ୍ୟୁ): ପ୍ରବଳ ରୌଦ୍ରତାପରେ ସମଗ୍ର ଓଡିଶା ଶିଝୁଥିବାବେଳେ ବାଲିଚନ୍ଦ୍ରପୁର ଓ ଆଖପାଖ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ପ୍ରବଳ ରୌଦ୍ରତାପରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି । ପ୍ରବଳ ରୌଦ୍ରତାପ ବୃଦ୍ଧି ସାଙ୍ଗକୁ ବାରମ୍ବାର ଘଣ୍ଟା ଘଣ୍ଟା ବିଦ୍ୟୁତକାଟ ଯୋଗୁଁ ଜନସାଧାରଣ ତ୍ରାହି ତ୍ରାହି ଡାକୁଛନ୍ତି । ପ୍ରବଳ ରୌଦ୍ରତାପରେ ଲୋକମାନେ ଘରୁ ବାହାରକୁ ବାହାରି ପାରୁନଥିବାବେଳେ ଘନ ଘନ ବିଦ୍ୟୁତକାଟ ଯୋଗୁ ଲୋକମାନେ ଘର ଭିତରେ ରହିପାରୁନାହାନ୍ତି । ରାଜ୍ୟରେ ବିଦ୍ୟୁତକାଟ ହେବନାହିଁ ବୋଲି ରାଜ୍ୟ ସରକାର ବାରମ୍ବାର ଘୋଷଣା କରିଥିଲେ ମଧ୍ୟ ବାଲିଚନ୍ଦ୍ରପୁର ଅଞ୍ଚଳରେ ପ୍ରତିଦିନ ଘନ ଘନ ବିଦ୍ୟୁତକାଟ ଏକ ନିତିଦିନିଆରେ ପରିଣତ ହୋଇଛି । ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଏବଂ ମନମୁଖୀ କାର୍ଯ୍ୟ ଯୋଗୁଁ ବାଲିଚନ୍ଦ୍ରପୁର ଅଞ୍ଚଳରେ ବିଦ୍ୟୁତସେବା ଏକପ୍ରକାର ଠପ ହୋଇଛି । ଲୋକମାନଙ୍କର ଗୋଟିଏ ମାସରେ ବିଲ ବିଳମ୍ବ ଘଟିଲେ ଟିପିସିଓଡିଏଲ ଲୋକମାନଙ୍କୁ ସର୍ବନିମ୍ନ ବିଦ୍ୟୁତସେବା ଯୋଗାଇ ଦେଉନାହାନ୍ତି । ଯଦ୍ଦ୍ୱାରା ବିଦ୍ୟୁତ ଉପଭୋକ୍ତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରବଳ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ରୌଦ୍ରତାପ ସାଙ୍ଗକୁ ନଦୀ,ନାଳ,ପୋଖରୀ ଶୁଖିଲା ପଡିଛି । ପଚାମୁଣ୍ଡାଇ କେନାଲ ସଂପୂର୍ଣ୍ଣ ଶୁଖିଲା ପଡିଥିବାବେଳେ ପଶୁ,ପକ୍ଷୀ,ଗାଈ,ଗୋରୁ ବା ଗୃହପାଳିତ ପଶୁମାନେ ପାଣି ପିଇବା ପାଇଁ ପାଉନାହାନ୍ତି,ଫଳରେ ଜୀବଜନ୍ତୁମାନେ ପାଣିବିନା ହାହାକାର ହୋଇପଡୁଛନ୍ତି । ବସୁଧା ଯୋଜନାରେ ପାଇପ ବିଛାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ । ଫଳରେ ବାଲିଚନ୍ଦ୍ରପୁର ଓ ଆଖପାଖ ପଞ୍ଚାୟତବାସୀ ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଚାମୁଣ୍ଡାଇ କେନାଲରେ ତୁରନ୍ତ ପାଣିଛାଡିବା ସହିତ ୨୪ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିଜେଡିରୁ ଇସ୍ତଫା ଦେଲେ ବିଜୁ ଯୁବ ଉତ୍ତର ଓଡ଼ିଶା ଜୋନ୍ ସାଧାରଣ ସମ୍ପାଦକ ସୌରଭ



ବାରିପଦା, (ସବ୍ୟୁ) : ନିର୍ବାଚନ ଯେତିକି ପାଖଉଛି ମୟୂରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନ ମଣ୍ଡଳୀର ରାଜନୈତିକ ଗଣିତ ସେତିକି ବିଗୁଡୁଛି । ବିଶେଷ କରି ମୋରଡା ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଶକ୍ତ ଆଘାତ ଲାଗୁଛି । ସୋମବାର ମୋରଡା ନିର୍ବାଚନ ମଣ୍ଡଳୀର ଟାଣୁଆ ଯୁବନେତା ତଥା ଉତ୍ତର ଓଡିଶା ଜୋନ୍‌ର ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ସୌରଭ ରଞ୍ଜନ ମହାନ୍ତି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ସୌରଭ ମୋରଡା ନିର୍ବାଚନ ମଣ୍ଡଳୀରେ ଜଣେ ଦକ୍ଷ ଯୁବ ସଂଗଠକ ଭାବେ ସବୁଠି ଆଦୃତ ଥିଲେ । ଏଠାରେ ସୂଚନାଯୋଗ୍ୟ ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ମୋରଡା ବିଧାୟକ ରାଜ କିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନ୍‌ଗୋଙ୍କୁ ବିଜେଡି ପାର୍ଥୀ ଭାବେ ଘୋଷଣା କରିଛି । ଏହି ଘୋଷଣା ପରେ ଗତ କିଛିଦିନ ତଳେ ମୋରଡା ନିର୍ବାଚନ ମଣ୍ଡଳୀର ବିଜେଡିର ହେବିୱେଟ୍ ନେତା କୃଷ୍ଣଚନ୍ଦ୍ର ଦାସ ବିଜେଡିରୁ ଇସ୍ତଫା ଦେଇ ତାଙ୍କ ସମର୍ଥକଙ୍କ ସହ ଜେଏମଏମରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ବିଜେଡିର ନେତା ଓ କର୍ମୀଙ୍କୁ ଏକଜୁଟ୍ କରି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ନ କରିଲେ ଏହା ବିଜେଡି ପାଇଁ ମହଙ୍ଗା ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ




ବାରିପଦା, (ସବ୍ୟୁ) : ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବାରିପଦାରେ ୨୨ ଏପ୍ରିଲ ୨୦୨୪ ତାରିଖ ବହୁ ଆଡ଼ମ୍ବରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାର ଅଧକ୍ଷତା କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ। ଅତିଥି ଭାବରେ ଯୋଗ ଦେଇଥିଲେ ଆଞ୍ଚଳିକ ଉପନିର୍ଦ୍ଦେଶନ ବାଲେଶ୍ୱର ଡଃ କୈଳାଶ ଚନ୍ଦ୍ର ମିଶ୍ର। ପ୍ରାରମିକ ଭାଷଣରେ ବାଣିଜ୍ୟ ବିଭାଗର ମୁଖ୍ୟ ଡଃ ଆଶୁତୋଷ ପ୍ରୟାସ ଦାଶ ସମସ୍ତଙ୍କୁ ସମ୍ବର୍ଦ୍ଧନ କରି ପ୍ରାଚୀନ ପରମ୍ପରାରେ କିଭଳି ପଶୁପକ୍ଷୀ ମାନଙ୍କୁ ପାରିବାରିକ ବନ୍ଧନରେ ବାନ୍ଧି ରଖୁଥିଲେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ଅତିଥି ଡଃ ମିଶ୍ର ବୃକ୍ଷ ହିଁ ଜୀବନ ଏବଂ ସବୁଜ ସୁନ୍ଦର ପୃଥିବୀର ଆବଶ୍ୟକତା ରହିଛି ବୋଲି କହିଥିଲେ। ଆରମ୍ଭରେ ବୃକ୍ଷକୁ ପୂଜା କରିବା, ସେମାନଙ୍କୁ ଶାସ୍ତ୍ରୀୟ ସଙ୍ଗୀତ ଶୁଣାଇବା ଏବଂ ପଶୁପକ୍ଷୀ ମାନଙ୍କ ପାଇଁ ୩୦ ରୁ ୪୦ଟି ସ୍ଥାନରେ ଖାଦ୍ୟ ପାନୀୟ ଦିଆଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କୁ ଖଲିପତ୍ରରେ ଫଳ ଏବଂ ଓଆରଏସ ଦିଆଯାଇଥିଲା। ଏହି ସଭାରେ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୃଥିବୀ ବନାମ ପ୍ଲାଷ୍ଟିକ ବିଷୟନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ଆବାହକ ଡଃ ସରୋଜ କୁମାର ପାତ୍ର, ସେ ଭାଷଣରେ ଭବିଷ୍ୟତ ପିଢିକୁ ସବୁଜ ସୁନ୍ଦର ପୃଥିବୀ ଅର୍ପଣ କରିବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ଅଧକ୍ଷ ପ୍ରଃ ପ୍ରମୋଦ ଚନ୍ଦ୍ର ସାହୁ କହିଥିଲେ ଯେ, ନିଜ କଥା ଚିନ୍ତା ନକରି ପୃଥିବୀର ସମସ୍ତ ପ୍ରାଣୀ ପ୍ରକୃତି ବିଷୟରେ ଚିନ୍ତା କରିବା ଏବଂ ମାତୃଭୂମିର ରକ୍ଷା କରିବା। ଏହି ସଭାରେ ବିଜ୍ଞାନ ବିଭାଗର ସମସ୍ତ ବିଭାଗ ଏବଂ ନୃତନ୍ତ୍ର ବିଭାଗ ଅଂଶଗ୍ରହଣ କରିଥିଲେ। ରସାୟନ ବିଭାଗର ମୁଖ୍ୟ ଡଃ ସୁଧୀର କିସ୍କୁ, ଛାତ୍ରୀ ସେହ୍ନା ବସା ପରିବେଶ କିପରି ପ୍ରଦୂଷିତ ହେଉଛି କହିଥିଲେ। ନୃତତ୍ତ୍ୱ ବିଭାଗର ମୁଖ୍ୟ ଡଃ ସାଉନା ମାଝି ଓ ଛାତ୍ର ସାଇ ରଞ୍ଜନ ଆଦିବାସୀ ପରମ୍ପରାରେ ପ୍ରକୃତି କିପରି ମଣିଷକୁ ସୁରକ୍ଷା ପ୍ରଦାନ କରିଛି ବୋଲି ଉପସ୍ଥାପନ କରିଥିଲେ। ଉଦ୍ଭିଦ ବିଜ୍ଞାନର ମୁଖ୍ୟ ତଥା ମୁଖ୍ୟ ଆବାହକ ଅନନ୍ତ କୁମାର ନାୟକ ଓ ଛାତ୍ରୀ ଶ୍ରେୟା ମହାନ୍ତି ପ୍ଲାଷ୍ଟିକର ପୁନଃ ବ୍ୟବହାର ସମ୍ପର୍କରେ ମତ ରଖିଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପକ ଡଃ ପଙ୍କଜ କୁମାର ଜେନା ଓ ଛାତ୍ରୀ ପ୍ରଜ୍ଞା ଧରିତ୍ରୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଭୂତତ୍ତ୍ୱ ବିଭାଗର ଛାତ୍ରୀ ମମତା ମହାନ୍ତ ପୃଥିବୀର ପରିବେଶ ଓ ଜଳବାୟୁ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ରଶ୍ମିତା ନାୟକ ଓ ଛାତ୍ରୀ ଉର୍ବଶୀ ଝା ଜୀବଜଗତ ସହ ପରିବେଶର ସନ୍ତୁଳନ ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ। ଆଲୋଚନାର ଶେଷରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଙ୍କ ପ୍ରଶ୍ନ-ଉତ୍ତର ଓ ପ୍ରତିକ୍ରିୟା ରଖାଯାଇଥିବା ବେଳେ ପ୍ରଶାସନିକ ଅଧିକାରୀ ଡଃ ଦୀପକ କୁମାର ବେହେରା ପ୍ରକୃତି ପ୍ରତି ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟରକି ଦାୟିତ୍ୱ ରହିବା ଦରକାର ସେ ସମ୍ପର୍କରେ କହିଥିଲେ। ସଭାର ପରିଣତିରେ ଉଦ୍ଭିଦ ବିଜ୍ଞାନର ଛାତ୍ରୀ ଶିବାନୀ ଗିରି ଉପସ୍ଥିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ।

## ଗୁପ୍ତକ୍ଷେତ୍ର ସଖୀବଟରେ ପ୍ରବଚନ, ଭଜନ ସମାରୋହ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ପ୍ରସିଦ୍ଧ ବଳଦେବ ସଂସ୍କୃତି ର ଅନନ୍ୟ ପ୍ରାଚୀନ ଗୁପ୍ତକ୍ଷେତ୍ର ସଖୀବଟ ରେ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଖୀବଟ ମହାପୁରୁଷ ଟ୍ରଷ୍ଟ ବୋର୍ଡ ଓ ଦ୍ୱାବିଂଶ ତମ ବିଶ୍ୱଶାଂ ମହାଯଜ୍ଞ ପକ୍ଷରୁ ଦ୍ୱିତୀୟ ସଂନ୍ଧ୍ୟାରେ ବାଗ୍‌ଦେବୀ କଳାମନ୍ଦିର ଭରତପୁର ଦ୍ୱାରା ଅନୁଷ୍ଠିତ ଭଜନ ସମାରୋହ ରେ ଲୋକପ୍ରିୟ କଣ୍ଠଶିଳ୍ପୀ ରବିନ୍ଦ୍ର ମହାପାତ୍ର, ସୌମ୍ୟ ଦାଶ, ସୁପ୍ରିୟା ଦାସ, ରୋହିତ ପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ ପ୍ରଭୃତି ଭଜନ ପରିବେଷଣ କରିଥିଲେ । ସେହିପରି ତୃତୀୟ ସଂନ୍ଧ୍ୟାରେ ପ୍ରବଚକ ମେଜର ଭରତ ଚନ୍ଦ୍ର ଜେନା, ଭିକାରୀ ଚରଣ ପ୍ରଧାନ ଯୋଗ ଦେଇ ଭାଗବତ କଥା ଓ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ । ଚତୁର୍ଥ ସଂନ୍ଧ୍ୟାରେ ମା ବାସ'ୀ ଭଜନ ମଂଚ କଟକ ପକ୍ଷରୁ ଲୋକପ୍ରିୟ ଆଲବମ ଭଜନ ଗାୟକ କୁମାର ଦିଲିପ, କୁମାର ପପୁ, ସୁଶ୍ରୀ ସଂନ୍ଧ୍ୟାରାଣୀ, ସୁଶ୍ରୀ ରୋଜାଲିନୀ, ସୁଶ୍ରୀ ଚିନ୍ମୟୀ ପ୍ରମୁଖ ଚିତାକର୍ଷକ ଭଜନ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ନୃତ୍ୟ, ସଙ୍ଗୀତ, ସାଂସ୍କୃତିକ ପ୍ରମୁଖ କାର୍ଯ୍ୟକ୍ରମ କରାଯାଇ ଥିଲା । ସଖୀବଟ ପରିସର ରେ ମହାପ୍ରଭୁଙ୍କ ଦର୍ଶନ ଓ ଯଜ୍ଞ ଦେଖିବା ସହ ପୀଠ ପରିସର ରେ ଯଜ୍ଞ ଝାଂକି ଦେଖୀବାକୁ ଶ୍ରଦ୍ଧାଳୁଙ୍କର ବେଶ୍ ଭିଡ ପରିଲିକ୍ଷିତ ହୋଇଛି । ଟ୍ରଷ୍ଟବୋର୍ଡ ସଭାପତି ତଥା ମାର୍ଶାଘାଇ ର ତହସିଲଦାର ଶ୍ରୀକା' କୁମାର ପରିଜାଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସଂଯୋଜକ ଇଂ ତୀର୍ଥବାସୀ ପଣ୍ଡା ଦିନବନ୍ଧୁ ସ୍ୱାଇଁଙ୍କ ସମେତ ସଦସ୍ୟ ଇଂ ଅକ୍ଷୟ କୁମାର ପାଣି, ବୈଷ୍ଣବ ଚରଣ ସ୍ୱାଇଁ, ଅଭୟ ପତ୍ରୀ, ସମୀର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଏହି ଯଜ୍ଞ ଆସ'ା ମଙ୍ଗଳବାର ପୂର୍ଣ୍ଣାହୂତି ସହ ଉଦ୍‌ଯାପିତ ହେବ ବୋଲି ଆୟୋଜକ ସୂତ୍ରରୁ ଜଣାପଡିଛି।

# ନାମାଙ୍କନପତ୍ର ଦାଖଲ କଲେ ବିଜେଡ଼ି ବିଧାୟକ ପ୍ରାର୍ଥୀ



କୋକସରା,(ସବ୍ୟୁ): ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ସୋମବାର ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଶ୍ରୀସିଂଦେଓ ନିଜର ଶତାଧିକ ସମର୍ଥକଙ୍କ ଗହଣରେ ସ୍ଥାନୀୟ ଭଣ୍ଡାରଘରଣୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଅଧିକାରୀଙ୍କ ନିକଟରେ ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ସୂଚନା ଯେ' ଗତ ୧୮ ତାରିଖରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଶ୍ରୀସିଂଦେଓ ନିଜର ନାମାଙ୍କନପତ୍ର ଦାଖଲ କରିସାରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଓ ବିକାଶ ହିଁ ପ୍ରମୁଖ ମୁଦ୍ଦା ହେବ ବୋଲି କହିବା ସହ ତାଙ୍କୁ ବିପୁଳ ସମର୍ଥନ ଦେଇ ବିଜୟୀ କରାଇବା ପାଇଁ ଲୋକଙ୍କୁ ଆଶୀର୍ବାଦ କାମନା କରିଥିଲେ । ନାମାଙ୍କନପତ୍ର ଦାଖଲ ସମୟରେ ବରିଷ୍ଠ ବିଜେଡି ନେତା ରାଜେନ୍ଦ୍ର ମୁନି, ଧର୍ମଗଡ ନଗର ସଭାପତି ମଦନ ନାଏକ, ସମାଜ କଲ୍ୟାଣ ଅଧକ୍ଷା କଲ୍ୟାଣୀ ନାଏକ, ଭବାନୀଶଙ୍କର ପଣ୍ଡା, ବରିଷ୍ଠ ବିଜେଡି ନେତା ଥବିର ପ୍ରସାଦ ସାହୁ ସମର୍ଥକ ମାନେ ହେଲେ ରାଜେନ୍ଦ୍ର ଭୋଇ, ଗୌର ଛତ୍ରିଆ, ମଙ୍ଗଳୁ ଭାଟି, ଅଭିମନ୍ୟୁ ବାଗ, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ବିଶାଳ ରାଲିରେ କୋକସରା, ଧର୍ମଗଡ଼ ଓ କଲମପୁର ବ୍ଲକର ଶହ ଶହ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

# ନିର୍ବାଚନ ଭଣ୍ଡୁର ଯୋଜନାରେ ମାଓବାଦୀ!

## ମିଳିଲା ମାଓ ପୋଷ୍ଟର

ସୁନ୍ଦରଗଡ଼,(ସବ୍ୟୁ): ଚଳିତ ନିର୍ବାଚନକୁ ଭଣ୍ଡୁର କରିବା ଯୋଜନାରେ ରହିଛନ୍ତି ମାଓବାଦୀ। ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ୍ ଅନ୍ତର୍ଗତ ଜରେଇକେଲା ପଞ୍ଚାୟତର କୋପସିଙ୍ଗା ବଜାରରେ ମିଳିଥିବା ପୋଷ୍ଟରରୁ ସେମାନଙ୍କ ଏହି ଯୋଜନା ସମ୍ପର୍କରେ ଜଣାପଡ଼ିଛି। ଏହି ପୋଷ୍ଟରରେ ମାଓ ସଙ୍ଗଠନ ଲୋକସଭା ନିର୍ବାଚନକୁ ବିରୋଧ ସଂକ୍ରାନ୍ତରେ ଉଲ୍ଲେଖ ରହିଛି। ଆସନ୍ତା ମେ ୨୦ରେ ସୁନ୍ଦରଗଡ଼ ଜିଲ୍ଲାରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଦିନଧାର୍ଯ୍ୟ କରାଯାଇଛି। କିଛିଦିନ ପରେ ସମସ୍ତ ପ୍ରାର୍ଥୀ ନାମାଙ୍କନପତ୍ର ମଧ ଦାଖଲ କରିବେ। ଏଭଳି ସ୍ଥିତିରେ ପୋଷ୍ଟର ଲଗାଇ ମାଓବାଦୀ ମାନେ ପୁଣିଥରେ ସେମାନଙ୍କ ଉପସ୍ଥିତି ଜାହିର କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏ ସମ୍ପର୍କରେ ଖବର ପାଇ ବିଶ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୋଷ୍ଟରଗୁଡ଼ିକୁ ଜବତକରି ତଦନ୍ତ ଆରମ୍ଭ କରିଥିବା ବେଳେ ସୁରକ୍ଷାବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ସିଆରପିଏଫ୍ ଯବାନଙ୍କ ଦ୍ୱାରା ଯାଞ୍ଚ କଡ଼ାକଡ଼ି କରାଯାଇଛି। ସୀମାରେ ଯାଉଥିବା ସମସ୍ତଙ୍କୁ ଯାଞ୍ଚକଲା ପରେ ହିଁ ଛଡ଼ାଯାଉଛି। ମାଓବାଦୀମାନେ ଯେପରି କୌଣସି ଅଘଟଣ ଘଟାଇ ନ ପାରିବେ, ସେଥିପାଇଁ ସମ୍ପୂର୍ଣ୍ଣଭାବେ ପୁଲିସ ଓ ଯବାନ ସଜାଗ ରହିଛନ୍ତି ।

ଅନ୍ୟପକ୍ଷରେ କୋପସିଙ୍ଗା ବ୍ୟତୀତ ମାଓବାଦୀମାନେ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲାର ପାଞ୍ଚପହିୟା ଓ ଡୋମଲେଇ ଗ୍ରାମରେ ପୋଷ୍ଟର ଲଗାଇ ଗ୍ରାମବାସୀଙ୍କୁ ନିର୍ବାଚନ ବର୍ଜନ କରିବାକୁ ଆହ୍ୱାନ ଦେଇଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୩ବର୍ଷ ପୂର୍ବେ ଅର୍ଥାତ୍ ୨୦୧୧ ମସିହାରେ ଜାନୁଆରି ୧୦ ତାରିଖ ମଧ୍ୟରାତ୍ରିରେ ଜରେଇକେଲା ପୁଲିସଫାଣ୍ଡିରେ ମାଓବାଦୀ ମାନେ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିଥିଲେ। ଏହାପରେ ନକ୍ସଲଙ୍କ ପ୍ରାଦୁର୍ଭାବକୁ ନଜରରେ ରଖି ତତ୍କାଳୀନ ରାଉରକେଲା ଏସପି ଦୀପ୍ତେଶ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜରାଇକେଲା ଫାଣ୍ଡିକୁ ତୁରନ୍ତ ବନ୍ଦ କରାଯାଇଥିଲା। ପରେ ମାଓବାଦୀ ଘଟଣା ସାମାନ୍ୟ କମ୍ ହେବାରୁ ୨୦୧୬ ଏପ୍ରିଲ ୧ ତାରିଖରେ ଏହି ଫାଣ୍ଡି ପୁନର୍ବାର ଆରମ୍ଭ କରାଯାଇଥିଲା। ଏବେ ଜରେଇକେଲାରେ ନକ୍ସଲ ପୋଷ୍ଟର ଲଗାଯିବା ଘଟଣାପରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିବାବେଳେ ଜରେଇକେଲା ଫାଣ୍ଡିରେ କାର୍ଯ୍ୟ କରୁଥିବା ପୁଲିସ କର୍ମଚାରୀ ବିଚଳିତ ଥିବା ଜଣାପଡ଼ିଛି।

# ହରିଶଙ୍କରରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ପବିତ୍ର ପୁଣ୍ୟ କ୍ଷେତ୍ର ହରିଶଙ୍କର ଟିଆରସି ସଭାଗୃହରେ ପାଟଣାଗଡ଼ ଦେବୋତ୍ତର ବିଭାଗ ତରଫରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ଼ ଉପ ଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା କିଭଳି ଶାନ୍ତି ଶୃଙ୍ଖଳା ସହ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ସାଧାରଣ ନିର୍ବାଚନ ଥିବାରୁ ଏବଂ ମେଳା ନିର୍ବାଚନ ଦିବସରେ ପଡୁଥିବାରୁ ମେଳାକୁ ୫ଦିନରୁ କମାଇ ୩ଦିନ କହିବାକୁ ଆଲୋଚନା ହୋଇଥିଲା। ସେହିପରି ମେଳାର ପରିଚାଳନା ପାଇଁ ସ୍ଥାନୀୟ ସବ କମିଟି ଓ ସ୍ୱେଚ୍ଛାସେବୀ ସଂଖ୍ୟା ବୃଦ୍ଧି କରିବା, ଅନ୍ୟ ବର୍ଷ ଭଳି ବିଭିନ୍ନ ଜାତି, ସଂଗଠନ ତରଫରୁ ଅନ୍ନ ପ୍ରସାଦ ବଣ୍ଟନ, ପାନୀୟ ଜଳ ବଣ୍ଟନ, ଶାନ୍ତି ଶୃଙ୍ଖଳା, ଶ୍ରଦ୍ଧାଳୁ ଦର୍ଶନ, ନୀତି କାନ୍ତି, ହୋମ ଯଜ୍ଞ ଉପର ଆଲୋଚନା ହୋଇଥିଲା। ନିର୍ବାଚନ ଥିବାରୁ ଜିଲ୍ଲାପାଳ ଓ ଏସପିଙ୍କ ସହ ଆଲୋଚନା ପରେ ଆଗାମୀ ବୈଠକ କରି ଚୁଡାନ୍ତ ପ୍ରସ୍ତୁତି କରାଯିବ ବୋଲି ଉପଜିଲ୍ଲାପାଳ ନାୟକ ପ୍ରକାଶ କରିଥିଲେ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସଦାନନ୍ଦ ପୁଝାରୀ, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଏସ ମହାରଣା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଦେବୋତ୍ତର ସଭ୍ୟ ଶଶି ପୁଝାରୀ, ରୋହିତ ମେହେର, ଅଭୟ ତ୍ରିପାଠୀ, ପଞ୍ଚୁ ସାହୁ, ସବ କମିଟି ସଭାପତି ବିପ୍ର ବିଶି, ସଦାନନ୍ଦ ଭୋଇ, ପ୍ରହ୍ଲାଦ ଚାନ୍ଦ, ଗୋପାଳ ପାତ୍ର, କ୍ଷମାନିଧି ଭୋଇ, ଉମାକାନ୍ତ ପ୍ରଧାନ, ଜ୍ୟୋତିରଞ୍ଜନ ପଣ୍ଡା, ବଳରାମ ବେହେରା, ତପ ସାହୁ, ପୂଜକ ନରସିଂହ ପୁଝାରୀ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଭାଗ୍ୟବାନ ସାହୁ, ଦେବୋତ୍ତର କିରାଣି ସନ୍ତୋଷ ବେହେରା ସମେତ ସବ କମିଟି ସଦସ୍ୟ ଉପସ୍ଥିତି ଥିଲେ। ପରେ ଝରଣାକୁଳ, ମନ୍ଦିର ପରିସର, ମେଳା ପଡିଆ ବୁଲି ଦେଖିଥିଲେ।

# ସନାତନପାଲି ଗ୍ରାମବାସୀଙ୍କୁ ଅଟକାଇଲା ପୋଲିସ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଘେନୁପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସନାତନପାଲି ଗ୍ରାମବାସୀଙ୍କୁ ସଦର ଥାନା ପୋଲିସ ଅଟକାଇଥିବା ଜଣାପଡିଛି । ଗ୍ରାମବାସୀ ମାନେ ଏକ ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ଆସୁଥିବା ବେଳେ ପୋଲିସ ଅଧାବାଟରେ ସେମାନଙ୍କୁ ଅଟକାଇଥିଲା । ଏହାକୁ ନେଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ କିଛି ସମୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ସୂଚନାଯୋଗ୍ୟ, ସନାତନପାଲି ଗ୍ରାମରେ ଏକ ଆଶ୍ରମ ବିଦ୍ୟାଳୟ ରହିଛି । ଏଥିସହ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଥିବାବେଳେ ଜବରଦଖଲ ଯୋଗୁଁ ପାଚେରୀ କାନ୍ଥ ନିର୍ମାଣ ହୋଇପାରୁନାହିଁ । ଏହାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କୁ ଭେଟିବାକୁ ଶହଶହ ସଂଖ୍ୟାରେ ଆସୁଥିଲେ । ଏହା ଜଣାପଡିବା ପରେ ପୋଲିସ ସେମାନଙ୍କୁ ଅଟକାଇ ଆରଆଇଙ୍କ ଜରିଆରେ ଜମି ଚିହ୍ନଟ ଓ ଆବଶ୍ୟକ ସ୍ଥଳେ ଜବରଦଖଲ ହଟାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ତେବେ କିଛି ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।

# ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ ସରକାର ବିଫଳ




ସମ୍ବଲପୁର,(ସବ୍ୟୁ): ରାଜ୍ୟରେ ଦୀର୍ଘ ୨୫ବର୍ଷ ହେବ ବିଜେଡି ସରକାର ନିରଙ୍କୁଶ ଭାବେ କ୍ଷମତାରେ ରହିଛି । ସରକାରଙ୍କ ସଫଳତା କେବଳ ବିଜ୍ଞାପନରେ ସୀମିତ ଅଟେ । ବାସ୍ତବ କ୍ଷେତ୍ରରେ ରାଜ୍ୟବାସୀ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାରେ ସରକାର ବିଫଳ ହୋଇଛି । ସୋମବାର ହୋଟେଲ ହରଜିତ୍ ରେସିଡେନ୍ସି ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ବରିଷ୍ଠ ନେତା ଡ. ପ୍ରମୋଦ ରଥ ଏହି ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି ଯେ, କେନ୍ଦ୍ରର ମୋଦି ସରକାର ହର ଘର ମେଁ ନଲ ପେ ଜଲ୍ ଯୋଜନାରେ ୧୦ହଜାର କୋଟିରୁ ଅଧିକ ଟଙ୍କା ଦେଇଛନ୍ତି । ଏହାସତ୍ତ୍ୱେ ରାଜ୍ୟ ସରକାର ବିଶୁଦ୍ଧ ପାଣି ଯୋଗାଇ ଦେବାରେ ବିଫଳ ହୋଇଛି । ଅପରିଷ୍କାର ପାଣି ପିଇ ହଇଜା ଓ ଜଣ୍ଡିସରେ ଲୋକେ ମୃତ୍ୟୁବରଣ କରୁଛନ୍ତି । ସମ୍ବଲପୁର ପିଏଚ୍‌ଡି ପାଣିରେ ପୋକ ବାହାରୁଛି । ହୀରାକୁଦ ଓ ସମ୍ବଲପୁର ମୈତ୍ରୀ ନଗରରେ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେହିପରି ଜଳସ୍ରୋତର ସୁରକ୍ଷା ପାଇଁ ରାଜ୍ୟ ସରକାର ପୋଖରୀ ତୁଠରେ ସାଇନବୋର୍ଡ ଲଗାଇ କାମ ସାରି ଦେଇଛି । ଫଳରେ ପୁଷ୍କରିଣୀ ଗୁଡ଼ିକୁ ପୁନଃରୁଦ୍ଧାର ହୋଇପାରିନାହିଁ । ବିଜ୍ଞାପନ ମାଧ୍ୟମରେ ଠିକାଦାର ପୋଷଣ ନୀତି ଅବଲମ୍ବନ କରାଯାଇଛି । ସମ୍ବଲପୁର ସହରରେ ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ୍‌ର ବ୍ୟବସ୍ଥା କରାଯାଇନାହିଁ । ସେମାନଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା ନକରି ମହାନଗର ନିଗମ କର୍ତ୍ତୃପକ୍ଷ ତାଙ୍କୁ ତଡି ଦେଲେ ସେମାନେ ଜୀବିକା ନିର୍ବାହ କରିବେ କିପରି? ମହାନଗର ନିଗମ ଘୋଷଣା ହେବାର ୧୧ବର୍ଷ ପରେ ମଧ୍ୟ ନିର୍ବାଚନ ହୋଇନାହିଁ । ମହାନଗର ଅଞ୍ଚଳରେ ନିର୍ବାଚନ ପ୍ରତିନିଧି ନଥିବାରୁ ସାଧାରଣ ଲୋକଙ୍କ ଅସୁବିଧା ପ୍ରଶାସନର ନଜରରେ ଆସି ପାରୁନାହିଁ । ଫଳରେ ସହରରେ ଅଳିଆ ଆର୍ବଜନା ଓ ଡ୍ରେନ ଆଦି ସଫା ନହୋଇ ମାସମାସ ଧରି ପଡି ରହୁଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡଙ୍ଗୀ ଓ ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ ଉପସ୍ଥିତ ଥିଲେ ।

# କଂଗ୍ରେସର ମିଶ୍ରଣ ପର୍ବ ଓ ନିର୍ବାଚନ ସଭା

ନର୍ଲା,(ସବ୍ୟୁ): ନିର୍ବାଚନ ଯେତିକି ପାଖେଇ ଆସୁଛି ଦିନକୁ ଦିନ ରାଜନୈତିକ ଉଷ୍ମତା ତୀବ୍ର ହେବାରେ ଲାଗିଛି। ଦଳ ଛାଡି ଦଳ ଡେଉଁଛନ୍ତି ଅସନ୍ତୁଷ୍ଟ ନେତା ଓ କର୍ମୀ। ଏଥର ନର୍ଲା ନିର୍ବାଚନ ମଣ୍ଡଳୀରେ ତିନି ପ୍ରମୁଖ ଦଳ ମଧ୍ୟରେ ଲଢେଇ ହେବାକୁ ଥିବା ବେଳେ କଡ଼ା ଟକ୍କରରେ ବିଜେଡି ଓ କଂଗ୍ରେସ ନର୍ଲା ନିର୍ବାଚନ ମଣ୍ଡଳୀରେ ଉଭା ହୋଇଥିବା ସ୍ଥାନୀୟ ଭୋଟର ଆଲୋଚନା କରୁଛନ୍ତି। ଏହାରି ଭିତରେ ବିଜେଡି ଦଳର ରାଜ୍ୟ ସମ୍ପାଦକ ଚିତ୍ତରଞ୍ଜନ ମଣ୍ଡଳ କିଛି ଦିନ ତଳେ ବିଜେଡି ଦଳରୁ ଇସ୍ତଫା ଦେଇ ପୁଣିଥରେ କଂଗ୍ରେସ ଦଳକୁ ଘର ବାହୁଡ଼ା କରିଛନ୍ତି। ନର୍ଲା ଠାରେ କଂଗ୍ରେସର ଏକ ସମାବେଶ ସ୍ଥଳରେ ଶ୍ରୀ ମଣ୍ଡଳ ନିଜର କିଛି ଅନୁଗାମୀଙ୍କୁ ଏକାଠି କରି ନର୍ଲା କଂଗ୍ରେସ ସାଧାରଣ ସଭା ଓ ମିଶ୍ରଣ ପର୍ବରେ ଯୋଗଦେଇ ଚର୍ଚ୍ଚାର ବିଷୟ ସାଜିଛନ୍ତି। ଏହି ସଭାରେ କଂଗ୍ରେସର କଳାହାଣ୍ଡି ପର୍ଯ୍ୟବେକ୍ଷକ ଶେହନୱାଜ ହୁସେନ ଚୌଧୁରୀ, କଂଗ୍ରେସର ରାଜ୍ୟ ପ୍ରଭାରୀ ମିନାକ୍ଷୀ ନଟରାଜନ, ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭକ୍ତ ଚରଣ ଦାସ, କଳାହାଣ୍ଡି ଲୋକସଭା ପ୍ରାର୍ଥୀନୀ ଦ୍ରୌପଦୀ ମାଝୀ,ପୂର୍ବତନ ମନ୍ତ୍ରୀ ତଥା ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବଳଭଦ୍ର ମାଝୀ , ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ,ଏମ୍.ବି ସାହେବ, ନର୍ଲା ବ୍ଲକ କଂଗ୍ରେସ ସଭାପତି ସମୀର ଚାନ୍ଦଙ୍କ ସହ ନର୍ଲା,କର୍ଲାମୁଣ୍ଡା, ମ.ରାମପୁର,ରିଷିଡା, ଲାଞ୍ଜିଗଡ଼ ଓ ସଦର ଭବାନୀ ପାଟଣା ବ୍ଲକର କିଛି ସମର୍ଥକ କଂଗ୍ରେସପ୍ରେମୀ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଭକ୍ତଚରଣ ଦାସ ନର୍ଲା ଠାରେ ରେଳ ଡବା ମରାମତି କାରଖାନା ପ୍ରସଙ୍ଗ ସହ ରେତ, ସାନ୍ଦୁଲ ,ଉତେଇ ନଦୀରେ ଜଳସେଚନ ବ୍ୟବସ୍ଥାକୁ ବ୍ୟାପକ କରି ନର୍ଲା ଅଞ୍ଚଳକୁ ଶସ୍ୟଶ୍ୟାମଳାପୂର୍ଣ୍ଣ କରିବା ସହିତ କଂଗ୍ରେସର ଗ୍ୟାରେଣ୍ଟି ଉପରେ ଭୋଟରଙ୍କୁ ସଚେତନ କରାଇ ବିଜେଡି ଓ ବିଜେପି ଉପରେ ଖୁବ୍ ଜୋର ବର୍ଷିଥିଲେ। କଳାହାଣ୍ଡି ଜିଲ୍ଲାରୁ ପ୍ରଥମ ଥର ସକାଶେ କଂଗ୍ରେସ ଜଣେ ଆଦିବାସୀ ମହିଳାଙ୍କୁ ଲୋକସଭା ପ୍ରାର୍ଥୀନୀ ଭାବେ ଛିଡ଼ା କରିଥିବା ନେଇ ଲୋକସଭା ପ୍ରାର୍ଥୀନୀ ଦ୍ରୌପଦୀ ମାଝୀ ଜନସାଧାରଣଙ୍କୁ ହାତ ଚିହ୍ନରେ ଭୋଟ ଭିକ୍ଷା କରିଥିଲେ। ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ବଳଭଦ୍ର ମାଝୀ କହିଥିଲେ ଯେ ଆଗାମୀ ଦିନରେ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଳାହାଣ୍ଡି ବିକାଶ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିବ ଏଥିପାଇଁ ଅବିଭକ୍ତ ନର୍ଲା ବିଧାନସଭା ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀନୀଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ଦଳରେ ସାମିଲ ପରେ ଚିତ୍ତ ରଞ୍ଜନ ମଣ୍ଡଳ କଂଗ୍ରେସକୁ ପୁଣି ଥରେ ଫେରିଥିବା ଯୋଗୁଁ ବେଶ ଖୁସିବ୍ୟକ୍ତ କରି ଆଗାମୀ ଦିନରେ ନର୍ଲା ଅଞ୍ଚଳ ତଥା କଳାହାଣ୍ଡି ଜନସାଧାରଣଙ୍କୁ ନିଜର ଜନସେବା ଯୋଗାଇ କଂଗ୍ରେସ ଦଳ ପାଇଁ ନିଷ୍ଠାର ସହିତ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସୋନପୁର ବିଧାନସଭା ଆସନ : ଅଭିଜ୍ଞଙ୍କୁ ଟକ୍କର ଦେବେ ନବାଗତ






ସୋନପୁର,(ସବ୍ୟୁ):ଚଳିତ ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଭିନ୍ନ କୌଶଳ ଅବଲମ୍ବନ କରି ନେତାମାନେ ଜନତାଙ୍କ ନିକଟକୁ ପହଞ୍ଚିବା ପାଇଁ ପ୍ରୟାସ କରୁଛନ୍ତି । କିଏ ନିଜ ଦଳର ନେତାଙ୍କୁ ନେଇ ବୈଠକ କରୁଛନ୍ତି ତ କିଏ ନାମଯଜ୍ଞ ଅବା ମନ୍ଦିର ଦର୍ଶନ କରି ଲୋକଙ୍କ ସମର୍ଥନ ନେବା ପାଇଁ ଉଦ୍ୟମ କରୁଛନ୍ତି । ତେବେ ଏହା ଭିତରେ ସୋନପୁରରେ ଏକ ଚର୍ଚ୍ଚା ଜୋର୍ ଧରିଛି। ତାହା ହେଲା, ଅଭିଜ୍ଞଙ୍କୁ ଟକ୍କର ଦେବେ ନବାଗତ। ଜିଲ୍ଲାର ଦୁଇ ବରିଷ୍ଠ ନେତା ବିଜେଡିର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବିଜେପିର ଜିଲ୍ଲା ସଭାପତି ପ୍ରମୋଦ ମହାପାତ୍ରଙ୍କ ସହ ଲଢ଼େଇ କରୁଛନ୍ତି ନିର୍ବାଚନ ରଣାଙ୍ଗନ ପାଇଁ ଦୁଇ ନୂଆ ମୁହଁ ସୋନାଲି ବିଶି ଏବଂ ପ୍ରିୟବ୍ରତ ସାହୁ। ରାଜନୀତିର ପୋଖତ ଖେଳାଳି ଭାବେ ନିରଞ୍ଜନ ପୂଜାରୀ ଖୁବ୍ ଜଣାଶୁଣା। ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ର ମଧ ରାଜନୀତିରେ ବହୁ ଦିନ ହେଲା ସମ୍ପୃକ୍ତ । ଉଭୟ ଭେଟେରାନ ସହ ଦୁଇ ନୂଆ ମୁହଁ କେଉଁ ରଣ କୌଶଳରେ ଆପଣାଇବେ, ତାହା ସମୟ କହିବ । ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବିଧାନସଭା ଆସନ ପାଇଁ ସର୍ବପ୍ରଥମେ ନବନିର୍ମାଣ କୃଷକ ସଂଗଠନ ସମର୍ଥିତ 'ମୋ ଦଳ' ପ୍ରାର୍ଥୀ ଭାବେ ସୋନାଲି ବିଶିଙ୍କ ନାମ ଘୋଷଣା ହୋଇଥିଲା। କିଛି ଦିନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପ୍ରାର୍ଥୀ କରିବା ପାଇଁ ବିଜେଡି ଘୋଷଣା କରିଥିଲା । ପରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ସୋନପୁର ପୌର ପରିଷଦର ପୂର୍ବତନ ନଗରପାଳ ତଥା ଜିଲ୍ଲା ବିଜେପି ସଭାପତି ପ୍ରମୋଦ ମହାପାତ୍ରଙ୍କୁ ବିଜେପି ପ୍ରାର୍ଥି ଘୋଷଣା କରିଥିଲା। ଶେଷରେ ପ୍ରିୟବ୍ରତ ସାହୁଙ୍କ ନାମରେ ମୋହର ଲଗାଇଛି କଂଗ୍ରେସ । ଫଳରେ ସୋନପୁରର ନିର୍ବାଚନ ମୈଦାନରେ ବରିଷ୍ଠଙ୍କୁ ଟକ୍କର ଦେବେ ନବାଗତ । ଏହି ଚାରି ପ୍ରାର୍ଥୀଙ୍କ ମଧ୍ୟରୁ ଉଭୟ ନିରଞ୍ଜନ ଏବଂ ପ୍ରମୋଦଙ୍କ ପୂର୍ବରୁ ନିର୍ବାଚନ ଲଢ଼ିବାର ଅଭିଜ୍ଞତା ରହିଛି। ପୂର୍ବରୁ ନିରଞ୍ଜନ ବିନିକା ନିର୍ବାଚନ ମଣ୍ଡଳୀରୁ ୨୦୦୦ ଓ ୨୦୦୪ରେ ବିଜେଡି- ଭାଜପା ମେଣ୍ଟ ଏବଂ ସୋନପୁରରେ ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକଟରେ କ୍ରମାଗତ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ନବୀନଙ୍କ ମନ୍ତ୍ରୀମଣ୍ଡଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହି ଆସିଛନ୍ତି ଓ ବିଧାନସଭାର ବାଚସ୍ପତି ରହି ସୂଚାରୁରୂପେ ଗୃହର ଦାୟିତ୍ୱ ତୁଲାଇଛନ୍ତି । ତାଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରି କମାଗତ ଷଷ୍ଠଥର ପାଇଁ ଦଳୀୟ ପ୍ରାର୍ଥୀ କରିଛି । ଅଞ୍ଚଳରେ ତାଙ୍କ ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ହିସାବ ନେଇ ଲୋକଙ୍କ ପାଖକୁ ଯାଉଛନ୍ତି। ସେ ବିଭିନ୍ନ ଅଞ୍ଚଳରେ ବିଜେଡି ଛାତ୍ର ଓ ଯୁବ ସମାବେଶ କରି ସମସ୍ତଙ୍କୁ ସଂଗଠିତ କରୁଛନ୍ତି । ଅପରପକ୍ଷରେ ପ୍ରମୋଦ ମହାପାତ୍ର ମଧ୍ୟ ରାଜନୀତିର ଧୂରୀଣ ଖେଳାଳି। ଦଳର ସଂଗଠନ ସହିତ ୧୯୯୫ମସିହାରୁ ସେ ଜଡ଼ିତ । ୧୯୯୩ରେ ସୁବର୍ଣ୍ଣପୁର ପୌରପରିଷଦ ନିର୍ବାଚନରେ ବିଜୟୀ ହୋଇ ସେ ପୌରାଧ୍ୟକ୍ଷ ହୋଇଥିଲେ। ତେବେ ୨୦୧୪ରେ ବିଜେପି ପ୍ରାର୍ଥୀ ହୋଇ ବିଧାୟକ ଭାବେ ନିର୍ବାଚନ ଲଢ଼ିଥିଲେ ହେଁ ବିଜେଡିର ନିରଞ୍ଜନ ପୂଜାରୀଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଅଭିଜ୍ଞ ପ୍ରମୋଦ ଏବେ ତୃଣମୂଳସ୍ତରର ନେତା ଓ କର୍ମୀଙ୍କୁ ଭେଟୁଛନ୍ତି। ତେବେ ପ୍ରଥମଥର ପାଇଁ ନିର୍ବାଚନ ଲଢୁଥିବା ସୋନାଲି ବିଶି ସ୍ୱତନ୍ତ୍ର ଢଙ୍ଗରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ଟ୍ରାକ୍ଟର ରାଲି କରି ବିଭିନ୍ନ ସ୍ଥାନର ଚାଷୀଙ୍କୁ ସଂଗଠିତ କରୁଛନ୍ତି । ନିଜେ ଟ୍ରାକ୍ଟର ଚଳାଇ ସମର୍ଥକଙ୍କ ସହିତ ମିଶି ଭୋଟ ଭିକ୍ଷା କରୁଛନ୍ତି। ଅନ୍ୟପକ୍ଷରେ ଯୁବ ଚେହେରା ପ୍ରିୟବ୍ରତ ସାହୁଙ୍କୁ ପ୍ରାର୍ଥୀ କରି ଏକ ଦୃଢ ମୁକାବିଲା ଦେବା ପାଇଁ ରଣକୌଶଳ ସ୍ଥିର କରିଛି କଂଗ୍ରେସ । କଂଗ୍ରେସ ସଂଗଠନ ସହିତ ସେ ଛାତ୍ର ସମୟରୁ ଜଡିତ ରହି ଯୁବ କଂଗ୍ରେସ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ଛାତ୍ର ଓ ଯୁବକ ସମୟରେ ସେ କୋଶଳ ଆନ୍ଦୋଳନ ସହ ଜଡିତ ରହିଛନ୍ତି। ଏଥର ସୋନପୁରରେ ଅଭିଜ୍ଞ ବନାମ ନବାଗତଙ୍କ ମଧ୍ୟରେ ରୋଚକ ଲଢ଼େଇ ହେବ ବୋଲି ଲୋକେ ଆଲୋଚନା କରୁଛନ୍ତି ।

# ଗଛରେ ପିଟିହେଲା ବୋଲେରୋ ଚାଳକ ମୃତ

ସୁନ୍ଦରଗଡ଼,(ସବ୍ୟୁ): ଗତକାଲି ବିଳମ୍ବିତ ରାତିରେ ବଣାଇ ଥାନା ଜକେଇକଳା ଗାଁ ନିକଟରେ ଏକ ବୋଲେରୋ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଚାଳକର ମୃତ୍ୟୁ ହୋଇଛି। ମୃତକ ହେଲେ ମହୁଲଡିଆ ଗ୍ରାମର ମୁରଲୀଧର ସାହୁ (ପିଙ୍କୁ)। ସେ ବୋଲେରୋରେ ବଣାଇରେ ଚୈତ୍ର ମେଳା ଦେଖିବାକୁ ଯାଇ ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପ୍ରଥମେ ପିଟି ହୋଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଭୟଙ୍କର ଶବ୍ଦ ଶୁଣି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରେ ଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଗାଡ଼ିରେ ଚାପି ହୋଇ ରହିଥିବା ଚାଳକଙ୍କୁ ବାହାର କରି ଆମ୍ବୁଲାନ୍ସ ଯୋଗେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନିଆ ଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଢେଙ୍କିର ଆଉ ଶୁଭୁନି ଢ଼ିକ ଢ଼ିକ ଶବ୍ଦ

## ଅନ୍ନପୂର୍ଣ୍ଣା ଦେବୀ ଭାବେ ଢେଙ୍କିକୁ ପୂଜା କରାଯାଏ



ହରଭଙ୍ଗା/ବୌଦ୍ଧ,(ସବ୍ୟୁ): ଦିନକୁ ଦିନ ଲୋପ ପାଇବାକୁ ବସିଲାଣି ଢେଙ୍କି । ଗ୍ରାମାଞ୍ଚଳ ରେ ଶୁଭୁନି ଆଉ ଢେଙ୍କିର ଢ଼ିକ ଢ଼ିକ ଶବ୍ଦ । ମିଳୁନି ଢେଙ୍କି କୁଟା ଚାଉଳ କି ଚୁନା ପିଠା । ପାଟିରେ ଆଉ ମିଳୁନି ସେଇ ଢେଙ୍କି କୁଟା ଚୁଡା ବା ମୁଢି । ଆଧୁନିକତା ଯୁଗରେ ଆସର ମେଲେଇ ବସିଛି ନୁଆଁ ନୁଆଁ କଳ କବଜା, ଅଳ୍ପ ସମୟରେ ସୁବିଧାରେ ହୋଇପାରୁଛି ବସ୍ତା ବସ୍ତା ଚାଉଳ, ଗହମ, ଚୁନା, ଚୁଡାର ମିଲିଂ । କିନ୍ତୁ ଏହି ପୁରୁଣା ପରମ୍ପରା ସଂସ୍କୃତି ଲୋପ ପାଇ ବସିଥିଲେ ମଧ କୋଟିଏ ଭିତରେ ଗୋଟିଏ ଭଳି କାଁ ଭାଁ ଗ୍ରାମାଞ୍ଚଳରେ ଢେଙ୍କି ବସିଥିବା ଦେଖିବାକୁ ମିଳୁଛି । ଢେଙ୍କି କୁଟା ଖାଦ୍ୟର ବ୍ୟବହାର କରିଥିବା ଲୋକଙ୍କ ପାଖରୁ ଆଜିବି ଶୁଣିବାକୁ ମିଳିଥାଏ ଯେ ପୂର୍ବେ ଘରେ ଘରେ ଯେ କୌଣସି କାର୍ଯ୍ୟ ଯେମିତି ବିବାହ, ବନ୍ଦା ପଣା, ପୂଜା, ନୁଆଁ ଖାଇ ଆଦି ପଡିଲେ ଲୋକମାନେ କେବଳ ଢେଙ୍କିର ସାହାରା ନେଉଥିଲେ । ସେ ସମୟରେ କୌଣସି କଳକବଜା ନଥିଲା । ଢେଙ୍କି ଦ୍ୱାରା ଧାନରୁ ଚାଉଳ, ଚୁନା, ଚୁଡା ଏବଂ ମୁଢି ଚାଉଳ, ଗହମ ଏପରିକି ଅଦା, ରସୁଣ ମଧ ଭୋଜି କାର୍ଯ୍ୟ ରେ ଛେଚି ପ୍ରସ୍ତୁତ କରିଥାନ୍ତି । ଢେଂକିରୁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଅତି ଭିଟାମିନ ଯୁକ୍ତ, ସ୍ୱାଦିଷ୍ଟ ଲାଗିଥାଏ । କିନ୍ତୁ ଆଜିକା ଆଧୁନିକତା ଯୁଗରେ ଆଉ ଢେଙ୍କିର ପ୍ରଚଳନ ବନ୍ଦ ହେବାକୁ ବସିଲାଣି । ଗାଁ ଦାଣ୍ଡରେ ଶୁଭୁନି ଆଉ ଢ଼ିକ ଢ଼ିକ ଶବ୍ଦ। ଯେଉଁ ଆଡ଼େ ଗଲେ ବିଦ୍ୟୁତ ଦ୍ୱାରା ଚାଳିତ ବିଭିନ୍ନ ଉନ୍ନତ ମାନର କଳ କବଜା ଘଡଘଡ ଶବ୍ଦ ଦେଖିବାକୁ ମିଳୁଛି । ଆସନ୍ତୁ ଜାଣିବା ପ୍ରଶ୍ଚିମ ଓଡିଶାରେ ଢେଙ୍କିକୁ ମଧ ଅନ୍ନପୂର୍ଣ୍ଣା ଭାବେ ମହିଳା ମାନେ ପୂଜା କରନ୍ତି । କଥାରେ କୁହନ୍ତି ଯାହା ଘରେ ଢେଙ୍କି ରହିଥାଏ ତାହାଘରେ ମାଁ ଲକ୍ଷ୍ମୀଙ୍କ ଆସ୍ଥାନ ରହିଥାଏ । ସେନେଇ ଆଜିବି ବୌଦ୍ଧ ଜିଲ୍ଲାର କେତେକ ନିଦୀର୍ଷ୍ଟ ଗ୍ରାମ ଗୁଡିକରେ କାଁ ଭାଁ ଢେଙ୍କି ରହିଛି। କେବଳ ମାଁ ଠାକୁରାଣୀଙ୍କ ନବାନ୍ନ ଭୋଗ ହେଉକି କି ପୂଜା କାର୍ଯ୍ୟରେ ଆବଶ୍ୟତା ହେଉଥିବା ଭୋଗ ରାଗର ପ୍ରସ୍ତୁତି ଢେଙ୍କି ଦ୍ୱାରା ହିଁ କାର୍ଯ୍ୟ ଜାରି ରହିଛି । ବର୍ତମାନ ବି ଆଧୁନିକତା ଯୁଗରେ ଲୋପ ପାଇଯାଉଥିବା ଢେଙ୍କି ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଗୁଡିକରେ କାଁ ଭାଁ ଢେଙ୍କିର ବ୍ୟବହାର ହେଉଥିବା ମଧ ବେଳେ ବେଳେ ଦେଖିବାକୁ ମିଳିଥାଏ ।

# କଂଗ୍ରେସ ପ୍ରାର୍ଥୀ ଆପାଲ ସ୍ୱାମୀ କାଡ୍ରାକାଙ୍କ ପ୍ରାର୍ଥିପତ୍ର ଦାଖଲ



ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲାର ତିନି ନିର୍ବାଚନୀ ମଣ୍ଡଳୀରୁ ରାୟଗଡା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସରୁ ଟିକେଟ ପାଇଥିବା ପ୍ରାର୍ଥୀ ଆପଲ ସ୍ୱାମୀ କାଡ୍ରାକା ନାମାଙ୍କନ ରାୟଗଡା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ନିକଟରେ ଦାଖଲ କରିଛନ୍ତି । ଏହି ପ୍ରାର୍ଥୀପତ୍ର ନାମାଙ୍କନ ଦାଖଲ ପାଇଁ ପ୍ରାୟ ୫ହଜାର ସମର୍ଥକଙ୍କ ସହ ଆସିଥିବା ବେଳେ ତାଙ୍କ ସହ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା , ରାଜ୍ୟ କଂଗ୍ରେସ କମିଟି ସଦସ୍ୟା ରତ୍ନମଣି ଉଲ୍ଲାକା, କଂଗ୍ରେସ ଉପ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ସୁନିଲ ପଣ୍ଡା , ଅନିଲ ଜୈନ, ପି ଦେବେନ୍ଦ୍ର ରାଓ, ଯୋଗେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନାମାଙ୍କନ ଦାଖଲ ପାଇଁ ନିର୍ବାଚନ କମିଶନରଙ୍କ ଗାଇଡ ଲାଇନ୍ ଅନୁଯାୟୀ ପ୍ରାର୍ଥୀଙ୍କ ସହ ମାତ୍ର ୩ଜଣ ସମର୍ଥକ ଯାଇପାରିବେ। ଫଳରେ ଏହାକୁ ନେଇ କିଛି ସମୟ ପାଇଁ ମୁଖ୍ୟ ଉପଜିଲ୍ଲାପାଳଙ୍କ ମୁଖ୍ୟ ଫାଟକ ସମ୍ମୁଖରେ ସମର୍ଥକ ମାନେ ହଟ୍ଟଗୋଳ କରିଥିଲେ । ନାମାଙ୍କନ ସରିବା ପରେ ବିଧାୟକ ପ୍ରାର୍ଥୀ ଶ୍ରୀ କାଡ୍ରାକା କହିଥିଲେ ଯେ ଲୋକଙ୍କ ପାଖକୁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସମସ୍ୟାର ମୁଦ୍ଦାକୁ ନେଇ ପ୍ରଚାର କରିବି ଲୋକ ଜାଣିଛନ୍ତି ଏଥର ମତେ ସୁଯୋଗ ଦେଇ ନିର୍ବାଚନରେ ଆର୍ଶୀବାଦ କରି ଜୟଯୁକ୍ତ କରାଇବେ ।

# ସୀମାନ୍ତରେ ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,(ସବ୍ୟୁ): ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ନିଷିଦ୍ଧ ମାଓବାଦୀଙ୍କ ଆତ୍ମସମର୍ପଣ କାର୍ଯ୍ୟକ୍ରମ ଯାହା ସଫଳ ଫଳାଫଳ ପ୍ରଦାନ କରୁଛି ଅପରେସନ୍ ଚାୟୁଥା। ରବିବାର ଛତିଶଗଡର କିଷ୍ଟରାମ ଥାନା ଅଧୀନରେ ଥିବା ତେଲେଙ୍ଗାନା-ଛତିଶଗଡ଼ ସୀମାବର୍ତ୍ତୀ ଗ୍ରାମ ଡୋକାପୁଡୁ ଏବଂ ପୁଚ୍ଚାପଡୁରୁ ନିଷିଦ୍ଧ ସିପିଆଇ ମାଓବାଦୀ ପାର୍ଟିରେ ଡେପୁଟି କମାଣ୍ଡର ତଥା କମିଟିର ସଦସ୍ୟ ଭାବରେ କାର୍ଯ୍ୟ କରୁଥିବା ୬ ଜଣ ମାଓବାଦୀ କୋଥାଗୁଡେମ୍ ଜିଲ୍ଲା ପୋଲିସ୍ ଏବଂ ୧୪୧ ସିଆରପିଏଫ ବାଟାଲିୟନ ଅଧିକାରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି ।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ରାବଣ ସନ୍ନା, ମୁସିକି ସନ୍ନା ଅରଫ ଶ୍ରୀନୁ, ମାଡାକମ୍ ଯୋଗ, କୋଭାସୀ ମଙ୍ଗଳା, ରାବକା ଲାକ୍କା, ଏବଂ କୁର୍ଭମ୍ ପୋଜା । ପୁଲିସ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଉପରୋକ୍ତ ୬ ଜଣ ଗତ କିଛି ବର୍ଷ ହେଲା ତେଲେଙ୍ଗାନା ରାଜ୍ୟର ଚାର୍ଲା ଏରିଆ କମିଟି ଏବଂ ଛତିଶଗଡ ରାଜ୍ୟ କିଷ୍ଟରାମ ଏରିଆ କମିଟିର ସଶସ୍ତ୍ର ବାହିନୀ ସହିତ ନିଷିଦ୍ଧ ସିପିଆଇ-ମାଓବାଦୀ ପାର୍ଟିର ମିଲିଟାରୀ ତଥା କମିଟି ସଦସ୍ୟ ଭାବରେ କାର୍ଯ୍ୟ କରିଆସୁଥିଲେ। ତେଲେଙ୍ଗାନା-ଛତିଶଗଡ ସୀମାବର୍ତ୍ତୀ ଅଞ୍ଚଳରେ ହିଂସା ଘଟାଇବା ସହ ପୁଲିସ କର୍ମଚାରୀଙ୍କୁ ହତ୍ୟା କରିବା ପାଇଁ ଲ୍ୟାଣ୍ଡମାଇନ ବୋମା ଲଗାଇଥିଲେ । ପାର୍ଟିରେ କୌଣସି ଲକ୍ଷ୍ୟ ଓ ଉଦେଶ୍ୟ ନେଇ କାମ କରାଯାଉନଥିବା ସହ ନିରୀହ ଜନତା ଏବଂ ବିକାଶକୁ ବିରୋଧ କରୁଥିବାରୁ ଏମାନେ ଦଳ ଛାଡିଥିବା କହିଥିଲେ। କାର୍ଯ୍ୟକ୍ରମରେ ଏଏସପି ପାରିତୋଶ ପଙ୍କଜ, କମାଣ୍ଡାଣ୍ଟ ରିତେଶ ଠାକୁର, ସେକେଣ୍ଡ ଇନ କମାଣ୍ଡାଣ୍ଟ କମଲ ଭୀର ଯାଦବ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରେଭାଥୀ ଅର୍ଜୁନନ୍, ସିଆଇ ବି ଅଶୋକ, ଏ.ରାଜୁ ଭର୍ମା, ପି. ଗଣେଶ ପ୍ରମୁଖ ଉପସ୍ଥିତ ଥିଲେ।

# ଜାମୁପାଲି ବିଭୀଷଣ ହତ୍ୟା ଘଟଣା : ଦୁଇ ଅଭିଯୁକ୍ତ ଗିରଫ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅର୍ନ୍ତଗତ ଗୌଡଦେଇ ନିକଟରୁ ପୁଲିସ ଶନିବାର ସକାଳୁ ଜାମୁପାଲି ଗ୍ରାମର ବିଭୀଷଣ ମହାରଥିଙ୍କ ରକ୍ତ ଜୁଡୁବୁଡୁ ମୃତ ଦେହ ଉଦ୍ଧାର କରିଥିଲା । ବିଭୀଷଣକୁ ହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏହି ଘଣାରେ ଆଜି ଦୁଇ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଦୁଇଜଣ ହେଲେ ନୂଆଁପାଲି ଗ୍ରାମର କାହ୍ନା ପ୍ରଧାନ (୬୨) ଓ ଗୌଡଦେଇ ଗ୍ରାମର ଶକୁନ୍ତଳା ବେହେରା(୫୪) ବୋଲି ପୁଲିସ ସୂଚନା ଦେଇଛି । ସୂଚନା ମତେ, ଗତ ଶନିବାର ସକାଳୁ ଗୌଡଦେଇ ନିକଟରେ ଏକ ରକ୍ତ ଜୁଡୁବୁଡୁ ମୃତ ଦେହ ପଡିଥିବା ନେଇ ବୌଦ୍ଧ ପୁଲିସ ଖବର ପାଇଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ ଥିଲା । ପୁଲିସ ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲା । ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଲା ଏହା ଏକ ପ୍ରେମ ଜନିତ ହତ୍ୟାକାଣ୍ଡ । ବିଭିଷଣକୁ କାହ୍ନା ଓ ଶକୁନ୍ତଳା ହତ୍ୟାକରିଥିବା ନେଇ ଜାଣି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଲା ଯେ କାହ୍ନା ଓ ଶକୁନ୍ତଳା ମଧ୍ୟରେ ସଂପର୍କ ରହିଥିଲା । କାହ୍ନା ଶକୁନ୍ତଳାକୁ ଗୌଡଦେଇ ନିକଟରେ ଏକ ସରକାରୀ ଜାଗାରେ ଘରଟିଏ କରି ସେଠାରେ ରଖିଥିଲା । ଏହାରି ମଧ୍ୟରେ ବିଭୀଷଣ ଶକୁନ୍ତଳାକୁ ପ୍ରେମ ନିବେଦନ କରିଥିଲା । ଏହା କାହ୍ନା ଜାଣିବାରେ ପରେ ବିଭିଷଣକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା । ଶୁକ୍ରବାର ରାତିରେ ବିଭିଷଣ ଶକୁନ୍ତଳା ଘରକୁ ଆସିଥିବା ବେଳେ ପୂର୍ବ ଯୋଜନା ମୁତାବକ କାହ୍ନା ଓ ଶକୁନ୍ତଳା ଠେଙ୍ଗା ଓ ଇଟାରେ ଆକ୍ରମଣ କରି ହତ୍ୟା କରିଥିଲେ ଏବଂ ଶବକୁ ଏକ ଗଛାରେ ଗୁଡାଇ ଘୋସାରି ଘୋସାରି ପ୍ରାୟ ଦୁଇଶହ ମିଟର ପର୍ଯ୍ୟନ୍ତ ନେଇ ନିକଟରେ ଥିବା ଏକ ସ୍ଥାନରେ ପକାଇ ଦେଇଥିଲେ । ଶବ ଘୋସାରି ନେବା ସମୟରେ ରାସ୍ତାରେ ପଡିଥିବା ରକ୍ତର ଛିଟାକୁ ଗୋବର ଘସି ସଫା କରିଦେଇଥିଲେ । ପୁଲିସ କାହ୍ନା ପ୍ରଧାନକୁ ନୂଆଁପାଲି ଗ୍ରାମରୁ ଓ ଶକୁନ୍ତଳା ବେହେରାକୁ ୫୭ ନମ୍ବର ଜାତୀୟ ରାଜପଥ ରଇଠାଣୀ ନିକଟରୁ ଗିରଫ କରିଥିଲା । ଇଟା ଓ ଠେଙ୍ଗାକୁ ମଧ୍ୟ ଜବତ କରିଛି । ଉଭୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ବୌଦ୍ଧ ଥାନା ଅଧିକାରୀ ରଂଜିତ କୁମାର ମୁନୀ ପ୍ରକାଶ କରିଛନ୍ତି ।

# ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବାରେ ଟିପିଡବ୍ଲୁଓଡିଏଲର ପଦକ୍ଷେପ

ସମ୍ବଲପୁର,(ସବ୍ୟୁ): ସାରା ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ଲହରୀ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ଦିଗରେ ଏକ ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ଟିପିଡବ୍ଲୁଓଡିଏଲ୍ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଅଛି । କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ପଦକ୍ଷେପ ଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଆର୍ଥ ପିଟ୍ ଗୁଡ଼ିକରେ ଜଳସେଚନ । ଚଳିତ ଗ୍ରୀଷ୍ମ ଋତୁରେ ଲୋ ଭୋଲଟେଜ୍ ସମସ୍ୟାକୁ ରୋକିବା ପାଇଁ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଟ୍ରାନ୍ସଫର୍ମର ଗୁଡ଼ିକର ଆର୍ଥ ପିଟରେ ନିୟମିତ ଭାବେ ଜଳସେଚନ କରୁଛି କମ୍ପାନୀ । ଏକ ଗୁଣାତ୍ମକ ବିଦ୍ୟୁତ ବିତରଣ ଦିଗରେ ଟ୍ରାନ୍ସଫର୍ମରଗୁଡିକର ସଠିକ୍ କାର୍ଯ୍ୟକାରିତା ଲାଗି ଆର୍ଥ ପିଟ୍ ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ପ୍ରଚଣ୍ଡ ଗ୍ରୀଷ୍ମ ଏବଂ ଶୁଖିଲା ପାଗ ସମୟରେ, ଏହି ଆର୍ଥ ପିଟ୍ ଗୁଡ଼ିକର ଚାରି ପାଖରେ ଥିବା ମାଟି ଶୁଷ୍କ ହୋଇଯାଏ । ଯାହାଦ୍ୱାରା ପରବର୍ତ୍ତୀ ସମୟରେ, ବିଦ୍ୟୁତ୍ ଯୋଗାଣରେ ଲୋ ଭୋଲଟେଜର ସମସ୍ୟା ଉପୁଜିଥାଏ । ତେଣୁ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ନିୟମିତ ଭାବରେ ଟ୍ରାନ୍ସଫର୍ମରର ଆର୍ଥ ପିଟ୍ ଗୁଡ଼ିକର ଜଳସେଚନ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି ସକ୍ରିୟ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଆର୍ଥ ପିଟ୍ ଗୁଡ଼ିକର ସର୍ବୋତ୍ତମ ଅବସ୍ଥାକୁ ବଜାୟ ରଖିବା । ଫଳରେ ଭୋଲ୍ଟେଜ୍ ସ୍ଥିରତା ଆସିବା ସହିତ ଗୁଣାତ୍ମକ ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଜାରି ରହିବ ।

# କୁମ୍ଭାରପଡାରେ ପାନୀୟ ଜଳ ସମସ୍ୟା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ -୩୧ କୁମ୍ଭାରପଡା ଦୁର୍ଗାପୂଜା ମଣ୍ଡପ ଲେନ୍ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଯାଇଛି । ପଡାବାସୀ ମାନେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଏଭଳିସ୍ଥଳେ ସେମାନେ ସୋମବାର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ଗ୍ରୀଷ୍ମଋତୁ ଆସିଥିବା ବେଳେ ଏହି ପଡାରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି । ପାନୀୟ ଜଳଯୋଗାଣ ପର୍ଯ୍ୟାୟ ହେଉନଥିବା ବେଳେ ପଡାବାସୀ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ତେବେ ଏହାର ସ୍ଥାୟୀ ସମାଧାନ କରିବାକୁ ସୁବାଷିନୀ ରଣା, ଲକ୍ଷ୍ମୀ ନାଏକ, ସରସ୍ୱତୀ ସାହୁ, ମୁକ୍ତା ରଣା, କୁନ୍ତୀ ମେହେର ପ୍ରମୁଖ ଦାବି କରିଛନ୍ତି ।

# ପ୍ରାର୍ଥିପତ୍ର ଦାଖଲ କଲେ ତାରା, ପ୍ରଦୀପ୍ତ, ପ୍ରଦୀପ ଓ ମାଳବିକା

ଭବାନୀପାଟଣା/ନବରଙ୍ଗପୁର/ଜୟପୁର,(ସବ୍ୟୁ): ନବରଙ୍ଗପୁର ବିଜେଡି ସାଂସଦ ପ୍ରାର୍ଥୀ ଭାବେ ସୋମବାର ପ୍ରଦୀପ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଜୟପୁରରୁ କଂଗ୍ରେସ ଟିକେଟରେ ବିଧାନସଭା ନିର୍ବାଚନ ଲଢୁଥିବା ତାରାପ୍ରସାଦ ବାହିନୀପତି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିଜ ସମର୍ଥକଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ଆସି ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ନାମାଙ୍କନ ଦାଖଲ ବେଳେ ତାଙ୍କ ସହ ଥିଲେ କୋରାପୁଟ କଂଗ୍ରେସ ସାଂସଦ ପ୍ରାର୍ଥୀ ସପ୍ତଗିରି ଉଲାକା। ତା'ପୂର୍ବରୁ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ଆଶୀର୍ବାଦ ନେଇ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ ତାରା ବାହିନୀପତି। ରଜାନଗର ଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ନାମାଙ୍କନ ଦାଖଲ କରିଥିଲେ ତାରା ବାହିନୀପତି।

ନବରଙ୍ଗପୁରର ବିଜେଡି ସାଂସଦ ପ୍ରାର୍ଥୀ ଭାବେ ପ୍ରଦୀପ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଦିନ ୧୨ଟା ୧ ମିନିଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ପ୍ରଦୀପ। ବିନା ଶୋଭାଯାତ୍ରାରେ କେବଳ ନିଜ ସମର୍ଥକଙ୍କ ଗହଣରେ ଆସି ପ୍ରଦୀପ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଗତ ୧୮ ତାରିଖ ଦିନ କଂଗ୍ରେସ ସାଂସଦ ପ୍ରାର୍ଥୀ ଭୁଜବଳ ମାଝୀ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିପରି କଳାହାଣ୍ଡି ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ମାଳବିକା ଦେଓ। ଭବାନୀପାଟଣାରେ ଜିଲ୍ଲାପାଳଙ୍କ ଅଫିସ୍ ରେ ନାମାଙ୍କନ ଦାଖଲ କରିଛନ୍ତି ମାଳବିକା। ମା' ମାଣିକେଶ୍ୱରୀ ମନ୍ଦିରରୁ ସେ ବିଶାଳ ଶୋଭାଯାତ୍ରାରେ ଆସିଥିଲେ। ତାଙ୍କ ସହ ଭବାନୀପାଟଣା ବିଧାନସଭା ପାଇଁ ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାଏକ ବି ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ବିଜେଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ଭବାନୀପାଟଣା ବିଜେଡି ବିଧାନସଭା ପ୍ରାର୍ଥୀ ଲଳିତା ନାଏକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେହିପରି ଜୁନାଗଡ଼ ବିଧାନସଭା ଆସନ ପାଇଁନାମାଙ୍କନ ଦାଖଲ କରିଛନ୍ତି କଂଗ୍ରେସ ପ୍ରାର୍ଥୀ ତୁଳେଶ୍ୱର ନାଏକ। କଂଗ୍ରେସର ପଞ୍ଚସୂତ୍ରୀ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇ ଜନସମର୍ଥନ ହାସଲ କରିବା ପାଇଁ ଆଶାବାଦୀ ଅଛନ୍ତି ତୁଳେଶ୍ୱର।

# ଝାରସୁଗୁଡ଼ା : ନିର୍ବାଚନ ପର୍ବ,ଦେଶର ଗର୍ବ



ଝାରସୁଗୁଡ଼ା,(ସବ୍ୟୁ): ନିର୍ବାଚନ ପର୍ବ,ଦେଶର ଗର୍ବ। ଜିଲ୍ଲାରେ ଶତ ପ୍ରତିଶତ ଭୋଟର ଯେପରି ଆସନ୍ତା ମେ' ମାସ ୨୦ତାରିଖରେ ସେମାନଙ୍କର ମୂଲ୍ୟବାନ ଭୋଟ ପ୍ରଦାନ କରିବେ ସେଥିପାଇଁ ଭୋଟର ମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆବୋଲି ସୁନିଲ ନରୱଣେ ପତାକା ଦେଖାଇ ସ୍ୱିପ୍ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ବୁଲିବା ସହ ଇଭିଏମ୍ ଓ ଭିଭିପାଟ ଦ୍ୱାରା କିପରି ଭୋଟଦାନ କରାଯିବ , ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ମତଦାନ କେନ୍ଦ୍ରରେ କରାଯାଇଥିବା ବିଭିନ୍ନ ସୁବିଧା ଓ ମତଦାନ ପାଇଁ ପରିଚୟ ପତ୍ର ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର(ନିର୍ବାଚନ) ପ୍ରସନ୍ନ ପଟେଲ, ପୌରପାଳିକା ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ପ୍ରଧାନଶିକ୍ଷକ

ବରଗଡ଼,(ସବ୍ୟୁ): ୧୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବରଗଡ଼ ଜିଲ୍ଲା କୁସନପୁରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ପ୍ରଧାନ। ସ୍ଥାନୀୟ ଏକ ଏସ୍‌ଏଚଜିର ଜଣେ କାର୍ଯ୍ୟକର୍ତ୍ତାଙ୍କ ଠାରୁ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ। ସ୍କୁଲ ପରିସରରେ ସଫେଇ ଓ ରାତିରେ ଜଗିବା କାର୍ଯ୍ୟ ବାବଦକୁ ଏହି ଏସ୍‌ଏଚଜିକୁ ମିଳିବାକୁ ଥିବା ପ୍ରାପ୍ୟ ସଂପର୍କିତ ଫାଇଲ୍ କାମ କରି ଦେବା ପାଇଁ ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ପ୍ରଧାନ ଲାଞ୍ଚ ମାଗିଥିଲେ। ଏନେଇ ସଂପୃକ୍ତ ଏସ୍‌ଏଚଜି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲା। ଯୋଜନା ଅନୁଯାୟୀ, ସୋମବାର ଏସ୍‌ଏଚଜିର ଜଣେ କାର୍ଯ୍ୟକର୍ତ୍ତା ପ୍ରଧାନ ଶିକ୍ଷକଙ୍କୁ ଲାଞ୍ଚ ବାବଦକୁ ୧୪ ହଜାର ଟଙ୍କା ଦେଇଥିଲେ। ସେହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ପ୍ରଧାନ ଶିକ୍ଷକଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି।

# ଟ୍ରେନ ଲାଇନ କଡ଼ରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

କଣ୍ଟାବାଞ୍ଜି,(ସବ୍ୟୁ): ଟ୍ରେନ୍ ଲାଇନରେ ଖଣ୍ଡବିଖଣ୍ଡିତ ହୋଇ ପଡ଼ିଥିଲା ମୃତଦେହ। କଣ୍ଟାବାଞ୍ଜି ଜିଆରପି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ତଦନ୍ତ କରୁଛି। ମୃତ ଯୁବକଙ୍କର ନାଁ ଜଣାପଡ଼ି ନଥିବା ବେଳେ ତାଙ୍କ ଘର ରାଉତମୁଣ୍ଡା ଗାଁରେ ବୋଲି ଯଣାପଡ଼ି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନକିଟ ରାଉତମୁଣ୍ଡା ଗାଁରେ। ଗାଁ ପାଖରେ ଥିବା ରେଳ ଲାଇନରୁ ଜଣେ ଯୁବକଙ୍କ ମୃତ ଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏନେଇ ଜିଆରପି ପୁଲିସକୁ ଖବର ଦେଇଥିଲେ। ତେବେ ଖବର ପାଇ ଘଟଣା ସ୍ଥଳରେ ଜିଆରପି ପୁଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକ ଜଣକ ରବିବାର ରାତିରେ ରାଉତମୁଣ୍ଡା ଗାଁକୁ ଏକ ବିବାହ ଉତ୍ସବରେ ଆସିଥିବା ନେଇ ଗାଁରେ ଚର୍ଚ୍ଚା ହେଉଛି। ତେବେ ସକାଳୁ ଟ୍ରେନ ଲାଇନ କଡ଼ରୁ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛା। ହତ୍ୟା କରି କିଏ ପିଙ୍ଗିଦେଇଛନ୍ତି ନାଁ ଏହା ଏକ ଆତ୍ମହତ୍ୟା କାରଣ ଜଣାପଡ଼ିନାହିଁ। ତେବେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି ଜିଆରପି ପୁଲିସ।

# ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇଲେ ସରପଞ୍ଚ




ହରଭଙ୍ଗା,(ସବ୍ୟୁ) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ପାନୀୟ ଜଳ ସମସ୍ୟା ସଂଗୀନ ହୋଇଥିବା ବେଳେ ବ୍ଲକର ପୁରୁଣାକଟକ ପଂଚାୟତ ବିଭିନ୍ନ ସ୍ଥାନରେ ୨୦ଦିନ ଧରି ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇ ଆସୁଥିଲା । ଏହାକୁ ନେଇ ପୁରୁଣାକଟକ ରଥ ସାହି, ଗାଁ ଭିତର ଆଦି ଅଧିବାସୀ ଜଳ କଷ୍ଟ ଭୋଗୀ ଆସୁଥିଲେ । ଗୋଟିଏ ପଟେ ପ୍ରଚଣ୍ଡ ତାତି ଓ ଅନ୍ୟ ପଟେ ପାନୀୟ ଜଳ ସ୍ଥାନୀୟ ବାସିନ୍ଦାଙ୍କୁ ଅସ୍ତ ବ୍ୟସ୍ତ କରି ଆସୁଥିବା ନେଇ ସୋମବାର ପୁରୁଣାକଟକ ପଂଚାୟତ ସରପଞ୍ଚ ଅଶୋକ କୁମାର ସେଠି ଟ୍ୟାଙ୍କର ଯୋଗେ ପୁରୁଣାକଟକର ରଥ ସାହି,ଗାଁ ଭିତର ସହିତ ଛତ୍ରପୁର ହରିଜନ ସାହି ଏବଂ ଉଦୟପୁର ହରିଜନ ସାହିରେ ପାନୀୟ ଜଳ ଯୋଗାଇ ଦେଇଥିଲେ । ପାଇପ ଯୋଗେ ପାନୀୟ ଜଳର ସମାଧାନ ନ ହେବା ପର୍ଯ୍ୟନ୍ତ ପଂଚାୟତ ତରଫରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ନେଇ ସରପଞ୍ଚ ସୂଚନା ଦେଇଛନ୍ତି ।

# ମାଲକାନଗିରି ବିଜେପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



ମାଲକାନଗିରି,(ସବ୍ୟୁ): ସୋମବାର ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ନରସିଂହ ମାଡ଼କାମୀ ମାଲକାନଗିରି ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଦୁର୍ଯ୍ୟୋଧନ ଭୋଇଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସ୍ଥାନୀୟ ରାମ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ ଶୋଭା ଯାତ୍ରାରେ ମାଲକାନଗିରି ସହର ପରିକ୍ରମା କରିଥିଲେ । କୋୟା, ଦୁରୁଆ ଓ ପରଜା ଆଦିବାସୀଙ୍କ ନୃତ୍ୟର ତାଳେ ତାଳେ ଚାଲି ଥିବା ଶୋଭାଯାତ୍ରାରେ ଜିଲ୍ଲା ବିଜେପି ସଭାପତି ନିମାଇଁ ଚନ୍ଦ୍ର ପାଲ, ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମୀଙ୍କ ସମେତ ପ୍ରାୟ ୫ ହଜାରରୁ ଉର୍ଦ୍ଧ ଦଳୀୟ କର୍ମୀଙ୍କ ସହ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ବିଜେପି ପ୍ରାର୍ଥୀ ନରସିଂହ ମାଡ଼କାମୀ ।

# ଶ୍ରୀରାମ ଲୀଳା ଉତ୍ସବ, ସୀତା ଚୋରି ନାଟକ ମଞ୍ଚସ୍ଥ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମାରୁତି ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ ଶ୍ରୀରାମ ଲୀଳା ଉତ୍ସବ ପଞ୍ଚମ ରଜନୀରେ ସୀତା ଚୋରୀ ନାଟକ ମଞ୍ଚସ୍ଥ ହୋଇଥିଲା । ପୂଜକ ମୋତିଲାଲ ପୂଜାହାରୀ ଓ କର୍ତ୍ତା ଗୋବିନ୍ଦ ମହାକୁଡଙ୍କ ତତ୍ତ୍ୱାବଧାନରେ ଗୁରୁଶ୍ରୀ ରବିନ୍ଦ୍ର କୁମାର ସାହୁଙ୍କ ଲିଖିତ ଓ ଚିଣ୍ଟୁ ସତପଥିଙ୍କ ନିର୍ଦ୍ଦେଶନାରେ ଅଭିନିତ ନାଟକରେ ରାମ ଭୂମିକାରେ ଅକ୍ଷୟ କୁମାର ଗିରି, ଲକ୍ଷ୍ମଣ ଭୂମିକାରେ କାମାକ୍ଷ ପ୍ରଧାନ,ସୀତାରେ ଶାନ୍ତସନ ସାହୁ, ରାବଣରେ ରବିନ୍ଦ୍ର ସାହୁ, ଜଟାୟୁରେ ବିକ୍ରମ ପୁଟେଲ,ମାରିଚରେ ବିବେକ ମହାକୁଡ ପ୍ରମୁଖଙ୍କ ଅଭିନୟ ଉଚ୍ଚ କୋଟିର ଥିଲା । ବାଦ୍ୟାଂଶରେ ଅଜିତ କୁମାର ଗିରି,ପ୍ରହ୍ଲାଦ ପ୍ରଧାନ,କୃଷ୍ଣ ଓ ଶିବ ସାହୁ ସହଯୋଗ କରିଥିଲେ ।

# ମହାଭାରତ ମହାଯଜ୍ଞର କଳସ ଯାତ୍ରା



କଳମପୁର,(ସବ୍ୟୁ): ଚୈତ୍ର ମାସର ଅନ୍ତ ଏବଂ ବୈଶାଖ ମାସର ପ୍ରାରମ୍ଭରେ ମହାଭାରତ ମହାଯଜ୍ଞ ପାଇଁ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଳମପୁର ବ୍ଲକ ର ବହୁ ଚର୍ଚ୍ଚିତ ହାତୀନଦୀ ବନ୍ୟା ପ୍ରଭାବିତ ବାଲିଛଡ଼ା ଗ୍ରାମର ସ୍ୱର୍ଗତ ଗଉନ୍ତିଆ ପଦ୍ମକିଶୋର ବେହେରା ,ତତ୍କାଳୀନ ସରପଂଚ ସହଦେ ଗହୀର, ଭୁକୁଲୁ ବାଗଙ୍କ ପ୍ରଚେଷ୍ଟା ରେ ୧୪ ଏକର ପରିମିତ ଏକ ଆମ୍ରକୁଞ୍ଜରେ ମାସବ୍ୟାପୀ ମହାଯଜ୍ଞ ବିଗତ ବର୍ଷ ମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମଧ ମାସବ୍ୟାପୀ ଉକ୍ତ କାର୍ଯ୍ୟକ୍ରମ ପାଇଁ ଚଳ ଚଞ୍ଚଳ ହୋଇଛି ବାଲିଛଡ଼ା ଗାଁ । ଯଜ୍ଞ କମିଟିର ସଭାପତି ଭାବେ ଗଉନ୍ତିଆ ଯଶୋବନ୍ତ ବେହେରା ରହିଥିବା ବେଳେ ଶେଷଦେବ ପାତ୍ର ସମ୍ପାଦକ ଏବଂ ସୁବ୍ରତ ବେହେରା କୋଷାଧକ୍ଷ ଦାଇ୍ ତୁଲାଉଛନ୍ତି। ଏଥିରେ ସରପଞ୍ଚ ଟ୍ୱିଙ୍କଲ ପାତ୍ର, ରାଧେଶ୍ୟାମ ଶର୍ମା, ଅଜିତ ପଣ୍ଡା, ବାଳଗୋପାଳ ତେଣ୍ଡକାରି ,ଭୋଦେ ପୁଝାରି, ହରିଶଙ୍କର ଦୁର୍ଗା, ଲକ୍ଷ୍ମୀ ଲହଜଲ, ରାଜେଶ ସାହୁ ଭୁଜବଳ କରୁଆ,ସହଦେବ ବେମାଲ ,ବିଶ୍ୱନାଥ ବରଗ୍ଡି ପ୍ରମୁଖ ସକ୍ରିୟ ରହି ୫ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ନେଇ ଶୋଭାଯାତ୍ରାରେ ବାହାରି ହାତୀନଦୀକୁ ଯାଇଥିଲେ। ସେଠାରେ ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ପରେ କର୍ତ୍ତା ରୂପେ ଲଳିତ ବେହେରା ଓ ତାଙ୍କ ପତ୍ନୀ ପଙ୍କଜିନି ପ୍ରଥମେ ନଦୀରୁ କଳସରେ ପାଣି ଭରିଥିଲେ। ତାପରେ ସମସ୍ତେ କଳସ ମାନଙ୍କରେ ପାଣି ଭର୍ତ୍ତି କରି ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଯାଇଥିଲେ। ଏଥିରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ରେ କଂଗ୍ରେସ ଦଳରୁ ପ୍ରାର୍ଥୀନୀ ହେଉଥିବା ରଶ୍ମିରେଖା ରାଉତ ଉପସ୍ଥିତ ରହି କଳସ ଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟ ପକ୍ଷରେ ସ୍ୱାମୀ ଅମେୟାନନ୍ଦ ଜୀ ସରସ୍ୱତୀ ଆଚାର୍ଯ୍ୟ ଚିନ୍ମୟ ମିଶନ ଭବାନୀପାଟଣା, ପୂର୍ଣ୍ଣାନନ୍ଦ ପୁରୀ ଶାନ୍ତି ବିହାର ଜୟପାଟଣା, ଚନ୍ଦ୍ର ଶେଖର ଚୈତନ୍ୟ ଆନନ୍ଦ ଧାମ ଭବାନୀପାଟଣା ଯୋଗ ଦେଇ ଯଜ୍ଞ ମଣ୍ଡପ, ପ୍ରବଚନ ମଣ୍ଡପ ର ଶୁଭ ଉଦଘାଟନ କରିଥିଲେ। ସ୍ଥାନୀୟ ରାଇସ ମିଲ ମାଲିକ ମୁକେଶ ପୁରୋହିତ କାର୍ଯ୍ୟକ୍ରମରେ ସହଯୋଗ କରି ୨୪ ତାରିଖରୁ ମହାଭାରତ ପୁରାଣ ପାଠ ଆରମ୍ଭ କରାଯିବ ଏବଂ ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ଭାବନା ରହିଥିବାରୁ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ କରାଯାଇଥିବା କମିଟି ତରଫରୁ ସୂଚନା ଦେଇଛନ୍ତି।

# ବୌଦ୍ଧ ରାମଲୀଳା, ମଞ୍ଚସ୍ଥ ହେଲା ନାଟକ ବାଳି ବଧ



ବୌଦ୍ଧ,(ସବ୍ୟୁ): ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରା ମଙ୍ଗଳବାର ଆଜିର ନାଟକ ବାଳି ବଧ ମଞ୍ଚସ୍ଥ ହୋଇଛି। ଜଟାୟୁ ନିକଟରୁ ରାବଣ ଦ୍ୱାରା ସୀତାଙ୍କ ହରଣ ସୂଚନା ପାଇ ଶ୍ରୀରାମ ଓ ଲକ୍ଷ୍ମଣ ଦୁଃଖରେ ଭାଙ୍ଗି ପଡିଛନ୍ତି। ସୂଚନା ଦେବାପରେ ଜଟାୟୁର ମୃତ୍ୟୁ ହୋଇଯିବା ପରେ ତାର ଅନ୍ତିମ ସଂସ୍କାର କରି ଶ୍ରୀରାମ ଓ ଲକ୍ଷ୍ମଣ ଘୋର ଜଙ୍ଗଲ ମଧ୍ୟରେ ସୀତାଙ୍କ ସନ୍ଧାନରେ ବାହାରି କିଷ୍କିନ୍ଧ୍ୟା ରାଜ୍ୟରେ ପହଞ୍ଚିଛନ୍ତି। ସେଠାରେ ପ୍ରଥମଥର ପାଇଁ ଭଗବାନ ଶ୍ରୀରାମ ଓ ପରମ ଭକ୍ତ ହନୁମାନଙ୍କ ମଧ୍ୟରେ ସାକ୍ଷାତ ହୋଇଛି। କିଷ୍କିନ୍ଧ୍ୟାର ରାଜା ବାଳି ଦ୍ୱାରା ବିତାଡିତ ହୋଇ ସାନ ଭାଇ ସୁଗ୍ରୀବ ହନୁମାନଙ୍କ ସମେତ ନିଜର ବିଶ୍ୱସ୍ତ ସହଯୋଗୀମାନଙ୍କୁ ନେଇ ଋଷ୍ୟମୁକ ପାହାଡରେ ଆଶ୍ରୟ ନେଇଛନ୍ତି । ଜଣେ ତପସ୍ୱୀଙ୍କ ଅଭିଶାପ ଯୋଗୁଁ ବାଳି ଋଷ୍ୟମୁକ ପାହାଡରେ ପ୍ରବେଶ କରିପାରୁ ନଥିବାରୁ ସୁଗ୍ରୀବ ସେଠାରେ ଆଶ୍ରୟ ନେଇଥିଲେ। ଶ୍ରୀରାମ ଓ ଲକ୍ଷ୍ମଣ ବନରେ ବୁଲିବୁଲି ଋଷ୍ୟମୁକ ପାହାଡ ନିକଟରେ ପହଞ୍ଚିବା ପରେ ସୁଗ୍ରୀବ ପ୍ରଥମେ ସେମାନଙ୍କୁ ଦୂରରୁ ଦେଖି ଭୟଭୀତ ହୋଇଯାଇଛନ୍ତି। ଶ୍ରୀରାମ ଓ ଲକ୍ଷ୍ମଣଙ୍କ ପରିଚୟ ଓ ଆସିବାର ଉଦ୍ଦେଶ୍ୟ ଜାଣିବା ପାଇଁ ସେ ହନୁମାନଙ୍କୁ ପ୍ରେରଣ କରିଛନ୍ତି। ଭକ୍ତ ହନୁମାନ ବ୍ରାହ୍ମଣ ବେଶରେ ଆସି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ କିଷ୍କିନ୍ଧ୍ୟା ଆଗମନର କାରଣ ଓ ସେମାନଙ୍କ ପରିଚୟ ପଚାରିଛନ୍ତି। ଶ୍ରୀରାମଙ୍କ ପରିଚୟ ପାଇବାପରେ ଭକ୍ତିରେ ଗଦଗଦ ହୋଇ ହନୁମାନ ନିଜକୁ ତାଙ୍କର ପାଦତଳେ ସମର୍ପି ଦେଇଛନ୍ତି। ଏକ ଭାବାବେଗ ପରିବେଶ ମଧ୍ୟରେ ଭକ୍ତ ଓ ଭଗବାନଙ୍କ ଭେଟ ହେବାପରେ ହନୁମାନ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ଋଷ୍ୟମୁକ ପର୍ବତକୁ ସୁଗ୍ରୀବଙ୍କ ନିକଟକୁ ନେଇ ଆସିଛନ୍ତି। ସୁଗ୍ରୀବଙ୍କ ନିକଟରୁ ଶ୍ରୀରାମ ଓ ଲକ୍ଷ୍ମଣ ବାଳି ଦ୍ୱାରା ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାର ସଂପର୍କରେ ଶୁଣିବାପରେ ସହାୟତା କରିବାକୁ ପ୍ରତିଶୃତି ଦେଇଛନ୍ତି। ସୁଗ୍ରୀବ ମଧ୍ୟ ସୀତାଙ୍କୁ ଖୋଜିବାରେ ସହାୟତା କରିବାର ପ୍ରତିଶୃତି ଦେବା ସହିତ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରଗାଢ ହୋଇଛି। ସୁଗ୍ରୀବଙ୍କ ନିକଟରୁ ବାଳି ସଂପର୍କରେ ସମସ୍ତ ସୂଚନା ପାଇବା ପରେ ଶ୍ରୀରାମ ବାଳିକୁ କୌଶଳକ୍ରମେ ବଧ କରିଛନ୍ତି। ବାଳିର ମୃତ୍ୟୁ ପରେ ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ସିଂହାସନରେ ଅଭିଷିକ୍ତ କରାଇ ଶ୍ରୀରାମ ଓ ଲକ୍ଷ୍ମଣ ବନବାସୀ ଜୀବନ ବିତାଇବାକୁ ପୁଣିଥରେ ଋଷ୍ୟମୁକ ପାହାଡକୁ ଫେରିଆସିଛନ୍ତି। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଉତ୍କୃଷ୍ଟ ରଚନା ଓ ଭବାନୀଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ର ଗୁଡିକୁ ପ୍ରଦର୍ଶନ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୧୩)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

**ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ ।**
**ନବଦ୍ୱାରେ ପୂରେ ଦେହୀ ନୈବ କୁର୍ବନ୍ନ କାରୟନ୍ ॥୧୩॥**

ଜିତେନ୍ଦ୍ରିୟ ବ୍ୟକ୍ତି ବିବେକଯୁକ୍ତ ମନଦ୍ୱାରା ସମସ୍ତ କର୍ମ ପରିତ୍ୟାଗ କରି ( କର୍ତ୍ତୃତ୍ୱାଭିମାନ ନ ଥିବାରୁ) ନବଦ୍ୱାର ବିଶିଷ୍ଟ ପୁରରେ (ଅହଂଭାବଶୂନ୍ୟ ଦେହରେ) ସୁଖରେ ବାସ କରନ୍ତି, ସେ ନିଜେ କିଛି କର୍ମ କରନ୍ତି ନାହିଁ କି ଅନ୍ୟଦ୍ୱାରା କରାନ୍ତି ନାହିଁ ॥୧୩॥

# ଭିନ୍ନ ସ୍ୱର

ସମ୍ପାଦକୀୟ

ସାଧାରଣ ନିର୍ବାଚନ ୨୦୨୪ର ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ସରିଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟଗୁଡିକ ପାଇଁ ପ୍ରଚାର ଜୋର୍ ଧରିବାରେ ଲାଗିଛି । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତେ ନିଜକୁ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ କରି ଦେଇଛନ୍ତି । ପ୍ରଚାର ଶୈଳୀରେ ପରିବର୍ତ୍ତନ ଆସିଛି । ସଭାସମିତି, ଭାଷଣବାଜି, ପୋଷ୍ଟର, ଲିଫଲେଟ ସହ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଯେମିତି ପ୍ରଚାର ହେଉଥିଲା ତାହାହିଁ ଚାଲିଛି । ତେବେ ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ଡିଜିଟାଲ ମାଧ୍ୟମ ପ୍ରଚାରକୁ ଯଥେଷ୍ଟ ସାହାଯ୍ୟ କରୁଛି ଏବଂ ଏହାର ବ୍ୟବହାର ନିର୍ବାଚନରେ ବଢିଯାଇଛି । ସାଧାରଣତଃ ଅତୀତର ନିର୍ବାଚନରେ, ରାଜନୈତିକ ଦଳଗୁଡିକ ଦେଶର ସମସ୍ୟା ବା ବିକାଶକୁ ନେଇ ପ୍ରଚାରର ଭିତ୍ତିଭୂମି ତିଆରି କରିଥାନ୍ତି, କିନ୍ତୁ ଏଥରର କଥା ଟିକେ ଅଲଗା । ଏଥର ଦେଶର ସୁରକ୍ଷା, ସମ୍ବିଧାନ, ଗଣତନ୍ତ୍ର, ଦୁର୍ନୀତି, ଜାତୀୟତାବାଦ ପ୍ରଚାରର ମୁଖ୍ୟ ବିଷୟ ହେବାରେ ଲାଗିଛି । ଯଦିଓ ସବୁ ଦଳ ନିଜ ନିଜ ଇସ୍ତାହାରରେ ସବୁ ନିର୍ବାଚନ ପରି ଜନତାଙ୍କ ପାଇଁ ଅନେକଗୁଡିଏ ଯୋଜନା ଘୋଷଣା କରିଛନ୍ତି...ବିକାଶର କଥା ଉପସ୍ଥାପିତ କରିଛନ୍ତି, କିନ୍ତୁ ଜାତୀୟତାବାଦ, ଦୁର୍ନୀତି, ଏକଛତ୍ରବାଦ, ଗଣତନ୍ତ୍ର, ସମ୍ବିଧାନ ପରି କେତେକ ଶବ୍ଦକୁ ଜାତୀୟ ଦଳ ପ୍ରାଧାନ୍ୟ ଦେଉଛନ୍ତି । କ୍ଷମତାରେ ଥିବା ବିଜେପି ନେତୃତ୍ୱାଧୀନ ଏନଡିଏ ଗତ ପାଞ୍ଚ ବର୍ଷ ମଧ୍ୟରେ ଯେଉଁ କେତେକ ପଦକ୍ଷେପ ନେଇଛନ୍ତି, ତାହା ଏହି ନିର୍ବାଚନରେ ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ବିଜେପିର ମୁଖ୍ୟ ତିନୋଟି କାର୍ଯ୍ୟ ଯଥା, ନାଗରିକ ସଂଶୋଧନ ଅଧିନିୟମ ବା ସିଏଏ, ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଏବଂ ଧାରା ୩୭୦ ରଦ୍ଦ ଅନେକକୁ ଆଶ୍ଚର୍ଯ୍ୟ କରିଥିଲା ଏବଂ ଏହାକୁ ନେଇ ସାରା ଦେଶରେ ବିଭିନ୍ନ ପ୍ଲାଟଫର୍ମରେ ବିତର୍କ ମଧ୍ୟ ହେଇଥିଲା । ଏହି କାର୍ଯ୍ୟ ପାଇଁ ଦଳକୁ ସମାଲୋଚନାର ସ୍ୱୀକାର ମଧ୍ୟ ହେବାକୁ ପଡିଛି ଏବଂ ଅନେକ ଏହାର ପ୍ରଶଂସା ମଧ୍ୟ କରିଛନ୍ତି । ସିଏଏକୁ ଖାଲି ଦେଶ ଭିତରେ ନୁହେଁ, ଦେଶ ବାହାରେ ମଧ୍ୟ କିଛି ଦେଶ ସମାଲୋଚନା କରିଥିଲେ ଏବଂ ଭାରତ ଏହାର ଦୃଢ ଜବାବ ମଧ୍ୟ ଦେଇଥିଲା । ନାଗରିକତ୍ୱ ସଂଶୋଧନ ଅଧିନିୟମ ନାଗରିକତ୍ୱ ଛଡ଼ାଇବା ବିଷୟରେ ନୁହେଁ, ନାଗରିକତ୍ୱ ପ୍ରଦାନ କରିବା ବିଷୟରେ । ଏହା ମଣିଷକୁ ପରିଚୟ ଦେଇଥାଏ, ମାନବିକ ସମ୍ମାନ ପ୍ରଦାନ କରିଥାଏ ଏବଂ ମାନବିକ ଅଧିକାରକୁ ସମର୍ଥନ କରିଥାଏ ବୋଲି ଭାରତ ପକ୍ଷରୁ କୁହାଯାଇଥିଲା । ଯେଉଁମାନଙ୍କର ଭାରତର ବହୁମୁଖୀ ପରମ୍ପରା, ଏବଂ ଏହି ଅଞ୍ଚଳର ବିଭାଜନ ପରବର୍ତ୍ତୀ ଇତିହାସ ବିଷୟରେ ଜ୍ଞାନ ନାହିଁ ସେମାନେ ଏହା ଉପରେ ମତ ରଖିବା ଉଚିତ ନୁହେଁ ବୋଲି ଭାରତ ପକ୍ଷରୁ କୁହାଯାଇଥିଲା । ସିଏଏ ଗତ ପାଞ୍ଚ ବର୍ଷ ମଧ୍ୟରେ କେତେକ ଭୁଲ ପ୍ରଚାରର ଶିକାର ହୋଇଛି । ଲୋକଙ୍କୁ ନାଗରିକତାରୁ ବଞ୍ଚିତ କରିବା କିମ୍ବା ଭାରତୀୟ ନାଗରିକଙ୍କୁ ଅସମ୍ମାନ କରିବା ସହିତ ସିଏଏର କୌଣସି ସମ୍ପର୍କ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ କେତେକ ରାଜନୈତିକ ଦଳ ସିଏଏ ମୁସଲିମ ବିରୋଧୀ ବୋଲି ଅଭିଯୋଗ କରିଥିଲେ । କେତେକ ରାଜନୀତିକ ଦଳ, ଏହାକୁ ନିର୍ବାଚନ ପ୍ରସଙ୍ଗ ମଧ୍ୟ କରିଛନ୍ତି । ଧାରା ୩୭୦ ରଦ୍ଦ ହେବା ମଧ୍ୟ ଦେଶର ସ୍ୱାର୍ଥ ପାଇଁ । ସମ୍ବିଧାନର ଧାରା ୩୭୦ ଏବଂ ୩୫ଏ କୁ ରଦ୍ଦ କରିବା ନେଇ ନ୍ୟାୟାଳୟ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି । ଏହାକୁ ନେଇ ଦ୍ୱିମତ ହେବାର କାରଣ ନାହିଁ ଏବଂ କାରଣ ସରକାରଙ୍କ ଏହି ନିଷ୍ପତ୍ତି ଜାମ୍ମୁ–କାଶ୍ମୀରକୁ ଦେଶ ସହ ଅଧିକ ନିବିଡ ଭାବରେ ଯୋଡ଼ିପାରିଛି ଏବଂ ଏହାଦ୍ୱାରା ଜାମ୍ମୁ–କାଶ୍ମୀରରେ ନିଶ୍ଚିତ ଭାବରେ ବିକାଶ ତ୍ୱରାନ୍ୱିତ ହେବ ବୋଲି ସରକାର ବିଭିନ୍ନ ସମୟରେ କହି ଆସିଛନ୍ତି । ସେହିପରି ରାମମନ୍ଦିର ନିର୍ମାଣ କେବେବି କୌଣସି ଦଳପାଇଁ ଗୋଟିଏ ନିର୍ବାଚନୀ ପ୍ରସଙ୍ଗ ହେବା ଠିକ୍ ହେବନାହିଁ, କାରଣ ଏହା ଅନ୍ୟ ଧର୍ମ ବା ଗୋଷ୍ଠୀ ବିରୋଧରେ ଯାଉନାହିଁ । ବହୁ ଚର୍ଚ୍ଚା, ବହୁ ବିତର୍କ ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି । ତେବେ ଏହିପରି ନିଷ୍ପତ୍ତି ସବୁ, ବିଜେପିକୁ ଜନତାଙ୍କର ନିକଟତର କରିଛି ନା ଦୂରେଇ ଦେଇଛି ତାହା ଏହି ନିର୍ବାଚନ ଫଳାଫଳ ହିଁ ସ୍ପଷ୍ଟ କରିବ । ଯଦି ବିଜେପି କ୍ଷମତାକୁ ଫେରେ ଏବଂ ଗତଥର ଠାରୁ ନିଜର ଆସନ ସଂଖ୍ୟା ବୃଦ୍ଧି କରିପାରେ, ତା'ହେଲେ ଏ କଥା ସ୍ପଷ୍ଟ ହେବ ଯେ' ଜନତା ବିଜେପିର ଚିନ୍ତାଧାରାକୁ ସମର୍ଥନ କରୁଛନ୍ତି । କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ବିଜେପିର ଶାସନକୁ ଏକଛତ୍ରବାଦ ଶାସନ ବୋଲି ଅଭିଯୋଗ କରିବା ସହ ଯଦି ବିଜେପି ପୁଣି ଥରେ ଶାସନକୁ ଆସେ ଏହା ଦେଶର ଶେଷ ନିର୍ବାଚନ ହେବ ବୋଲି କହୁଛନ୍ତି । କିନ୍ତୁ ଏଥିରେ ବାସ୍ତବିକତା କେତେ ଏବଂ ବିରୋଧୀ ଏ ପ୍ରକାର କାହିଁକି ଭାବୁଛନ୍ତି, ତାହା ସ୍ପଷ୍ଟ କରିବା ଜରୁରୀ । କଂଗ୍ରେସ ଏବଂ ଅନ୍ୟ ଦଳଗୁଡିକ ଦାବି କରିଛନ୍ତି ଯେ ମୋଦି ସରକାରଙ୍କ ଅଧୀନରେ ଦେଶର ଗଣତନ୍ତ୍ର ବିପଦରେ ରହିଛି, ଗଣତାନ୍ତ୍ରିକ ଅନୁଷ୍ଠାନଗୁଡିକ କ୍ଷୁର୍ଣ୍ଣ ହେଉଛି ଏବଂ ସମ୍ବିଧାନ ବଦଳାଇବା ପାଇଁ ଷଡଯନ୍ତ୍ର କରାଯାଇଛି । ସେଭଳି ବିଜେପି ଦେଶର ବଡ ବଡ ନେତାଙ୍କୁ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ଇଡି, ସିବିଆଇ ପରି କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ଜାଣିଶୁଣି ଓ ବିନଦୋଷରେ ହଇରାଣ କରୁଛି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି । କିନ୍ତୁ ସରକାର ସ୍ପଷ୍ଟ କରିଛନ୍ତି ଏଥିରେ କୌଣସି ରାଜନୈତିକ ଅଭିସନ୍ଧି ନାହିଁ । ଏ ସବୁ ଦୃଷ୍ଟିରୁ ବା ବର୍ତ୍ତମାନର ଅଭିଯୋଗ ଓ ପ୍ରତ୍ୟାଭିଯୋଗ ଦେଖିଲେ ସ୍ପଷ୍ଟ ହେଉଛି, ବର୍ତ୍ତମାନର ନିର୍ବାଚନ ଅତୀତର ନିର୍ବାଚନ ଠାରୁ ସମ୍ପୂର୍ଣ୍ଣ ଅଲଗା । ଦେଶର କଥା, ଦେଶର ଭବିଷ୍ୟତକୁ ନେଇ ଏ ଲଢେଇ ହେଉଛି । ଜନତାଙ୍କ ରାୟ ହିଁ ସ୍ପଷ୍ଟ କରିବ କିଏ ଠିକ୍ କିଏ ଭୁଲ୍ । ବିଜେପି ଏହାର ଆସନ ସଂଖ୍ୟା ବଢାଇପାରୁଛି ନା ନାହିଁ, କଂଗ୍ରେସ ଏହାର ଆସନ ସଂଖ୍ୟା ବଢ଼େଇ ପାରୁଛି ନା ନାହିଁ ଏବଂ ଅନ୍ୟାନ୍ୟ ଦଳ ବିଶେଷ ଭାବରେ ଆଞ୍ଚଳିକ ଦଳଗୁଡିକ ନିର୍ବାଚନରେ କେତେ ଆସନ ପାଉଛନ୍ତି, ତାହା ଉପରେ ଦେଶର ଭବିଷ୍ୟତ ନୀତି ଅନେକଟା ନିର୍ଭର କରେ । ବିଜେପି ନେତୃତ୍ୱାଧୀନ ଏନଡିଏ ୪୦୦ ଆସନ ହାସଲ କରିବା ପାଇଁ ଲକ୍ଷ୍ୟ ରହିଛି ଏବଂ ଏହା ସମ୍ଭବ ହେଲେ ଆହୁରି ବଡ ବଡ ନିଷ୍ପତ୍ତି ନେଇପାରେ ବୋଲି କୁହାଯାଉଛି ଏବଂ ସମ୍ବିଧାନ ଓ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏ ଲଢେଇ ବୋଲି କଂଗ୍ରେସ ନେତୃତ୍ୱାଧୀନ ଇ–ଣ୍ଡି–ଆ ପକ୍ଷରୁ ପ୍ରଚାର କରାଯାଉଛି । ବିଭିନ୍ନ ଜାତୀୟ ପ୍ରସଙ୍ଗ ଏଥରର ନିର୍ବାଚନରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି ଏବଂ ଏହାକୁ ନେଇ ଜାତୀୟ ଦଳଗୁଡିକ ଯେଉଁଭଳି ଭାବରେ ବିତର୍କ କରୁଛନ୍ତି, ତାହା ହେବା ଉଚିତ ଏବଂ ଜନତାଙ୍କ ରାୟ ହିଁ ଏ ସମ୍ପର୍କରେ ନିଷ୍ପତ୍ତି ନେବ, ଠିକ କଣ ବା ଭୁଲ କଣ । ସେହି ଅନୁସାରେ, ରାଜନୈତିକ ଦଳଗୁଡିକ ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବେ ଯାହା ଦେଶକୁ ଆହୁରି ଦୃଢ ଓ ସଂଗଠିତ କରିବାରେ ସହାୟକ ହେବ । ତେବେ ଏହାଭିତରେ, ଆମେ ଆମର ମୌଳିକ ସମସ୍ୟା ସବୁକୁ ଅଣଦେଖା କରିବା ଅନୁଚିତ । ବେକାରୀ ସମସ୍ୟା, ମୁଦ୍ରାସ୍ଫୀତି ପରି କେତେକ ଅଭିଯୋଗ ବିରୋଧୀ ଦଳ କରୁଛନ୍ତି ଯାହା ଜବାବ ସରକାର ଦେବା ଉଚିତ ବା ସେ ସମ୍ପର୍କରେ ନିଜର ଅଭିମତ ସ୍ପଷ୍ଟ କରିବା ଉଚିତ । ଦେଶ ଏବେବି ବେକାରୀ ସମସ୍ୟା ସହ ଲଢୁଛି କିନ୍ତୁ ଆଶାତୀତ ସଫଳତା ପାଇପାରୁ ନାହିଁ । ସେହିପରି ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିପାରୁନାହିଁ । ବେକାରୀ ସମସ୍ୟା ଠାରୁ ଆରମ୍ଭ କରି ମୁଦ୍ରାସ୍ଫୀତିରେ କିପରି ଉନ୍ନତି ଆସିବ ଏବଂ ବିଭିନ୍ନ ଜାତି, ଗୋଷ୍ଠୀ ଓ ସମ୍ପ୍ରଦାୟ କିପରି ସଶକ୍ତ ହେବେ, ସେମାନେ ସ୍ୱାଭିମାନର ସହ ରୋଜଗାରକ୍ଷମ ହେବେ ସେ ଦିଗରେ ସବୁଦଳ ସ୍ୱତନ୍ତ୍ର ଦୃଷ୍ଟି ଦେବାର ସମୟ ଆସିଛି । ବିଭିନ୍ନ କ୍ଷେତ୍ରରେ ଥିବା ଅସମାନତା କିପରି ଦୂର ହେବ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେବ ତାହା ସବୁ ରାଜନୈତିକ ଦଳ ପାଇଁ ଗୋଟିଏ ବଡ ଆହ୍ୱାନ । ବିବିଧତା ମଧ୍ୟରେ ଏକତା ହିଁ ଭାରତର ବିଶେଷତ୍ୱ ଯାହାକୁ ନେଇ ଆମେ ଗର୍ବ କରିଥାଉ । କେବଳ ଅଭିଯୋଗ ନ କରି, ଦେଶକୁ ସୁରକ୍ଷିତ କରିବା, ଗଣତନ୍ତ୍ରକୁ ଆହୁରି ଦୃଢ କରିବା, ଦେଶରେ ଆଭ୍ୟନ୍ତରୀଣ ଶୃଙ୍ଖଳା ବଜାଇ ରଖିବା ସହ ଦେଶର ପ୍ରଗତି କେମିତି ଅଧିକ ତ୍ୱରାନ୍ୱିତ ହେବ, ସେ ଦିଗରେ ଦଳଗୁଡିକ ନିଜ ନିଜର ଦୂରଦୃଷ୍ଟିକୁ ଜନତାଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ଆବଶ୍ୟକ ।

# ଶିକ୍ଷିତଙ୍କ କ୍ଷେତ୍ରରେ ବେକାରୀ ସମସ୍ୟା

**ଶ୍ରୀବସ୍ତ ନାୟକ**

ଦେଶରେ ବୈଶାଖର ଝାଞ୍ଜି ସାଙ୍ଗକୁ ଅଷ୍ଟାଦଶ ସାଧାରଣ ନିର୍ବାଚନର ଉଷ୍ମତା ବେଶ୍ ଅନୁଭୂତ ହେଉଛି । ନେତାଙ୍କ ଠାରୁ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ନିର୍ବାଚନକୁ ନେଇ ଉତ୍ସାହିତ ଥିବାବେଳେ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ (ଆଇ.ଏଲ୍.ଓ)ର ରିପୋର୍ଟ ଏବେ ଚିନ୍ତାର ବିଷୟ ପାଲଟିଛି । ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ଆଇ.ଏଲ.ଓ ପକ୍ଷରୁ ବେକାରୀ ହାର ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା, ସେଥିରେ ଭାରତ ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଏହି ସର୍ଭେ ରିପୋର୍ଟ ଦର୍ଶାଇଛି ଯେ ଦେଶରେ ଦିନକୁ ଦିନ ବେକାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଏହା ଏବେ ଏକ ସାମାଜିକ ବ୍ୟାଧି ଭାବେ ଉଭା ହେଲାଣି । କେବଳ ସେତିକି ନୁହେଁ ବରଂ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଶିକ୍ଷିତମାନଙ୍କ ଠାରେ ବେକାରୀ ସମସ୍ୟା ଖୁବ୍ ବେଶୀ ।

ନିରକ୍ଷର ବା ଅକ୍ଷର ପଢ଼ି କିମ୍ବା ଲେଖିପାରୁ ନଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରୀ ହାର ୩.୪ ପ୍ରତିଶତ କିନ୍ତୁ ସ୍ନାତକମାନଙ୍କ ବେକାରୀ ହାର ୨୯.୧ ପ୍ରତିଶତ । ପାଖାପାଖି ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ ବେକାରୀ ହେବାର ଆଶଙ୍କା ପ୍ରାୟ ୯ ଗୁଣା ଅଧିକ । ସେହିଭଳି ମାଧ୍ୟମିକ କିମ୍ବା ତଦୁର୍ଦ୍ଧ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରୀ ହାର ୧୮.୪ ପ୍ରତିଶତ । ଅର୍ଥାତ୍ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଏମାନଙ୍କ ବେକାରୀ ହେବା ଆଶଙ୍କା ୬ ଗୁଣା ଅଧିକ । ବିଶେଷତଃ ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ବେକାରୀ ସମସ୍ୟା ସମୟାନୁକ୍ରମେ ଅଧିକ ଜଟିଳ ହୋଇଛି । ଯୁବକମାନଙ୍କ ମଧ୍ୟରେ ବେକାରୀ ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି । ଆନୁଷ୍ଠାନିକ କ୍ଷେତ୍ରରେ ଶିକ୍ଷିତ ଯୁବକମାନଙ୍କ ଅପେକ୍ଷା ଅଣଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ । ଅର୍ଥାତ୍ ସରଳ ଭାବେ ବୁଝିଲେ ଭାରତରେ ଜଣେ ବ୍ୟକ୍ତି ଯେତେ ଅଧିକ ପାଠ ପଢ଼ିବେ ସେତେ ଅଧିକ ବେକାର ହେବେ । ଶିକ୍ଷିତଙ୍କ କ୍ଷେତ୍ରରେ ରୋଜଗାରର ପନ୍ଥା ଖୋଜିବା ଏକ କଷ୍ଟକର ବ୍ୟାପାର ହୋଇ ପଡ଼ିଲାଣି ।

ପାଠ ନପଢ଼ିଲେ କିମ୍ବା ଜ୍ଞାନ ଆହରଣ ନକରିଲେ ଜଣେ ବ୍ୟକ୍ତି ସାଧାରଣତଃ ରୋଜଗାରକ୍ଷମ ହୋଇ ନପାରେ କିନ୍ତୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ କୌଣସି କର୍ମ ସଂସ୍ଥାନରେ ଯୋଗ ନଦେଇ ବେକାରୀ ଭାବେ ଜୀବନ ବିତାଇବା ନିଶ୍ଚିତ ରୂପେ ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଦେଶରେ ଶିକ୍ଷିତ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଅଣଶିକ୍ଷିତମାନଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତ ସରକାର ଅନେକଗୁଡ଼ିଏ ଯୋଜନା ଯଥା ପ୍ରଧାନମନ୍ତ୍ରୀ ସ୍ୱ–ନିଧି ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା,ମନରେଗା ଯୋଜନା, ସ୍କିଲ ଇଣ୍ଡିଆ ଯୋଜନା,ଜାତୀୟ ଜୀବିକା ମିଶନ ଯୋଜନା,ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା,ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାମାନ ପ୍ରଣୟନ କରିଥିଲେ ମଧ୍ୟ ଶିକ୍ଷିତ ବେକାରୀ ହଟାଇବାରେ ସମର୍ଥ ହୋଇପାରିନଥିଲେ । ଭାରତ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଥିବାର ନାରା ସରକାର ଦେଉଥିବା ସମୟରେ ବେକାରୀ ସମସ୍ୟାକୁ ନେଇ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ମତ ରାଜନୈତିକ କ୍ଷେତ୍ରଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି ।

ବୈଦିକ ଯୁଗରୁ ଭାରତ ସଦାସର୍ବଦା ତାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି । ଭାରତର ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବ ପୁରାତନ ଭାବେ ସର୍ବଜନ ବିଦିତ । ବ୍ରିଟିଶ ଶାସନ ପୂର୍ବରୁ ଭାରତର ଶିକ୍ଷା ବ୍ୟବସ୍ଥାରେ ଜାତି,ଧର୍ମ,ବର୍ଣ୍ଣର କୌଣସି ଭେଦଭାବ ନଥିଲା । ଅଧିକାଂଶ ଲୋକ ଶିକ୍ଷିତ ଥିଲେ । ତତ୍କାଳୀନ ଶିକ୍ଷା ବ୍ୟବସ୍ଥା କୌଶଳ, ଶୃଙ୍ଖଳା, ଦକ୍ଷତା, କର୍ମ ଏବଂ ଆତ୍ମନିର୍ଭରଶୀଳ କୈନ୍ଦ୍ରିକ ଥିଲା । ଶିକ୍ଷା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହାକୁ ଜ୍ଞାନର ଏକ ମାଧ୍ୟମ ବୋଲି ବିବେଚନା କରି ସମସ୍ତେ ଜ୍ଞାନ ଆହରଣ କରି ନିଜ ନିଜର ଜୀବିକାର୍ଜନ କରୁଥିଲେ । କିନ୍ତୁ ବ୍ରିଟିଶ ଶାସନ କାଳରେ ଭାରତର ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ମଧ୍ୟରେ ଭାରତର ଶିକ୍ଷା ବ୍ୟବସ୍ଥାରେ ରାଧାକୃଷ୍ଣନ କମିଶନ (୧୯୪୮), ମୁଦାଲୀୟର କମିଶନ(୧୯୫୨), କୋଠାରୀ କମିଶନ୍ (୧୯୬୪), ଜଶପାଲ୍ କମିଶନ (୧୯୯୨)ଙ୍କ ସୁପାରିଶ କ୍ରମେ ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଅନେକ ପରିବର୍ତ୍ତନ କରାଯାଇଛି । ଶିକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ସଂସ୍କାର ଆଣି କେନ୍ଦ୍ର ସରକାର ଦେଶରେ ସଦ୍ୟ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷର ଲମ୍ବା ଯାତ୍ରା ମଧ୍ୟରେ ଭାରତରେ ଅନେକ କିଛି ପରିବର୍ତ୍ତନ ହୋଇଛି । ଏଠି ସରକାର ବଦଳିଛି ଏବଂ ଅନୁରୂପ ଭାବେ ଯୋଜନାରେ ମଧ୍ୟ ପରିବର୍ତ୍ତନ ହୋଇଛି କିନ୍ତୁ ଯେଉଁ ଶିକ୍ଷା ବ୍ୟବସ୍ଥା ଏକ ରାଷ୍ଟ୍ରର ମେରୁଦଣ୍ଡ ସଦୃଶ ସେ ବିଭାଗରେ ଆମେ କେଉଁଠି ନା କେଉଁଠି ବିଫଳ ହୋଇଛେ ବୋଲି ଆମକୁ ମାନି ନେବାକୁ ପଡିବ ।

ଅଲ୍ ଇଣ୍ଡିଆ ସର୍ଭେ ଅନ୍ ହାୟର ଏଜୁକେଶନର ରିପୋର୍ଟ ଅନୁସାରେ ୨୦୧୬–୧୭ ଶିକ୍ଷା ବର୍ଷରେ ଆମ ଦେଶରେ ସମୁଦାୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮୬୪ ଥିବାବେଳେ ୨୦୨୦–୨୧ରେ ଏହାର ସଂଖ୍ୟା ୨୮.୮ ପ୍ରତିଶତ ବୃଦ୍ଧି ପାଇ ୧୧୧୩ ହୋଇଥିଲା । ଅନୁରୂପ ଭାବେ ମହାବିଦ୍ୟାଳୟ ସଂଖ୍ୟା ୪୦,୦୨୬ରୁ ୯.୪ ପ୍ରତିଶତ ବୃଦ୍ଧିପାଇ ୪୩,୭୯୬ ହୋଇଥିଲା । ଶିକ୍ଷାନୁଷ୍ଠାନର ବୃଦ୍ଧି ସାଙ୍ଗକୁ ପ୍ରତିବର୍ଷ ଭାରତରେ ସ୍ନାତକ ପାସ୍ କରୁଥିବା ପିଲାଙ୍କ ସଂଖ୍ୟା ମଧ୍ୟ ଆଶାତୀତ ବୃଦ୍ଧି ପାଉଛି । ନୂତନ ଅର୍ଥନୀତି ପଲିସି (୧୯୯୧)ରେ ଘରୋଇକରଣ,ଜଗତୀକରଣ ଓ ଉଦାରୀକରଣ ଯୋଗୁଁ କର୍ପୋରେଟ ସେକ୍ଟରରେ ପ୍ରତି ବର୍ଷ ଅନେକ ନିଯୁକ୍ତି ପ୍ରକାଶ ପାଉଥିଲେ ମଧ୍ୟ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସ୍ନାତକଧାରୀମାନେ ବଜାରର ଚାହିଦାକୁ ପୂରଣକରି ପାରୁନାହାନ୍ତି । ଫଳରେ ସେମାନେ କୌଣସି କ୍ଷେତ୍ରରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରୁନାହାନ୍ତି । ଏହା ପ୍ରମାଣ କରୁଛି ଯେ ଶିକ୍ଷା ବ୍ୟବସ୍ଥା ଗୁଣାତ୍ମକ ଅପେକ୍ଷା ପରିମାଣାତ୍ମକ ହୋଇଯାଇଛି । ନହେଲେ ଦେଶରେ ଚତୁର୍ଥ ଶ୍ରେଣୀ ପଦ ପାଇଁ ପି.ଏଚ.ଡି ଏବଂ ଏମ.ଫିଲ୍ ଡିଗ୍ରୀଧାରୀ ଆବେଦନ କରୁନଥାନ୍ତେ ।

ଶିକ୍ଷା ବ୍ୟବସ୍ଥା ପ୍ରତିଯୋଗିତାମୂଳକ ହୋଇଯିବାରୁ କେବଳ ଦକ୍ଷତା ସମ୍ପନ୍ନ ପିଲାମାନେ ନିଯୁକ୍ତି ପାଇଥାନ୍ତି । ଶିକ୍ଷାରେ ସୃଜନାତ୍ମକ ଚିନ୍ତାଧାରାର ଅଭାବ ଯୋଗୁଁ ଅନ୍ୟମାନେ ନିଯୁକ୍ତିର ଅନ୍ୟାନ୍ୟ ପନ୍ଥା ନଖୋଜି ହତୋତ୍ସାହିତ ହୋଇପଡନ୍ତି । ଫଳରେ ଆତ୍ମହତ୍ୟା ଭଳି ଘୃଣ୍ୟ ପନ୍ଥା ଆପଣାଇବାକୁ ପଛାନ୍ତି ନାହିଁ । ଗ୍ଲୋବାଲ ଆଇଆଇଟି ଆଲୁମିନି ସପୋର୍ଟ ଗ୍ରୁପର ପ୍ରତିଷ୍ଠାତା ଧୀରଜ ସିଂଙ୍କ ମତରେ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରତିଯୋଗିତା ମଧ୍ୟରେ ପ୍ରବେଶିକା ପରୀକ୍ଷା ଦେଇ ଭାରତର ପ୍ରତିଷ୍ଠିତ ଆଇ.ଆଇ.ଟିରେ ଅଧ୍ୟୟନ କରୁଥିବା ୩୦ ରୁ ୪୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ନିଯୁକ୍ତିକୁ ନେଇ ଏବେ ମଧ୍ୟ ସମସ୍ୟା ଲାଗି ରହିଛି ରହିଛି । କଠିନ ପରିଶ୍ରମ ସତ୍ତ୍ୱେ ଚାକିରି ନପାଇ ଛାତ୍ରଛାତ୍ରୀମାନେ ମାନସିକ ଚାପରେ ରହୁଛନ୍ତି । ଏହାର ପରିଣାମ ସ୍ୱରୂପ ଦିନକୁ ଦିନ ଛାତ୍ରଛାତ୍ରୀମାନଙ୍କର ଆତ୍ମହତ୍ୟା ପ୍ରବଣତା ମାନସିକତା ବୃଦ୍ଧି ପାଉଛି । ଭାରତର ଉଚ୍ଚଶିକ୍ଷା ତୁଳନାତ୍ମକ ଭାବେ ବିଦେଶର ଶିକ୍ଷାଠାରୁ ଢେର ଶସ୍ତା ସତ୍ତ୍ୱେ ମଧ୍ୟ କେତେକ ଭାରତୀୟ ଛାତ୍ରଛାତ୍ରୀ କାନାଡା,ସିଙ୍ଗାପୁର, ଆମେରିକା, ବ୍ରିଟେନ,ଅଷ୍ଟ୍ରେଲିଆ ଆଦି ଦେଶରେ ଉଚ୍ଚଶିକ୍ଷା କରିବାକୁ ପସନ୍ଦ କରନ୍ତି । ବିଶ୍ୱଗୁରୁ ଭାବେ ଭାରତ ଆଗକୁ ବଢୁଥିବା ସମୟରେ ଭାରତର ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ଶହେ ବିଶ୍ୱବିଦ୍ୟାଳୟରେ ସ୍ଥାନ ନପାଇବା, ଶିକ୍ଷା ପାଇଁ ବ୍ୟୟ ବରାଦ ଆଶାନୁରୂପ ଭାବେ ବୃଦ୍ଧି ନପାଇବା ଆମ ଶିକ୍ଷା ବ୍ୟବସ୍ଥାର ଅଭାବନୀୟ ଦୃଶ୍ୟ । ବିଶ୍ୱମହାମାରୀ ସମୟରେ କେତେକ ଜରୁରୀକାଳିନ ସେବା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିଥିଲେ ସରକାର । ସରକାରଙ୍କ ଦୃଷ୍ଟିରେ ଏହା ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇନଥିବାରୁ ସରକାର ବିକଳ୍ପ ଶିକ୍ଷା ବ୍ୟବସ୍ଥାକୁ ଆପଣାଇବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ପାଠ୍ୟ ଖସଡ଼ାକୁ କାଣ୍ଟଛାଣ୍ଟ କରି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ ମଧ୍ୟ ପୂର୍ବ ପାଠ୍ୟ ଖସଡ଼ା ସଂଯୋଜିତ ବିଷୟଗୁଡ଼ିକ କିଭଳି ଛାତ୍ରଛାତ୍ରୀମାନେ ପଢ଼ିବେ ତାହାକୁ ନେଇ କୌଣସି ନିଷ୍ପତ୍ତି ନେଇନଥିଲେ ସରକାର । ସେ ସମୟରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥଲା ଶିକ୍ଷା ବିଭାଗ । ଅତୀତରେ ଅନେକ ପ୍ରାକୃତିକ ଦୈବ ଦୁର୍ବିପାକ ଯୋଗୁଁ ମଧ୍ୟ ପରୀକ୍ଷାରେ ବିଳମ୍ବ, ପରୀକ୍ଷା ଫଳପ୍ରକାଶରେ ବିଳମ୍ବ ଆଦି ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛି ଏହି ବିଭାଗ । କେବଳ ସେତିକି ନୁହେଁ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ରହିବା, ନିୟମିତ ବେତନ ପାଇଁ ଶିକ୍ଷକମାନଙ୍କ ଆନ୍ଦୋଳନ, ଶିକ୍ଷକମାନଙ୍କର ଶ୍ରେଣୀ ବିଭକ୍ତ, ସେମାନଙ୍କର ନିୟମିତ ପଦୋନ୍ନତିରେ ଅନିୟମିତତା, ଶିକ୍ଷାନୁଷ୍ଠାନରେ ଅତ୍ୟଧିକ ରାଜନୈତିକ ହସ୍ତକ୍ଷେପ, ଶିକ୍ଷାବିଭାଗର ଶିକ୍ଷକଙ୍କ ହାତରେ ନରହି ପ୍ରଶାସକଙ୍କ ହାତରେ ରହିବା, କଡା ସୁରକ୍ଷା ସତ୍ତ୍ୱେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେବା, ପରୀକ୍ଷା ଖାତା ମୂଲ୍ୟାୟନରେ କୋହଳ ମନୋଭାବ ଯୋଗୁଁ ନିମ୍ନଗାମୀ ହେଉଛି ଶିକ୍ଷା ବ୍ୟବସ୍ଥା । ଫଳରେ ଶିକ୍ଷିତ ହୋଇମଧ୍ୟ ଛାତ୍ରଛାତ୍ରୀମାନେ ଆଶାନୁରୂପ କର୍ମନିଯୁକ୍ତି ପାଇପାରୁ ନାହାନ୍ତି ଯାହା ବେକାରୀ ସମସ୍ୟାକୁ ଆହୁରି ଉତ୍କଟ କରୁଛି । ଆର୍. ବି. ଆଇର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ମଧ୍ୟ ଏହି ବେକାରୀ ସମସ୍ୟାକୁ ନେଇ ଏକଦା କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ଭାରତୀୟ ଶିକ୍ଷା ବ୍ୟବସ୍ଥା ଭାରତୀୟ ଅର୍ଥନୀତିର ବିକାଶ ଉପରେ ଖୁବ୍ ଶୀଘ୍ର ପ୍ରଭାବ ପକାଇବ, ତେଣୁ ଏହା ସେହି ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନୁହେଁ ତ? ଯଦି ଏହା ହୋଇଥାଏ ତେବେ ସମୟ ଆସିଛି ଏ ବାବଦରେ ଆମକୁ ସଚେତନ ହେବାକୁ ପଡିବ ।

ଉପଯୁକ୍ତ ଭିତ୍ତିଭୂମି ସଂରଚନା ଆଧାରରେ ଶିକ୍ଷାନୁଷ୍ଠାନ ଖୋଲିବା, ପରିମାଣାତ୍ମକ ଶିକ୍ଷା ପରିବର୍ତ୍ତେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା,ଡ୍ରପ୍ ଆଉଟ ହାରକୁ ହ୍ରାସ କରିବା,ଶିକ୍ଷା ନୀତିରେ ନୀତିଶିକ୍ଷାର ପ୍ରୟୋଗ କରିବା, ଘୋଷାପାଠ ତଥା ନୋଟ ବୁକ୍ ଧରି ପଢ଼ିବା ଅଭ୍ୟାସରୁ ଶିକ୍ଷାର୍ଥୀମାନଙ୍କୁ ମୁକ୍ତ କରିବା, ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷା ତଥା ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା,ପ୍ରତିଯୋଗିତା ମୂଳକ ଶିକ୍ଷାରୁ ଦୂରେଇ ଜୀବିକାର୍ଜନ ମୂଳକ ଶିକ୍ଷାକୁ ଆପଣାଇବା, ନିର୍ଭରଶୀଳ ଶିକ୍ଷାନୀତି ବଦଳରେ ଆତ୍ମନିର୍ଭରଶୀଳ ଶିକ୍ଷାନୀତି ଆପଣାଇବା, ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଆଦିକୁ ଗ୍ରହଣ କଲେ ହୁଏତ ଭବିଷ୍ୟତରେ ଏ ଅବସ୍ଥାରେ କେତେକ ମାତ୍ରାରେ ପରିବର୍ତ୍ତନ ଆଶା କରାଯାଇପାରେ । ନ ହେଲେ ଦିନ ଆସିବ ଆମେ ସମସ୍ତେ ଶିକ୍ଷିତ ହୋଇ ମଧ୍ୟ ବେକାର ଥିବା ଏବଂ ଚିନ୍ତା କରୁଥିବା ଆମେ ଶିକ୍ଷିତ ବେକାର ନା ବେକାର ଶିକ୍ଷିତ ? ଆମେରିକାର ପ୍ରସିଦ୍ଧ ଦାର୍ଶନିକ ଖଲିଲ୍ ଜିବ୍ରାନଙ୍କ ମତରେ ଯେଉଁ ଶିକ୍ଷା ଓ ବିଶ୍ୱାସ ସାରାଜୀବନ ଖାଲି କଷଣ ଯୋଗାଏ, ସେହି ଶିକ୍ଷା ଓ ବିଶ୍ୱାସକୁ ଶତ ଧିକ୍ । ବାସ୍ତବିକ୍ ଯଦି ଆମର ଶିକ୍ଷା ବ୍ୟବସ୍ଥା ଶିକ୍ଷିତ ବେକାର ସୃଷ୍ଟି କରୁଛି, ତା'ହେଲେ ସେ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ।

**ଅଧ୍ୟାପକ,ବାଣିଜ୍ୟ ବିଭାଗ,**
**ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,**
**କଟକ**

# ଚୈତ୍ର ପୂର୍ଣ୍ଣିମା ଓ ଘୋଡ଼ାନାଚ

**ଡକ୍ଟର ତପନ କୁମାର ପାଳ**

ଆଧ୍ୟାତ୍ମିକ ଭାବନାରେ ଚୈତ୍ର ଶବ୍ଦର ଅର୍ଥ ହେଉଛି ଦେବାଳୟ ଏବଂ ଯଜ୍ଞଭୂମି । ଭାରତ ବର୍ଷ ହେଉଛି ଆର୍ଯ୍ୟ ସନାତନ ସଂସ୍କୃତିରେ ବିଶ୍ୱାସ ରଖିଥିବା ଦେବାଳୟ କ୍ଷେତ୍ର ଏବଂ ପବିତ୍ର ଯଜ୍ଞଭୂମି । ଚୈତ୍ରମାସଟି ହେଉଛି ବସନ୍ତ ଋତୁର ଶେଷ ମାସ । ସୌରଜଗତରେ ନଅଟି ଗ୍ରହ ଓ ତେଇଶଟି ନକ୍ଷତ୍ର ରହିଛି । ତାହା ଭିତରୁ ଚନ୍ଦ୍ର ଗୋଟିଏ । ଯେଉଁ ପୂର୍ଣ୍ଣମୀଦିନ ଚନ୍ଦ୍ର ଚିତ୍ରା ନକ୍ଷତ୍ରଯୁକ୍ତ ହୁଅନ୍ତି ସେହି ପୂର୍ଣ୍ଣମାକୁ ହିଁ ଚୈତ୍ରପୂର୍ଣ୍ଣମା କୁହାଯାଏ ।

ସେହିପରି ପୌରାଣିକ କାହାଣୀକୁ ଦେଖିଲେ ଜଣାଯାଏ ବୁଧଙ୍କ ଔରସରେ ଚିତ୍ରା ନକ୍ଷତ୍ରଗର୍ଭରୁ ଉତ୍ପନ୍ନ ପୌରାଣିକ ସପ୍ତଦୀପର ଅଧିଶ୍ୱର ରାଜବିଶେଷ ଓ ଚୈତ୍ର ନାମକ ରାଜବଂଶର ପ୍ରବର୍ତ୍ତକ । ଓଡ଼ିଶାର କୈବର୍ତ୍ତ ବା କେଉଟମାନଙ୍କ ଶ୍ରେଷ୍ଠ ପର୍ବ ହେଉଛି ଚଇତି ପୂନେଇଁ । ଚଇତ ପୂନେଇଁକୁ ସଂସ୍କୃତ ଭାଷାରେ ଚୈତ୍ର ପୂର୍ଣ୍ଣିମା କୁହାଯାଏ । କୈବର୍ତ୍ତମାନେ ଏହି ପର୍ବରେ ଅଶ୍ୱମୁଖୀ ବାସୁଳୀଙ୍କର ପୂଜା କରନ୍ତି । ପୂର୍ଣ୍ଣିମା ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ବୁଲି ଘୋଡ଼ାନାଚ ପ୍ରଦର୍ଶନ କରିଥାନ୍ତି । ଏହି ଚୈତ୍ରପୂର୍ଣ୍ଣିମାର ପୌରାଣିକ କଥାବସ୍ତୁ ମଧ୍ୟ ରହିଛି ତ୍ରେତୟା ଯୁଗରେ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟପାଳନ କରି ଚଉଦ ବର୍ଷ ବନଗମନ ବେଳେ ସରଜୁ ନଦୀରେ ତାଙ୍କୁ ଜଣେ କୈବର୍ତ୍ତ ନଦୀ ପାର କରାଇଥିଲେ ଯାହାଙ୍କ ନାମ ଥିଲା ଦାଶରାଜା । ତାଙ୍କ ଭକ୍ତିରେ ପ୍ରୀତ ହୋଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଗୋଟିଏ ଘୋଟକ ପୁରସ୍କାର ଭାବେ ଦେଇଥିଲେ । ସେହି ପବିତ୍ର କୃପା ଆଶୀର୍ବାଦକୁ ସ୍ମରଣ ପୂର୍ବକ କୈବର୍ତ୍ତମାନେ ଏହି ଦିବସରେ ଘୋଡ଼ାର ମୂର୍ତ୍ତି ନିର୍ମାଣ କରି ପୂଜା କରନ୍ତି । ଏକ ପୁରାଣ ବହି 'କୈବର୍ତ୍ତ୍ୟ ଗୀତା'ରେ ଉଲ୍ଲେଖ ଅଛି ଯେ ସୃଷ୍ଟି ପ୍ରଳୟ ସମୟରେ ଭଗବାନ ଏକ ବଟପୁଟ୍ଟରେ ଶୟନରତ ମୁଦ୍ରା ବେଳେ ଜଳର ଲହରୀରେ ଉକ୍ତ ବଟପୁଟ ଦୋହଲିବାରୁ ଭଗବାନ ସ୍ୱୟଂ ନିଜ କର୍ଣ୍ଣମୂଳର ମଳିରୁ ଏକ ପୁରୁଷ ସୃଷ୍ଟି କରିଥିଲେ । ଏହି ପୁରୁଷଟି ତାଙ୍କ କର୍ଣ୍ଣମୂଳସ୍ଥ ମଳିରୁ ଜାତ ହୋଇଥିବାରୁ ସେ କୈବର୍ତ୍ତ ଭାବରେ କଥିତ ହେଲେ । ଏ ନେଇ 'କୈବର୍ତ୍ତ୍ୟ ଗୀତା'ରେ ଲେଖାଅଛି – 'ହେଇ କିରୀଟୀ ଶୁଣିବା ଶ୍ରୀପତି, ସକଳ ଦିଅ ହେଜାଇ। କର୍ଣ୍ଣ ଧାର କଇବର୍ତ୍ତର ଜନମ, ଶ୍ରୀମୁଖରେ ଦେବା କହି । ପ୍ରଳୟ ଜଳରେ ସେ କର୍ଣ୍ଣ ଧାରକୁ, କର୍ଣ୍ଣମୂଳୁ ଜାତ କଲୁ । ତାହାଙ୍କୁ ନୃପତି କରିବ ବୋଲିଣ, ଶ୍ରୀମୁଖରେ ଆଜ୍ଞା ଦେଲୁ ।'

ଚୈତ୍ର ପୂର୍ଣ୍ଣିମା ଦିନ କୈବର୍ତ୍ତମାନେ ନିଜ ଘରଦ୍ୱାରା ସଫା କରି ଲିପାପୋଛା ପୂର୍ବକ ପବିତ୍ର କରିଥାନ୍ତି, ଚିତା ଆଙ୍କିଥାନ୍ତି । ତାଙ୍କ ବୋଇତକୁ ଧୋଇ ଫୁଲ, ଚନ୍ଦନ, ସିନ୍ଦୂର ଓ ନୈବେଦ୍ୟ ସମର୍ପଣ କରିଥାନ୍ତି । ବିଶ୍ୱକର୍ମାଙ୍କୁ ମଧ୍ୟ ଏହି ଦିନ କୈବର୍ତ୍ତମାନେ ପୂଜା କରିଥାନ୍ତି । ସେମାନେ ତାଙ୍କ ବନ୍ଧୁବାନ୍ଧବଙ୍କୁ ଡାକି ନୂତନ ବସ୍ତ୍ର ପ୍ରଦାନ ମଧ୍ୟ କରିଥାନ୍ତି । ଅଶ୍ୱମୁଖୀ ବାସୁଳୀଙ୍କର ପୂଜା ଏହି ଚୈତ୍ର ପୂର୍ଣ୍ଣିମାରେ ହୋଇଥାଏ । ଓଡ଼ିଶାର ବିଶେଷକରି ଉପକୂଳ ଅଞ୍ଚଳରେ କୈବର୍ତ୍ତମାନଙ୍କ ବସ୍ତୀରେ ଚଇତି ଘୋଡ଼ାନାଚ ଆନନ୍ଦ ସମାରୋହରେ ଅନୁଷ୍ଠିତ ହୁଏ । କେତେକ ସ୍ଥାନରେ ଗ୍ରାମରେ ଏକତ୍ର ହୋଇ କୈବର୍ତ୍ତମାନେ ଏକ ବାଉଁଶ ବୁଦାମୂଳକୁ ସଫାକରି ସେହି ଗଛମୂଳେ ପଣା ଓ ଫୁଲ ସମର୍ପଣ କରି ପୂଜା କରନ୍ତି । ଚୈତ୍ର ପୂର୍ଣ୍ଣିମା ଦିନ କୈବର୍ତ୍ତମାନେ ତାଙ୍କ ସଜ ବସିବା ଘରକୁ ଲିପାପୋଛା କରି ଚିତା ପକାନ୍ତି । ଯେଉଁମାନଙ୍କର ଜାଲ ଥାଏ ତାକୁ ଥୋଇ ମଧ୍ୟ ପୂଜା କରନ୍ତି । ଓଡ଼ିଶାର ଲୋକକାହାଣୀ ଉପରେ ଗବେଷଣାକରି ପୁସ୍ତକ ଲେଖିଥିବା ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଓଡ଼ିଶା ଲୋକଗୀତ ଓ କାହାଣୀରେ ଲେଖାଅଛି – 'ଜାଲିଆ, ନାଉରୀ, ଚୁଡାକୁଟା ପ୍ରଭୃତି ହେଉଛନ୍ତି ନିଆଳି କୈବର୍ତ୍ତ । ଏହି ନିଆଳି କୈବର୍ତ୍ତ, କୁଳାଚାର ଭ୍ରଷ୍ଟା ଶିଉଳି ଧୀବର ଓ ସାହୁ ଗୁଡ଼ିଆମାନେ ହେଉଛନ୍ତି ଦାସ ରାଜାଙ୍କର ବଂଶଧର । ଏମାନଙ୍କ ମଧ୍ୟରେ ସାହୁ ଗୁଡ଼ିଆଙ୍କ ଛଡ଼ା ଅନ୍ୟମାନେ ଯୁଗ, ଯୁଗ ଧରି ବାଶୁଳୀ ମୁଣ୍ଡ ପୂଜାକରି ଆସୁଛନ୍ତି ।'

କେତେକ କୈବର୍ତ୍ତ ଢିଙ୍କିରେ ଚୁଡ଼ା କୁଟିଥାନ୍ତି ଏହା କୈବର୍ତ୍ତ ସମାଜର ମୁଖ୍ୟ ସମ୍ବଳ । ଏହି ଢ଼ିଙ୍କିରେ ଲକ୍ଷ୍ମୀ, ବାଶେଳୀ ଓ ସ୍ୱୟଂ ବିଶ୍ୱକର୍ମା ବିଦ୍ୟମାନ । ତେଣୁ କେତେକ କୈବର୍ତ୍ତମାନେ ଢ଼ିଙ୍କି ପୂଜା କରିଥାନ୍ତି । ଚୈତ୍ରମାସରେ ଗ୍ରାମେ ଗ୍ରାମେ ମା'ମଙ୍ଗଳାଙ୍କୁ ପୂଜା କରାଯାଇଥାଏ । କୈବର୍ତ୍ତ ଗୀତାରେ ଅଚ୍ୟୁତାନନ୍ଦ ଦାସ ଉଲ୍ଲେଖ କରିଛନ୍ତି 'ବାଶେଳୀ ହେଉଛନ୍ତି ମହାମାୟୀ ଅଷ୍ଟଭୂଜା ଚଣ୍ଡିକା ଓ ମଙ୍ଗଳା ।' ଚୈତ୍ର ପୂର୍ଣ୍ଣିମାର ଘୋଡ଼ାନାଚ କେବଳ କୈବର୍ତ୍ତ କାହିଁକି ସବୁଧର୍ମର ସବୁ ବିଚାର ଆଦର୍ଶର ଦର୍ଶକଙ୍କୁ ଆନନ୍ଦ ଦେଇଥାଏ । କାରଣ ଘୋଡ଼ାକୁ ନଚାଇବା ବେଳେ ଦୁଇଜଣ କୈବର୍ତ୍ତ ସ୍ୱାମୀ–ସ୍ତ୍ରୀ, ରାଉତ–ରାଉତାଣୀ ବେଶରେ ବିଭିନ୍ନ ମଜାଦାର ଅଙ୍ଗଭଙ୍ଗୀ କରି କୈବର୍ତ୍ତ ପୁରାଣର କଥାବସ୍ତୁ ଦ୍ୱାରା ଗାଉଁଲୀ କବିମାନେ ଯେଉଁ ଉପଦେଶାବଳୀଧର୍ମୀ ଗୀତ ରଚନା କରିଥାନ୍ତି ତାହା ଅତ୍ୟନ୍ତ ଆନନ୍ଦଦାୟକ ଓ ପ୍ରେରଣାଦାୟକ ମଧ୍ୟ । ଯଥା – 'ଘୋଡ଼ା ମୁଣ୍ଡେ ଦେଲି ସିନ୍ଦୂର କଜଳ, ସିପାହୀ ମୁଣ୍ଡେ ଚନ୍ଦନ । ସତେ ହୋଇଥିବୁ ସିଦ୍ଧ ବାଶୁଳେଇ ଘୋଡ଼ା ମୁଣ୍ଡେ ପରଶନ ।' ଆଉ ଗୋଟିଏ ଘୋଡ଼ା ନାଚର ଗୀତ ହେଉଛି – 'ଧୋବ ଧୋବାଲିଆ ବାଉଁଶ ଫାଳିଆ, କାଠରେ ହୋଇଛି ଘୋଡ଼ା । ତା' ଉପରେ ବସିଛି କୈବର୍ତ୍ତ ରାଜା ବାଶେଳୀ ପାଉଛି ପୂଜା ।' ଏହି ଘୋଡ଼ା ନାଚ ବେଳେ କିମ୍ବଦନ୍ତୀର କଥାନୁଯାୟୀ ନଦୀ ପାର ବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର କୈବର୍ତ୍ତଙ୍କୁ ଏକ ରାମତାଳି ଉପହାର ଦେଇଥିବାରୁ ଘୋଡ଼ାନାଚ ବେଳେ ରାଉତ ଭାବେ ପରିଚିତ କୈବର୍ତ୍ତ ଏହାକୁ ବଜାଇଥାଏ । ଓଡ଼ିଶାର ଉପକୂଳ ସମେତ ଅଧିକାଂଶ ସ୍ଥାନରେ କୈବର୍ତ୍ତମାନଙ୍କର ଚୈତ୍ର ପୂର୍ଣ୍ଣିମା ଆଠଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । କୈବର୍ତ୍ତମାନଙ୍କର ଇଷ୍ଟଦେବୀ ବାଶେଳୀ ହୋଇଥିବାରୁ ଚୈତ୍ରପୂର୍ଣ୍ଣିମା ଦିନ ପୁରୀର ବାଶୁଳୀ ସାହିରେ ଘୋଡ଼ାମୁହିଁ ବାଶୁଳୀକୁ ସେମାନେ ପୂଜା କରିଥାନ୍ତି । ଚୈତ୍ରପୂର୍ଣ୍ଣିମା ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନରେ ଏକ ସ୍ମରଣୀୟ ଦିନ ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ**
**କଲୋନୀ, ଦେଉଳ ସାହି, ତୁଳସୀପୁର,**
**କଟକ, ମୋ–୯୯୩୭୬୫୮୩୬୨**

# ଭଗବାନ ସର୍ବତ୍ର ବିଦ୍ୟମାନ

କୁହାଯାଏ ଯାହାର ଭଗବାନଙ୍କ ପ୍ରତି ଅଟଳ ଶ୍ରଦ୍ଧା ଭକ୍ତି ଓ ବିଶ୍ୱାସ ଥିବ ତଥା ମନ ନିର୍ମଳ ହୋଇଥିବ ତେବେ ଭକ୍ତର ହୃଦୟରେ ସ୍ୱୟଂ ଭଗବାନ ବିରାଜମାନ କରନ୍ତି । ସେ ବିଭିନ୍ନ ରୂପରେ ଭକ୍ତଙ୍କୁ ତୃପ୍ତ କରିଥାନ୍ତି । ଈଶ୍ୱର ହେଉଛନ୍ତି ସର୍ବବ୍ୟାପୀ, ନିର୍ଗୁଣ, ନିରାକାର । କିନ୍ତୁ ଭକ୍ତର ପ୍ରେମ ଭକ୍ତି ଦେଖି କେଉଁଠି ବି ପ୍ରକଟ ହୋଇ ପାରନ୍ତି । ସେ ହେଉଛନ୍ତି ସର୍ବଜ୍ଞ । ଆମର ଦୋଷ,ଗୁଣ,ଭଲ ମନ୍ଦ ସବୁ କର୍ମକୁ ଜାଣନ୍ତି । ତାଙ୍କୁ ପ୍ରେମ ଭକ୍ତି ମାଧ୍ୟମରେ ହିଁ ପ୍ରସନ୍ନ କରାଯାଇପାରେ । ଦେବଭୂମି ଭାରତ ବର୍ଷରେ ଏପରି ଅନେକ ସାଧୁ ସନ୍ଥ ନିଜର ଏହି ଭକ୍ତି ମଧ୍ୟମରେ ଭଗବାନଙ୍କୁ ନିଜର ପ୍ରକୃତ ସ୍ୱରୂପ ଦେଖାଇବା ପାଇଁ ବାଧ୍ୟ କରି ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଥିଲେ ମହାନ୍ ସନ୍ଥ ନାମଦେବ । ତାଙ୍କର ନିଷ୍କପଟତା,ପବିତ୍ରତା ଓ ପ୍ରେମ ଭକ୍ତି କାରଣରୁ ସ୍ୱୟଂ ନାରାୟଣ ତାଙ୍କୁ ସାକାର ସଗୁଣ ରୂପରେ ଦର୍ଶନ ଦେବାକୁ ବାଧ୍ୟ ହୋଇଥିଲେ । ଏକଦା ନାମଦେବ ନିଜ ଘରେ ରୁଟି ତିଆରି କରୁଥିଲେ । ସେହି ସମୟରେ ହଠାତ୍ ଏକ କୁକୁର ଘର ଭିତରକୁ ପଶି ଆସିଲା ଓ ସେ ରଖିଥିବା ରୁଟି ଖଣ୍ଡକ ଧରି ସେଠାରୁ ଦୌଡ଼ି ପଳେଇ ଗଲା । ଏହା ଦେଖି ନାମଦେବ ହାତରେ ଘିଅର ଗିନା ଧରି ତା ପଛେ ପଛେ ଧାଇଁବାକୁ ଲାଗିଲେ । ଦୌଡ଼ି ଦୌଡ଼ି ପ୍ରେମ ଭକ୍ତିରେ ବିଭୋର ହୋଇ କହୁଥିଲେ,ହେ ମୋର ପ୍ରଭୁ,ହେ ମୋର ପାଣ୍ଡୁ ରଙ୍ଗ ! ଆପଣ ଯେଉଁ ରୁଟିଟି ନେଇଛନ୍ତି,ସେଥିରେ ମୁଁ ଏ ପର୍ଯ୍ୟନ୍ତ ଘିଅ ଲଗାଇ ନାହିଁ । ଦୟାକରି ଟିକିଏ ରହି ଯାନ୍ତୁ । ମୋତେ କୃପା କରି, ଘିଅ ଲଗାଇବାକୁ ସୁଯୋଗ ତ ଟିକିଏ ଦିଅନ୍ତୁ। ସନ୍ଥ ନାମଦେବ ଭଗବତ ପ୍ରେମରେ ଏତେ ଭାବ ବିହ୍ୱଳ ହୋଇ ଯାଇଥିଲେ ଯେ ଦୌଡୁଥିବା କୁକୁର ମଧ୍ୟରେ ତାଙ୍କର ଆରାଧ୍ୟ ପ୍ରଭୁ ପାଣ୍ଡୁରଙ୍ଗା ଅର୍ଥାତ୍ ଭଗବାନ ବିଷ୍ଣୁ ଦେଖା ଗଲେ । କୁହାଯାଏ ସନ୍ଥ ନାମଦେବଙ୍କ ପରମ ଭକ୍ତି ଦେଖି ସ୍ୱୟଂ ଭଗବାନ କୁକୁର ରୂପ ତ୍ୟାଗ କରି ନିଜର ବାସ୍ତବିକ ସ୍ୱରୂପକୁ ଧାରଣ କଲେ ଏବଂ ହାତରେ ଶଙ୍ଖ,ଚକ୍ର, ଗଦା ଆଦି ଧାରଣ କରି ଚତୁର୍ଭୁଜ ରୂପରେ ତାଙ୍କୁ ଦର୍ଶନ ଦେଲେ ।

**ପ୍ରଭାତ କୁମାର ମହାପାତ୍ର, କୋରାପୁଟ**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱର...

ଅଧିକ ରହିଛି । ଭୁବନେଶ୍ୱର ସମେତ କେନ୍ଦ୍ରାପଡ଼ା, ଜଗତସିଂହପୁର, ପାରଳାଖେମୁଣ୍ଡି, ବାରିପଦା, ନୂଆପଡ଼ାରେ ତାପମାତ୍ରା ୪୧° ଉପରେ ରହିଛି । ଭୁବନେଶ୍ୱରରେ ଆଜି ୪୩.୮° ରେକର୍ଡ ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୪୨.୯°, ବାରିପଦାରେ ୪୨.୬°, ନୂଆପଡ଼ାରେ ୪୨.୪°, କେନ୍ଦ୍ରାପଡ଼ାରେ ୪୧.୮°, ଜଗତସିଂହପୁରରେ ୪୧.୬°, ଭଦ୍ରକରେ ୪୧° ଓ ଯାଜପୁରରେ ୪୧° ତାପମାତ୍ରା ରେକର୍ଡ଼ ହୋଇଛି ।

ଭୁବନେଶ୍ୱରରେ ଦୁଇଦିନ ହେବ ତାପମାତ୍ରା ସାମାନ୍ୟ କମିଥିବାବେଳେ ସୋମବାର ହଠାତ୍ ବଢ଼ିଯାଇଛି । ଏଠାରେ ତାପମାତ୍ରା ୪୩.୮° ବୃଦ୍ଧିପାଇବା ଯୋଗୁଁ ଦିନତମାମ ଝାଞ୍ଜିମାଡ଼ରେ ସହରବାସୀ ଅତିଷ୍ଠ ହୋଇପଡ଼ିଛନ୍ତି । ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଗରମ ପବନ ପ୍ରବାହିତ ହେଉଥିଲା । ଉପକୂଳରେ ଆଣ୍ଟିସାଇକ୍ଲୋନ୍ ପ୍ରଭାବ ଯୋଗୁ ତାପମାତ୍ରା ବୃଦ୍ଧି ପାଇଛି । ସମୁଦ୍ରଆଡୁ ପବନ ନଆସିବା ଓ ଶୁଷ୍କ ପବନ ପ୍ରଭାବିତ ହେବା ଫଳରେ ତାପମାତ୍ରା ମାତ୍ରାଧିକ ବୃଦ୍ଧି ପାଇଛି ।

ଆସନ୍ତାକାଲି (ମଙ୍ଗଳବାର) ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାରେ ଗ୍ରୀଷ୍ମଲହରୀ ପ୍ରଭାବିତ ହୋଇପାରେ । କେତେକ ସ୍ଥାନରେ ତାପମାତ୍ରା ବଢ଼ିବା ସହ ଆର୍ଦ୍ରତା ଯୋଗୁ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ଅଛି । ଏହାସହ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ହୋଇପାରେ ।

## ଏପ୍ରିଲ...

ବିଧାନସଭା ନିର୍ବାଚନମଣ୍ଡଳିରେ ଭୋଟ୍ ହେବାକୁ ଯାଉଛି । ନବୀନ ପଟ୍ଟନାୟକ ମଧ୍ୟ ଗତଥର ଭଳି ଏକ ସ୍ୱତନ୍ତ୍ର ବସ୍‌ରେ ସାରା ରାଜ୍ୟ ବୁଲି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ମାଗିବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ବିଜେପି ପର୍ଯ୍ୟାୟକ୍ରମେ ନରେନ୍ଦ୍ର ମୋଦି, ଜେପି ନଡ୍ଡା, ରାଜନାଥ ସିଂ, ଆଦିତ୍ୟନାଥ ଯୋଗୀ, ହିମନ୍ତ ବିଶ୍ୱଶର୍ମା ପ୍ରଚାର ଲାଗି ଓଡ଼ିଶା ଆଣିପାରେ । ସେହିଭଳି ୨୮ ତାରିଖରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ରାହୁଲ ଗାନ୍ଧି ପ୍ରଚାରକୁ ଆସିବେ । କଟକ ଜିଲ୍ଲାର ସାଲେପୁରରେ ସେ ତାଙ୍କର ପ୍ରଥମ ନିର୍ବାଚନୀ ସଭା କରିବେ । ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଏହି ସୂଚନା ଦେଇଛନ୍ତି । ସେହିଭଳି ପ୍ରିୟଙ୍କା ଗାନ୍ଧି ଓ ମଲ୍ଲିକାର୍ଜୁନେ ଖଡ଼୍‌ଗେ ମଧ୍ୟ ଓଡ଼ିଶାକୁ ପ୍ରଚାର କରିବାକୁ ଆସିପାରନ୍ତି ।

## ଆଉ ୬...

ବେହେରାଙ୍କ ଉପରେ ଦଳ ଆଉଥରେ ଭରଷା କରିଛି । ବାଙ୍ଗିରିପୋଷୀରେ ସୁଦାମ ମାରାଣ୍ଡିଙ୍କ ପତ୍ନୀ ରଞ୍ଜିତା ମାରାଣ୍ଡିଙ୍କୁ ଦଳ ପ୍ରାର୍ଥୀ କରିଛି । ଏହି ୬ ପ୍ରାର୍ଥୀଙ୍କୁ ମିଶାଇ ବିଜେଡି ସମୁଦାୟ ୧୪୧ ବିଧାନସଭା ଆସନରୁ ୧୪୧ ଜଣଙ୍କୁ ପ୍ରାର୍ଥୀ କରିସାରିଛି । ଆଉ ୬ ଆସନ ବାକି ରହିଛି । ତେବେ ମହିଳାମାନଙ୍କୁ ଦଳ ଗୁରୁତ୍ୱ ଦେଇଛି । ୧୪୧ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ ୩୪ ମହିଳା ପ୍ରାର୍ଥୀ ଅଛନ୍ତି । ଲୋକସଭା ପ୍ରାର୍ଥୀ ଚୟନରେ ମଧ୍ୟ ବିଜେଡି ୨୧ ଆସନ ମଧ୍ୟରୁ ୭ ମହିଳା ପ୍ରାର୍ଥୀଙ୍କୁ ଦେଇଛି । ଯଦିଓ ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ ହୋଇନାହିଁ ତେବେ ବିଜେଡି ୩୩% ମହିଳାଙ୍କୁ ପ୍ରାର୍ଥୀ କରିବା ଲାଗି ପ୍ରୟାସ ଆରମ୍ଭ କରିଛି । ଲୋକସଭା ପରେ ବିଧାନସଭାରେ ମଧ୍ୟ ଏହି ଆଭିମୁଖ୍ୟ ଦଳ ରଖିଛି ।

## ମାଓବାଦୀଙ୍କ...

ଟାର୍ଗେଟ କରିବା ପାଇଁ ଜଂଗଲରେ ବିଭିନ୍ନ ପ୍ରକାର ମୃତ୍ୟୁର ଯନ୍ତା ତିଆରି କରିଛନ୍ତି। ତେବେ ଏହି ଯନ୍ତାରେ ଗ୍ରାମବାସୀ ଫସି ମୃତ୍ୟୁବରଣ କରୁଛନ୍ତି। ବିଜାପୁର ଏସପି ଜିତେନ୍ଦ୍ର ଯାଦବ ଏହି ଘଟଣାର ସ୍ପଷ୍ଟୀକରଣ ଦେଇଛନ୍ତି। ମାଓବାଦୀ ଏଭଳି ନିରୀହ ଲୋକଙ୍କୁ ମାରୁଥିବା ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି ।

## ମୋଦିଙ୍କ...

ପ୍ରଧାନମନ୍ତ୍ରୀ କହିଥିଲେ ଯେ କଂଗ୍ରେସ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିଲେ ଦେଶର ସମ୍ପତ୍ତି ଉପରେ ମୁସ୍‌ଲିମ୍‌ଙ୍କର ପ୍ରଥମ ଅଧିକାର ରହିବ । ଏହାର ଅର୍ଥ ହେଉଛି ଆପଣମାନଙ୍କର ସମ୍ପତ୍ତିକୁ ଯାହା ଆପଣ ଆପଣଙ୍କ ପିଲାଙ୍କ ପାଇଁ ରଖିଛନ୍ତି ତାହା ଅନୁପ୍ରବେଶକାରୀଙ୍କୁ ପ୍ରଦାନ କରାଯିବ । ଏହା କ'ଣ ଆପଣମାନେ ଗ୍ରହଣ କରିବେ କି ବୋଲି ପ୍ରଶ୍ନ କରିଥିଲେ । ଏହି ନାଗରିକ ଗୋଷ୍ଠୀ ଉଲ୍ଲେଖ କରିଛନ୍ତି ଯେ ଭୋଟ୍ ଲାଗି ମୁସ୍‌ଲିମ୍‌ଙ୍କ ବିରୋଧରେ ଯେଉଁ ମନ୍ତବ୍ୟ ଦିଆଯାଇଛି ଏହା ଭାରତ ଭଳି ଦେଶରେ ଅତ୍ୟନ୍ତ ଗୁରୁତର । ଭାରତ ହେଉଛି ସମଗ୍ର ବିଶ୍ୱରେ ଗଣତନ୍ତ୍ରର ଜନନୀ । ନିର୍ବାଚନ କମିଶନ ଏଭଳି ଘୃଣିତ ମନ୍ତବ୍ୟ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛନ୍ତି । ଏଭଳି ଅନେକ ମନ୍ତବ୍ୟ ରହିଛି ଯାହା ମଧ୍ୟ ଅଭିଯୋଗ ହେବାପରେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ମୋଦି ରବିବାର କହିଥିଲେ ଯେ ୨୦୦୬ ଡିସେମ୍ବର ୯ରେ ଜାତୀୟ ବିକାଶ ପରିଷଦ ବୈଠକରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନ୍‌ମୋହନ ସିଂ କହିଥିଲେ ଯେ ଦେଶର ପ୍ରାଥମିକତା ହେଉଛି ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ଓ ମହିଳା ଏବଂ ଶିଶୁଙ୍କର ବିକାଶ । ସଂଖ୍ୟାଲଘୁଙ୍କ ପାଇଁ ଆମର ବି ପଦକ୍ଷେପ ନେବା ଆବଶ୍ୟକ । ବିଜେପି ପକ୍ଷରୁ ମଧ୍ୟ ସୋସିଆଲ ମିଡିଆରେ ଶ୍ରୀ ସିଂଙ୍କ ଏହି ମନ୍ତବ୍ୟକୁ ଭାଇରାଲ କରାଯାଉଛି । କଂଗ୍ରେସ ପକ୍ଷରୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆହ୍ୱାନ ଦିଆଯାଇଛି । କଂଗ୍ରେସର ଇସ୍ତାହାରରେ ଯଦି ଗୋଟିଏ ପାରା ମୁସ୍‌ଲିମ୍ ସମ୍ପ୍ରଦାୟ ମଧ୍ୟରେ ସମ୍ପତ୍ତି ବାଣ୍ଟିବା କଥା ଉଲ୍ଲେଖ କରାଯାଇଛି ତାହା ଦେଖାନ୍ତୁ ।

# ମେ ୫ରେ ଇନ୍‌ସ୍ପାୟାର ଅପ୍ ବୃତ୍ତି ପରୀକ୍ଷା

ଭୁବନେଶ୍ୱର (ସବ୍ୟୁ) : ଭାରତ ଓ ଆମେରିକାରେ ସକ୍ରିୟ ଥିବା ସ୍ୱେଚ୍ଛାସେବୀ ସଂସ୍ଥା 'ଇନ୍‌ସ୍ପାୟାର ଅପ୍' ପକ୍ଷରୁ ସିଗ୍‌ମା ଏକାଡେମୀ ସହଯୋଗରେ ପ୍ରତିବର୍ଷ ଗରିବ ମଧାବୀ ବା ବିପିଏଲ୍ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ବିନା ଦେୟରେ ଜେଇଇ/ନିଟ୍ କୋଚିଂ ପ୍ରଦାନ କରାଯାଇଆସୁଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କୋଚିଂ ପାଇଁ ଛାତ୍ରଛାତ୍ରୀଙ୍କୁ ଚୟନ କରିବାକୁ ଆସନ୍ତା ମେ' ୫ ତାରିଖରେ ମଧ୍ୟାହ୍ନ ୧୨ଟାରେ ଭୁବନେଶ୍ୱର ଇନ୍‌ଫୋସିଟି ସ୍ଥିତ ସିଗ୍‌ମା ଏକାଡେମୀରେ ଏକ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବ । ଏଥିପାଇଁ inspireupngo@gmail.comକୁ ଆବେଦନ କରିପାରିବେ । ଚୟନ ହେଉଥିବା ଛାତ୍ରଛାତ୍ରୀଙ୍କୁ ବିନା ଦେୟରେ କୋଚିଂ ପ୍ରଦାନ ସହିତ ଉଚ୍ଚତର ଶିକ୍ଷା ପାଇଁ ସହାୟତା ମଧ୍ୟ ଦିଆଯାଉଛି । ଅଧିକ ସୂଚନା ପାଇଁ ଛାତ୍ରଛାତ୍ରୀମାନେ ୮୨୮୦୨୪୧୮୩୩ ମୋବାଇଲ୍ ଫୋନ୍ ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ ନଚେତ୍ ସିଧାସଳଖ ପରୀକ୍ଷା କେନ୍ଦ୍ରରେ ବି ପହଞ୍ଚି ପରୀକ୍ଷା ଦେଇପାରିବେ ।

# ଯାତାୟତ ପାଇଁ ମରାମତି ହେଲା କେନାଲ ବନ୍ଧ ରାସ୍ତା

ବନ୍ତ,(ସବ୍ୟୁ):କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକ ମାନଙ୍କର ବିକାଶ ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଚାଷ ଜମିକୁ ଜଳସେଚିତ କରିବା ପାଇଁ କେନାଲର ବ୍ୟବସ୍ଥା କରିଥିବା ବେଳେ ଚାଷୀ ମାନଙ୍କ ଯାତାୟତ ପାଇଁ କେନାଲ ବନ୍ଧ ରାସ୍ତାକୁ ପିଚୁ ଓ ମେଟାଲ, ମୋରମ କରୁଛନ୍ତି । ସେହିଭଳି ଶାଳନିଆଁ ଜଳସେଚନ ଉପଖଣ୍ଡ ତଥା ବନ୍ତସ୍ଥିତ ଜଳସେଚନ କାର୍ଯ୍ୟାଳୟ ସେକ୍ସନ-୩ ଅଧିନରେ ଥିବା ଡାଳିମ୍ବଗଡିଆ ଡିଷ୍ଟ୍ରିବ୍ୟୁଟର କେନାଲ ବନ୍ଧ ରାସ୍ତାକୁ ରାଜ୍ୟ ସରକାର ଯାତାୟତ ଉପଯୋଗୀ କରିଥିବା ଦେଖିବାକୁ ମିଳିଛି । ଫଳରେ ଏହି କେନାଲ ବନ୍ଧ ରାସ୍ତା ଦେଇ ଶହ ଶହ ଚାଷୀ ଯାତାୟତ କରି ପାରିବେ ବୋଲି ଜଣାଯାଇଛି । ଦୀର୍ଘ ୧୦କିମି ୫ ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଡାଳିମ୍ବଗଡିଆ ଡିଷ୍ଟ୍ରିବ୍ୟୁଟର କେନାଲ ଗତ ୩୮ ବର୍ଷ ତଳେ ନିର୍ମାଣ ହୋଇଥିଲା । ଗତ ୧୨ ବର୍ଷ ତଳେ ଚାଷୀ ମାନଙ୍କ ଯାତାୟତ ପାଇଁ ୩ କିମି କେନାଲ ବନ୍ଧକୁ ପିଚୁ ରାସ୍ତା କରାଯାଇଥିଲା । ଫଳରେ ଏହି ରାସ୍ତା ଦେଇ ଘରପଦା, ଦୋଳପଦୀ ସମେତ ବହୁ ଗ୍ରାମର ଲୋକ ମାନେ ସୁବିଧାରେ ଯାତାୟତ କରିଆସୁଛନ୍ତି । ଅବିଶିଷ୍ଟ ୭କିମି କେନାଲ ବନ୍ଧ ରାସ୍ତା ଦୀର୍ଘ ଦିନ ଧରି ଯାତାୟତ ଅନୁପଯୋଗୀ ହୋଇ ରହିଥିଲା । ଫଳରେ ଚାଷୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏପରିପେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୧ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଅବଶିଷ୍ଟ ୭ କିମି ରାସ୍ତା ମଧ୍ୟରୁ ୩ କିମି କେନାଲ ବନ୍ଧ ରାସ୍ତାକୁ ମେଟାଲ, ମୋରମ କରାଯିବା ସହ ଜଳ ନିଷ୍କାସନ ପାଇଁ ଆଉଟ ଲେଟ୍ ଓ ପ୍ରୋଟେକସନ ୱାଲ ନିର୍ମାଣ କରାଯାଉଛି । ଫଳରେ ଚାଷୀ ମାନେ ସୁବିଧାରେ ଯାତାୟତ କରିବା ସହିତ ଚାଷ ଜମି ଗୁଡିକ ସଠିକ୍ ଭାବେ ଜଳସେଚିତ ହୋଇପାରିବ ବୋଲି ଜଣାଯାଇଛି ।

### ଆଖଣ୍ଡଳମଣିପୀଠରେ ପାନୀୟଜଳ ଘୋର ସଙ୍କଟ

# ୪ ୱାର୍ଡରେ ହଜାରେ ଲୋକ ପିଇବା ପାଣି ଲାଗି ଡହଳବିକଳ

ଆରଡି,(ସବ୍ୟୁ)) : ବୈଶାଖମାସରେ ଡହଡହ ଖରାକୁ ଝାଞ୍ଜି ପବନ,ସକାଳ ୯ଟା ହେଲେ ଗ୍ରୀଷ୍ମର ପାରଦ ବଢି ମଧ୍ୟାହ୍ନ ୧୨ଟା ସୁଧା ୪୦ଡିଗ୍ରୀ ଟପୁଛି ଉପକୂଳବର୍ତ୍ତୀ ଅଂଚଳରେ। ତାହା ସାଙ୍ଗକୁ ଉତ୍କଟ ହେବାରେ ଲାଗିଛି ପାନୀୟଜଳ ସମସ୍ୟା। ଏପରି ସମସ୍ୟା ଦେଖାଦେଇଛି ଭଦ୍ରକ ଜିଲାର ଉପକୂଳବର୍ତ୍ତୀ ଅଂଚଳ ବାବା ଆଖଣ୍ଡଳମଣିଙ୍କ ପୀଠରେ। ବିଶେଷକରି ପୀଠର ୪ଟି ୱାର୍ଡରେ ୧ହଜାରରୁ ଉର୍ଦ୍ଧ ଲୋକ ବସବାସ କରନ୍ତି। ସେମାନଙ୍କର ଶୋଷ ମେଣ୍ଟାଇବା ପାଇଁ ପ୍ରତି ୱାର୍ଡରେ ରହିଛି ୧ଟି ରୁ ୨ଟି ନଳକୂପ। ୯ନଂ ୱାର୍ଡରେ ୧ଟି ନଳକୂପ ରହିଥିଲେ ମଧ୍ୟ ତାହା ଦୀର୍ଘ ୩/୪ମାସ ହେବ ଅଚଳ ହୋଇ ପଡିଛି। ସେହିପରି ୧୦ନଂରେ୨ଟି,୧୧ନଂ ରେ୧ଟି ଓ ୧୨ନଂରେ ୨ଟି ନଳକୂପ ରହିଛି। ସେଥିମଧ୍ୟରୁ ୪ଟି ନଳକୂପ ଅଚଳ ହୋଇ ପଡିରହିଥିଲେ ମଧ୍ୟ ଗାଁର ସରପଂଚ କିମ୍ବା ବିଭାଗୀୟ ଅଧିକାରୀ ନଜର ଦେଉନଥିବା ଲୋକମାନେ ଅଭିଯୋଗ ଆଣିଛନ୍ତି। ଏପରି ବାବଦରେ ଅଭିଯୋଗ ଆଣିଲେ ଆମ ପାଖରେ କୌଣସି ଅର୍ଥ ନାହିଁ ନଳକୂପ ସଜାଡିବା ପାଇଁ ତୁମେ ନିଜେ ସଜାଡି ଦିଅ ବୋଲି ଲୋକେ ଅଭିଯୋଗ ଆଣିଛନ୍ତି। ସେହିପରି ପୀଠରେ ୨୪ଘଣ୍ଟିଆ ପିଇବା ପାଣି ଯୋଗାଇ ଦେବା ପାଇଁ ରହିଛି ୨ଟି ମଧୁରଜଳ ପ୍ରକଳ୍ପ ହେଲେ ଉକ୍ତ ପ୍ରକଳ୍ପରୁ ଜଳସ୍ତର କମିଯାଇଥିବାରୁ ତାହା ଲୋକମାନଙ୍କର ଶୋଷ ମେଣ୍ଟାଇବା ତ ଦୂରର କଥା ପାଣି ଟୋପାଏ ଆସୁନାହିଁ। ଫଳରେ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି ସ୍ଥାନୀୟ ଲୋକ ଓ ଆଗନ୍ତୁକ ଶ୍ରଦ୍ଧାଳୁଭକ୍ତ। ଏପରି ସମସ୍ୟା ବାବଦରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବାରୁ ଖୁବଶିଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ। ଏପଟେ ଅବଶିଷ୍ଟ ଯେଉଁଟି ନଳକୂପ ସ୍ୱଚ୍ଛଳ ଅଛି ସେଠାରେ ସକାଳୁ ସଂଞ୍ଜ ଯାଏଁ ପାଣି ପାଇଁ ଲମ୍ବା ଧାଡି ଲାଗୁଛି ଲୋକମାନଙ୍କର। କେଉଁଠି ଘଣ୍ଟାଘଣ୍ଟା ଧରି ନଳକୂପ ଚଳାଇଲେ ଗରାଏ ପାଣି ବାହାରୁଛି ତ ଆଉ କେଉଁଠି ହଳଦୀଆ ଓ ଲୁଣି ପାଣି ବାହାରୁଛି। ଏପରିକି କିଏ ଆଗ ନେବ ଆଉକିଏ ପଛ ନେବ ସେଥିପାଇଁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଝଗଡା ମଧ୍ୟ ଦେଖା ଦେଉଛି। ସେହିପରି ଡହଡହ ଖରାରେ ନଈଯୋର ଓ ପୁଷ୍କରିଣୀ ଶୁଖିଲା ପଡିଥିବାରୁ ଗୃହପାଳିତ ପଶୁ ମଧ୍ୟ ପାଣି ବିନା ଡହଳବିକଳ ହେଉଛନ୍ତି। ବିଶେଷକରି ବାବା ଆଖଣ୍ଡଳମଣିଙ୍କ ପୂଣ୍ୟତୋୟା ଶିବଗଙ୍ଗା ପୁଷ୍କରଣୀର ଉନ୍ନତିକରଣ ନିମନ୍ତେ ଶୁଖା ଯାଇ କାର୍ଯ୍ୟ ଚାଲୁଥିବାରୁ ବାବାଙ୍କ ଜଳାଭିଷେକ ଓ ନୀତିଭୋଗ ରୋଷେଇ ପାଇଁ ମଧ୍ୟ ସମସ୍ୟା ଦେଖା ଦେଉଛି। ଏବେ ବାବାଙ୍କର ଶୀତଳ ଉପଚାର ନୀତି ଚାଲିଥିବାରୁ ପାଣି ବିନା ନୀତିକାନ୍ତିରେ ବହୁ ଅସୁବିଧା ଦେଖା ଦେଉଛି। ସବୁଠାରୁ ବଡକଥା ହେଲା ପ୍ରଶାସନ ପକ୍ଷରୁ ପୀଠରେ ୨୪ଘଣ୍ଟିଆ ପାନୀୟଜଳ ପ୍ରକଳ୍ପ ଚଳାଇବା ପାଇଁ ଏକ ଡିଜି ପଂଚାୟତକୁ ଦେବାର ୩ମାସ ବିତିଯାଇଥିଲେ ମଧ୍ୟ ତାହା ଆଜି ପ୍ରର୍ଯ୍ୟନ୍ତ ଲୋକଙ୍କ ସେବାରେ ଲାଗି ପାରିନାହିଁ। ଏପରି ପାନୀୟଜଳ ସମସ୍ୟାକୁ ନେଇ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି। ରବିବାର ପୀଠରେ ସହସ୍ରାଧିକ ଭକ୍ତଙ୍କ ଭିଡ ଜମିଥିବା ବେଳେ ଦିନତମାମ ପିଇବା ପାଣି ସମସ୍ୟା ଲାଗି ରହିବା ଦ୍ୱାରା ବହୁ ହଟହଟା ହେବାକୁ ପଡିଥିଲା। ଆଗନ୍ତୁକ ଭକ୍ତମାନଙ୍କୁ। କିଏ ପାଣି କିଣି ଶୌଚ ହୋଇଥିଲା ତ ଆଉ କିଏ ୫ଶହ ମିଟର ଦୂରରେ ଥିବା ପୋଖରୀ ଓ ନଳକୂପକୁ ଯାଇ ଶୌଚ ହୋଇଥିଲେ। ଏପରି ପାନୀୟ ଜଳ ସମସ୍ୟାର ତୁରନ୍ତ ପ୍ରତିକାର ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଭଦ୍ରକ ରୟାଲ ପେଲେସରେ ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ ତାଲିମ ଶିବିର

ଭଦ୍ରକ,(ସବ୍ୟୁ):ଭଦ୍ରକ ହଜ ଟ୍ରେନିଂ କମିଟି ଆନୁକୁଲ୍ୟରୁ ଭଦ୍ରକ ପୁରୁଣା ବଜାର ସ୍ଥିତ ରୟାଲ ପେଲେସ ଠାରେ ରବିବାର ଓ ସୋମବାର ୨ଦିନ ଧରି ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ (ଏମ.ଏସ.କେ) ଗ୍ରୁପ ର ହାଜି ଶେଖ ସିରାଜୁଦ୍ଦିନ, ହାଜି ମିର୍ଜା ଇସଲାମ ବେଗ ଓ ହାଜି ସଲିମ ଖାନଙ୍କ ଉପସ୍ଥିତିରେ ଓ ମୌଲାନା ସୈୟଦ ଅବଦୁଲ ମସରୁଦ ହବିବିଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ୩ଜଣ ପ୍ରଶିକ୍ଷକ ସୈୟଦ ଅବଦୁସ୍ ସୁବହୁ, ମୁଫତି ମହମ୍ମଦ କାଶିମ ଓ ମୌଲାନା ଗୋଲାମ ଗୌଷ ହଜ ଯାତ୍ରୀଙ୍କୁ ତାଲିମ ଦେଇଥିଲେ। ଏହି ଶିବିରରେ ଭଦ୍ରକ ଜିଲ୍ଲାରୁ ୩୫ଜଣଙ୍କ ସହିତ ଓଡ଼ିଶାର ୧୨ ଗୋଟି ଜିଲ୍ଲାରୁ ୧୩୦ ରୁ ଉର୍ଦ୍ଧ ହଜ ଯାତ୍ରୀ (ପୁରୁଷ/ମହିଳା) ଯୋଗଦାନ କରିଥିଲେ।

ଓଡ଼ିଶାରୁ ସର୍ବମୋଟ ୫୩୫ ଜଣ ହଜ ଯାତ୍ରୀ ହଜ ତୀର୍ଥରେ ଆସନ୍ତା ମଇ ମାସ ୧୫ରୁ୨୫ ତାରିଖ ଭିତରେ ସାଉଦୀ ଆରବକୁ ବିମାନ ଯୋଗେ ପହଂଚିବେ ଏବଂ ହଜ ତୀର୍ଥରୁ ୪୫ ଦିନ ଭିତରେ ନିଜ ନିଜ ସ୍ଥାନକୁ ଫେରିବେ। ସାଉଦି ଆରବର ମକ୍କା ସରିଫ ଓ ମଦିନା ସରିଫ ପହଂଚିବା ପରେ କେଉଁ କେଉଁ ନିୟମ ପ୍ରୟୋଗ କରିବାକୁ ହେବ, ୭ଥର ତୱାଫ କରିବା ନିୟମ, ୭ଥର ସଫା ଓ ମରୱା ରେ ଚାଲିବା ନିୟମ, ନମାଜ ପଢ଼ିବାର ନିୟମ, ସଇତାନ କୁ ପଥର ମାରିବାର ନିୟମ, କୁରବାନୀ ର ନିୟମ, ମସଜିଦେ ନବୱୀରେ ରୌଜା-ଏ-ରସୁଲ ପ୍ରବେଶର ନିୟମ ଏବଂ ଆହୁରୀ ଅନେକ ନିୟମ କୁ କେଉଁ କେଉଁ ପଦ୍ଧତିରେ ପାଳନ କରା ହେବ ତାହା ଏହି ଶିବିର ରେ ହଜ୍ ଯାତ୍ରୀଙ୍କୁ ପ୍ରଶିକ୍ଷକ ମାନେ ଦୁଇ ଦିନ ଧରି ତାଲିମ ଦେଇଥିଲେ। ହଜ୍ ଯାତ୍ରୀମାନଙ୍କୁ ଏହି ତାଲିମ ନେବା ସମୟରେ ରହଣି ଓ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହି ହଜ୍ ଶିବିର ରେ ହଜ୍ କମିଟିର ସଭାପତି- ହାଜୀ ମହମ୍ମଦ ଫାରୁକ, ଉପ ସଭାପତି- ମିର୍ଜା ଏକ୍ରାମ ବେଗ, ସମ୍ପାଦକ ଅସରଫ ଅଲ୍ଲି ଖାନ, ସହ-ସମ୍ପାଦକ ମିର୍ଜା ମୋଜିବୁର ରହେମାନଙ୍କ ସହିତ ହାଜି ଅବୁ କାଶିମ ଖାନ, ହାଜି ଅନୱର ହୋସେନ, ହାଜି ଡ଼. ଶେଖ ଅଲାଉଦ୍ଦିନ, ଆଇନଜୀବୀ ହାଜି ଶେଖ ଅବୁ-ସୁଫୟାନ, ପ୍ରଫେସର ହାଜୀ ଶେଖ ନାସିର ବକ୍ସ, ଶେଖ ମୁସ୍ତାକ, ଶେଖ ରିଆଜୁଦ୍ଦିନ, ହାଜୀ ମହମ୍ମଦ ସବବର, ମୁସ୍ତାକ ଖାନ, ଶେଖ ଫାରୁକ, ହେମନ୍ତ ସାହୁ, ସାବିର ଖାନ, ଜହିର ଖାନ, ହାଜି ସଲ୍ଲାଉଦ୍ଦିନ ଓ ସିରାଜୁଦ୍ଦିନ ଖାନ ପ୍ରମୁଖ ଉପସ୍ଥିତ ରହି ହଜ ଯାତ୍ରୀଙ୍କୁ ପ୍ରଶିକ୍ଷଣ ତାଲିମରେ ସହଯୋଗ କରିଥିଲେ।

### ଅଟଳ ବିହାରୀ କଲେଜରେ ଜାତୀୟ ସେମିନାର

# ସାମାଜିକ ସଂସ୍କାର ଆଣି ଦେଇଥିଲା ଫକୀରମୋହନ ଉପନ୍ୟାସ ଓ ପ୍ରବନ୍ଧ

ବାସୁଦେବପୁର, (ସବ୍ୟୁ): ବାସୁଦେବପୁର ଅଟଳ ବିହାରୀ କଲେଜ ପରିସର ମଧ୍ୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଜାତୀୟ ଆଲୋଚନା (ସେମିନାର)ଚକ୍ର ଅନୁଷ୍ଠିତ ହୋଇଯାଇଅଛି । କଲେଜର ଅଧକ୍ଷ ବିଷ୍ଣୁମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଆୟୋଜିତ ଆଲୋଚନାଚକ୍ରର ବିଷୟ ଫକୀରମୋହନଙ୍କ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା ଶୀର୍ଷକ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନର ମୁଖ୍ୟଅତିଥି ଭାବେ ବାରିପଦା ଉତ୍ତର ଓଡିଶାର ବିଶ୍ୱବିଦ୍ୟାଳୟର ପ୍ରଫେସର ବଭ୍ରୁବାହନ ମହାପାତ୍ର ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି ଉଦବୋଧନ ଦେଇଥିଲେ। ସେ କହିଥିଲେ ଫକୀରମୋହନ ସେନାପତି ଓଡିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେବାକୁ ଜୀବନ ଯାକ ଲଢେଇ କରିଥିଲେ। ଫକୀରମୋହନ ଉପନ୍ୟାସ ଓ ପ୍ରବନ୍ଧ ସାମାଜିକ ସଂସ୍କାର ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ମୁଖ୍ୟବକ୍ତା ଭାବେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପ-ଶାସନ ସଚିବ ଡକ୍ଟର ରମେଶ ଚନ୍ଦ୍ର ବେହେରା,ସମ୍ମାନୀତ ଅତିଥି ଭାବେ ଏବି କଲେଜର ପରିଚାଳନା କମିଟିର ସଭାପତି ବନମାଳୀ କୁଅଁର ଓ ଅଧାପକ ରବିନାରାୟଣ ନାୟକ ଯୋଗଦେଇ ଉଦବୋଧନ ଦେଇଥିଲେ। ଏବି କଲେଜର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧାପକ ଡକ୍ଟର ରାଜେନ୍ଦ୍ର କୁମାର ବେହେରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନର ବରେଣ୍ୟ ଅତିଥି ଭାବେ କୋଲକତା ଶାନ୍ତିନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ରବୀନ୍ଦ୍ର କୁମାର ଦାସ, ପାଳିଆବିନ୍ଧା ବିଏନଏମଏ କଲେଜର ପ୍ରାଧାପକ ଡକଫର ବିଶ୍ୱ ରଞ୍ଜନ ଦାସ, ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ପ୍ରାଧାପକ ଡକ୍ଟର ରମେଶ ଚନ୍ଦ୍ର ଦାସ, ଭଦ୍ରକ ସରକାରୀ ମହିଳା କଲେଜର ପ୍ରାଧାପକ ଡକ୍ଟର ଅଭୟ କୁମାର ଦାସ ଓ କେନ୍ଦ୍ରାପଡା କଲେଜର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧାପକ ହୃଷିକେଶ ବାରିକ ଯୋଗଦେଇ ଉଦବୋଧନ ଦେଇଥିଲେ। ଅଧାପକ ରବିନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ବିପ୍ଳବ ଜେନା, ସତ୍ୟରଞ୍ଜନ ମଲ୍ଲିକ, ପ୍ରତାପ କୁମାର ବେହେରା, ପ୍ରଶାନ୍ତ କୁମାର ନାୟକ ସହଯୋଗ କରିଥିଲେ।

# ପ୍ରସନ୍ନ ବାସୁଦେବ ପାଲା ମହୋତ୍ସବ ଉଦଯାପିତ

ବାସୁଦେବପୁର, (ସବ୍ୟୁ) : ବାସୁଦେବପୁର ସ୍ଥିତ ନୀଳମଣୀ ଟାଉନ ହଲ ଠାରେ ଅବସର ସାହିତ୍ୟ ପତ୍ରିକା ଓ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ମିଳିତ ସହଯୋଗରେ ଦୁଇ ଦିନଧରି ଚାଲିଥିବା ବ୍ଲକସ୍ତରୀୟ ପାଲା ମହୋତ୍ସବ ଉଦ୍‌ଯାପିତ ହୋଇ ଯାଇଅଛି। କଳାକାରମାନେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଏକ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ ସ୍ୱାଗତ କରି ଶୋଭାଯାତ୍ରା ସହର ପରିକ୍ରମା କରି ନୀଳମଣୀ ଟାଉନହଲ ପରିସର ପହଂଚିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇଥିଲେ। ପାଲା ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଏ ବୋଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ସୁବାସ ଚନ୍ଦ୍ର ମଲ୍ଲିକ କହିଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସଭାପତି ପାଲାଗାୟକ ସନାତନ ପୁରୀ ସଭାରେ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ,ପ୍ରାକ୍ତନ ସରପଂଚ ଗିରିଶ ଚନ୍ଦ୍ର ସାମଲ, ପ୍ରାକ୍ତନ ସରପଂଚ ଦୀନବନ୍ଧୁ ଦାସ ଯୋଗଦେଇ ଉଦବୋଧନ ଦେଇଥିଲେ। ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ସଂଯୋଜନା କରିଥିଲେ। ଉଦଯାପନ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ୍ ଦୁଃଶାସନ ରାଉତ, ଶିକ୍ଷାବିତ୍ ଅଭିମନ୍ୟୁ ବେହେରା, ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସଭାପତି ସନାତନ ପୁରୀ, ସମ୍ପାଦକ କପିଳ ନାଥ ଶର୍ମା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ସଂଯୋଜନା କରିଥିଲେ। ଦୁଇ ଦିନ ଧରି ଚାଲିଥିବା ପାଲା ସମ୍ମିଳନୀରେ ୨୦ଟି ପାଲା ଦଳ ୪ଟି ଘୋଡା ନାଚ ଦଳ ଅଂଶ ଗ୍ରହଣ କରିଥିଲେ। ପାର୍ଥ ସାରଥି ବାରିକ ସହଯୋଗ କରିଥିଲେ ।

# ଆର୍‌ଆଇଏଲ୍‌ର ନିଟ୍ ଲାଭ ୭.୩% ବୃଦ୍ଧି

ଭୁବନେଶ୍ୱର (ସବ୍ୟୁ) : ଦେଶର ସର୍ବବୃହତ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ ପକ୍ଷରୁ ଆଜି ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସ ତଥା ସମ୍ପୂର୍ଣ୍ଣ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେଟ ଲାଭ ୭.୩ ପ୍ରତିଶତ ବୃଦ୍ଧି ସହ ୭୯୦୨୦ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଉପଭୋକ୍ତା ବ୍ୟବସାୟ ଏବଂ ଅପଷ୍ଟ୍ରିମ ବ୍ୟବସାୟରେ ଅଭିବୃଦ୍ଧି ଜାରି ରହିବା ସହିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ବାର୍ଷିକ ରାଜସ୍ୱ ରେକର୍ଡ ୧୦ ଲକ୍ଷ କୋଟିରୁ ଅଧିକ ରହିଥିବା ଜଣାପଡିଛି । କମ୍ପାନୀ ପକ୍ଷରୁ ମାର୍ଚ୍ଚ ୨୦୨୪ ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ ସେୟାର ପ୍ରତି ୧୦ ଟଙ୍କା ଡ଼ିଭିଡ଼େଣ୍ଡ ଘୋଷଣା କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ରିଲାଏନ୍ସ ରିଟେଲ ର ମୋଟ ବାର୍ଷିକ ରାଜସ୍ୱ ୩ ଲକ୍ଷ କୋଟି ଅତିକ୍ରମ କରିଛି ଏବଂ ନେଟ ଲାଭ ୧୦୦୦୦ କୋଟି ଅତିକ୍ରମ କରିଛି । ମାର୍ଚ୍ଚ ୨୦୨୪ ସୁଦ୍ଧା ରିଲାଏନ୍ସ ରିଟେଲ ର ମୋଟ ଷ୍ଟୋର ସଂଖ୍ୟା ୧୮୮୩୬ ହୋଇଥିବା ବେଳେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ତଥା ଫାସନ ଓ ଲାଇଫଷ୍ଟାଇଲ ବ୍ୟବସାୟରେ ଦ୍ରୁତ ଅଭିବୃଦ୍ଧି ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ସେହିଭଳି ୨୦୨୩-୨୪ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ରିଲାଏନ୍ସ ଜିଓର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୧୨.୪ ପ୍ରତିଶତ ବୃଦ୍ଧି ସହିତ ୨୦୪୬୬ କୋଟି ଟଙ୍କାରେ ପହଞ୍ଚିଛି । ଆଲୋଚ୍ୟ ଆର୍ଥିକ ବର୍ଷରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ୧୦.୨ ପ୍ରତିଶତ ବଢି ୧,୦୦,୧୧୯ କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ।

# ଲଙ୍କାପୋଡି ଷଷ୍ଠ ଦିବସ : ଶ୍ରୀରାମଙ୍କ ବନବାସ ଓ ଭରତ ମିଳନ



ଦଶପଲ୍ଲା,(ସବ୍ୟୁ) ଐତିହାସିକ ଲଙ୍କାପୋଡି ଯାତ୍ରା ପାଇଁ ଚଳ ଚଞ୍ଚଳ ହୋଇପଡିଛି ଦଶପଲ୍ଲା ସହର । ଅଲୋକମାଳାର ସାଜସଜା ସହ ମୁଖ୍ୟ ମଞ୍ଚରେ ଶ୍ରୀ ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସଂସଦ କଳାକାର ଙ୍କ ଦ୍ୱାରା ଶ୍ରୀ ରାମଲୀଳା ନାଟ୍ୟ ଅଭିନୟ ବେଶ ଚିତାକର୍ଷକ ହୋଇଛି । ଯାତ୍ରା ର ଷଷ୍ଠ ଦିବସ ରେ ମୁଖ୍ୟ ମଞ୍ଚରେ ଶ୍ରୀରାମ ଙ୍କ ବନବାସ ଓ ଭରତ ମିଳନ ନାଟକ ମଞ୍ଚସ୍ଥ ହୋଇଯାଇଛି । ଶ୍ରୀରାମ ଙ୍କ ଗଣ୍ଡା ବନ୍ଧ ପରେ ରାଜା ଦଶରଥ ଆପଣାର ମନ୍ତ୍ରୀ ପାରିଷଦ ଙ୍କ ପରାମର୍ଶ କ୍ରମେ । ଜ୍ୟୋଷ୍ଠ ପୁତ୍ର ଶ୍ରୀ ରାମଚନ୍ଦ୍ର ଙ୍କୁ ରାଜା କରିବାର ନିଷ୍ପତି ଗ୍ରହଣ କରନ୍ତି । ମାତ୍ର ରାମଚନ୍ଦ୍ର ରାଜା ହେଲେ ଅସୁରନିଧନ ହୋଇ ପାରିବ ନାହିଁ ବୋଲି ଦେବଗଣ ବିଚାରକରି ଦାସୀ ମନ୍ଥରା ତୁଣ୍ଡରେ ଦେବୀ ସରସ୍ୱତୀ ଙ୍କୁ ବିଜେ କରାଇ ଦିଅନ୍ତି । ମନ୍ଥରା ରାଣୀ କୈକେୟୀ ଙ୍କ କୁ ମନ୍ତ୍ରଣା ଦିଏ । ଫଳରେ ରାଣୀ କୈକେୟୀ ପୂର୍ବରୁ ଦେବସୁର ସମର କାଳରେ ଦଶରଥ ଙ୍କ ଠାରୁ ପାଇଥିବା ଦୁଇଟି ବର କଥା ମନେ ପକାଇଥିଲେ । ଦୁଇଟି ବର ଅନୁଯାଇ ପ୍ରଥମ ବରରେ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଓ ଦ୍ୱିତୀୟ ବରରେ ଭରତ ଙ୍କୁ ରାଜା କରିବା ଆଦି ଦୁଇଟି ବର କୈକେୟୀ ଦଶରଥଙ୍କୁ ମାଗନ୍ତି । ରାଜା ଦଶରଥ ଏ କଥାରେ ଦୁଃଖରେ ଭାଙ୍ଗି ପଡିବା ବେଳେ ନିଜେ ରାମଚନ୍ଦ୍ର ଭାଇ ଲକ୍ଷ୍ମଣ ଓ ସୀତା ଙ୍କ ସହ ପିତୃସତ୍ୟ ରକ୍ଷା ପାଇଁ ବନବାସ ଯାଆନ୍ତିଛ ଏଥିରେ ମ୍ରିୟମାଣ ହୋଇ ଦଶରଥଙ୍କ ମର୍ତ୍ତ୍ୟୁ ହୁଏ । ପରେ ରାମ, ଲକ୍ଷ୍ମଣ ଓ ସୀତା ଙ୍କୁ ଅଯୋଧା ଫେରାଇ ଆଣିବା ପାଇଁ ଭରତ ବନ କୁ ଯାଆନ୍ତି ।ମାତ୍ର ରାମଚନ୍ଦ୍ର ଅଯୋଧା ଫେରିବାକୁ ମନାକରନ୍ତି । ଶେଷରେ ଭରତ ରାମଚନ୍ଦ୍ର ଙ୍କ ପାଦୁକା ଧରି ଫେରିଆଶାନ୍ତି ଓ ନିଜେ କାନ୍ଦି ଗ୍ରାମରେ ସନ୍ୟାସୀ ଭଳି ଅବସ୍ଥାନ କରି ପାଦୁକା ସିଂହାସନ ରେ ବସାଇ ରାଜ୍ୟ ପାଳନ୍ତି । ଏହିଭଳି ଦୃଶ୍ୟ ଦର୍ଶକମାନଙ୍କ ମଧ୍ୟରେ ଦୁଃଖ ଭାବନା ସୃଷ୍ଟି କରିଥିଲା ।। ଏଥିରେ ପୁତ୍ର ର ପିତୃସତ୍ୟ ଓ ଭାଇ ର ଭାତୃଭାବ ର ନିଚ୍ଛକ ନିର୍ଦ୍ଦଶନ ଦେଖିବାକୁ ମିଳିଥିବା ବେଳେ ମୁଖ୍ୟ ମଞ୍ଚ ନିକଟରେ ବହୁ ଜନସମାଗମ ହୋଇଥିଲା ।


**ମାନ୍ୟବର ସଭ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା କଟକ ମହୋଦୟଙ୍କ ଇଜିଲାସ୍**
(କ୍ୟାମ୍ପ ଅଫିସ୍ ଭୁବନେଶ୍ୱର)
ଓ.ଏସ୍.ଏସ୍.କେସ୍ ନଂ. ୪୨୪/୨୦୨୦ ଓ ଓ.ଏସ୍.ଏସ୍.କେସ୍ ନଂ. ୪୨୫/୨୦୨୦

୧. ନୃସିଂହ ପଟ୍ଟନାୟକ, ପି-୰ତାରିଣୀ ଚରଣ ପଟ୍ଟନାୟକ, ସା-ଏଲବି-୬, ଲେନ୍ ନଂ-୪, ଭୀମଟାଙ୍ଗି ହାଉସିଂ ବୋର୍ଡ କଲୋନୀ, ପୋଲିସ ଷ୍ଟେସନ-ଏୟାରଫିଲ୍ଡ, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା-ଖୋର୍ଦ୍ଧା, (ଓ.ଏସ୍.ଏସ୍.କେସ୍ ନଂ. ୪୨୪/୨୦୨୦ର ବାଦୀ)
୨. ରବିଶଙ୍କର ପଣ୍ଡିତ, ପି-୰ବିଜୟ କୁମାର ପଣ୍ଡିତ, ସା-ଗାନ୍ଧିନଗର, ଲେନ୍ ନଂ-୫, ଟାଉନ୍ ଥାନା-ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା-ଗଞ୍ଜାମ, (ଓ.ଏସ୍.ଏସ୍.କେସ୍ ନଂ. ୪୨୫/୨୦୨୦ର ବାଦୀ)
ବନାମ
୪. ଶିବପ୍ରସାଦ ଦାଶ, ୫. ବିଷ୍ଣୁପ୍ରସାଦ ଦାଶ, ପି-୰ପଦ୍ମନାଭ ଦାଶ, ସା-ଦକ୍ଷିଣ ମୁଣ୍ଡମୁହାଣ, ପୋ-ଯାଁଳା, ଜିଲ୍ଲା-ଖୋର୍ଦ୍ଧା, ଥାନା-ଇନ୍‌ଫୋଭାଲି .................. ପ୍ରତିବାଦୀମାନେ ।

**ନୋଟିସ୍**

ଏତଦ୍‌ଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମିକୁ ରେଜିଷ୍ଟ୍ରି ଦଲିଲ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କ ଇଜିଲାସ୍‌ରେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନ୍ ୧୯୫୮ର ଧାରା ୧୫(ଖ) ଅନୁଯାୟୀ ଉପରୋକ୍ତ ରିଭିଜନ କେଶ୍ ଦାୟର କରିଅଛନ୍ତି । ଏହି ରିଭିଜନ କେଶ୍ ସମ୍ବନ୍ଧୀୟ ନୋଟିସ୍ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ବିଭିନ୍ନ କାରଣ ଯୋଗୁଁ ଫେରସ୍ତ ଆସିଥିବାରୁ ଆପଣମାନଙ୍କର ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ (ୟୁନିଟ୍-୫, କେଶରୀନଗର, ରାଜୀବଭବନ ପଛ ପାର୍ଶ୍ୱରେ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା.୧୩.୬.୨୦୨୪ ରିଖ ଦିବା ଘ. ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ଜମିର ବିବରଣୀ**
ମୌଜା-ଗୋପାଳପୁର, ତହସିଲ-ଜଟଣୀ(୭୧), ଜିଲ୍ଲା-ଖୋର୍ଦ୍ଧା

| ସାବିକ୍ ଖାତା ନଂ. | ସାବିକ୍ ପ୍ଲଟ୍ ନଂ. | ଦାବି ରକବା | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. |
|---|---|---|---|---|
| ୩୦ | ୧୬୫ | ଏ୧.୨୨୦ ଡିସିମିଲିରୁ କ୍ରମାନ୍ୱୟରେ ଓଏସ୍‌ଏସ୍ ୪୨୪/୨୦୨୦ କେସ୍ ନମ୍ବରର ଏରିଆ ଏ୦.୦୨୭ ଡିସିମିଲି ଓ ଓଏସ୍‌ଏସ୍ କେସ୍ ନମ୍ବର ୪୨୫/୨୦୨୦ କେସ୍ ନମ୍ବରର ଏରିଆ ଏ୦.୦୨୭ ଡିସିମିଲି | ୧୬୬ | ପ୍ଲଟ୍ ନଂ ୨୨୫ ରକବା ଏ୦.୪୨୬ ଡିସିମିଲିରୁ ପ୍ରତ୍ୟେକ କେସ୍‌ର ଦାବି ରକବା ଏ୦.୦୨୭ ଡିସିମିଲି |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବିକରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସ୍‌ରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ । ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ
ସ୍ୱା-କୋର୍ଟ ଅଫିସର


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।



ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସାଧାରଣ ଲୋକଙ୍କୁ ଭେଟି ସମସ୍ୟା ବୁଝୁଛନ୍ତି ବିଜେଡି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ।

# ନରସିଂହପୁର ପଞ୍ଚାୟତରେ ବିଜେଡ଼ି କର୍ମୀ ସମ୍ମିଳନୀ

ନୀଳଗିରି,(ସବ୍ୟୁ) :ନୀଳଗିରି ବ୍ଲକ ଅଧିନସ୍ଥ ନରସିଂହପୁର ପଞ୍ଚାୟତ ଅଧିନ ତିନିଦେଶ ମେଳଣ ପଡ଼ିଆରେ ଆୟୋଜିତ ହୋଇ ବିଜେଡ଼ି ବରିଷ୍ଠ ନେତା ଗଙ୍ଗାଧର ବିଶ୍ୱାଳ ଅଧକ୍ଷତାକରିଥିବା ବେଳେ ସ୍ଥାନୀୟ ଯୁବନେତା ଶୁଭାଶିଷ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ପହଞ୍ଚିବା କ୍ଷଣି ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ସିଂଙ୍କ ନେତୃତ୍ୱରେ ଶହ ଶହ ମାଆ, ମାଉସୀ, ଭାଇ, ଭଉଣୀମାନେ ମୃଦଙ୍ଗ, ଝାଞ୍ଜ, ବାଜା, ଶଙ୍ଖ, ହୁଳହୁଳି, ଶଙ୍ଖଧ୍ୱନି ଯୋଗେ ବିଧାୟକ ସୁକାନ୍ତ ନାୟକଙ୍କୁ ମଂଚ ନିକଟକୁ ପାଛୋଟି ନେଇଥିଲେ । ପରେ ସେଠାରେ ନୀଳଗିରି ବ୍ଲକର ପୂର୍ବତନ ଉପାଧକ୍ଷ ରମେଶ ମହାନ୍ତି, ଗଙ୍ଗାଧର ମିଶ୍ର, ଆରବନ୍ଧ ସରପଞ୍ଚ କୃଳମଣି ନାୟକ, ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ସାଏବ ନାୟକ, ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ସିଂ, ସମିତି ସଭ୍ୟା ଅହଲ୍ୟା ନାୟକ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ବାବଦରେ ମତବ୍ୟକ୍ତ କରିବା ସହ ବିଧାୟକ ସୁକାନ୍ତ ନାୟକ ନୀଳଗିରି ନିର୍ବାଚନ ମଣ୍ଡଳୀ ଅଞ୍ଚଳ ପାଇଁ ସବୁ କଣ କରିଛନ୍ତି ସେ ବାବଦରେ ମତ ବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ପାଇଁ ଗାଦିରେ ବସାଇବା ସହ ନୀଳଗିରି ମାଟିର ସନ୍ତାନ ତଥା ବିଧାୟକ ସୁକାନ୍ତ ନାୟକଙ୍କୁ ତୃତୀୟଥର ପାଇଁ ବିଧାୟକ ଭାବେ ନିର୍ବାଚିତ କରାଇବାକୁ ଆହ୍ୱାନ ଦେଇଥିଲେ । ଏହି କର୍ମୀ ସମ୍ମିଳନୀରେ ୧ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱଭାବ ଦେଖି ଅତିଥିମାନେ ଚକିତ ହୋଇଯାଇଥିଲେ ।



ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଭୁବନେଶ୍ୱର ରାଜମହଲ ଛକରେ ପଣା ବଣ୍ଟନ କରୁଛନ୍ତି ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ

# ବାଲିକୁଦା-ଏରସମା ବିଧାୟକ ପ୍ରାର୍ଥୀ ହେଲେ ସାରଦା ଜେନା

ଜଗତସିଂହପୁର(ସବ୍ୟୁ):ବହୁ ପ୍ରତୀକ୍ଷା ପରେ ଆଜି ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳ ସାରଦା ଜେନାଙ୍କୁ ବିଧାୟକ ପ୍ରାର୍ଥୀ ଭାବରେ ଘୋଷଣା କରିବା ପରେ କର୍ମୀମାନଙ୍କ ମହଲରେ ଉତ୍ସାହ ଦେଖାଦେଇଛି ।ତୃଣମୂଳ ସ୍ତରରୁ ଦୀର୍ଘ ୩୦ ବର୍ଷ ହେବ ରାଜନୀତିରେ ସକ୍ରିୟ ରହିବା ସହିତ ୪ଥର ଜିଲ୍ଲା ପରିଷଦ ସଭ୍ୟ ଭାବରେ ନିର୍ବାଚିତ ହୋଇଥିବା ସାରଦା ଜେନା ଏବେ ରାଜ୍ୟ ବିଜେଡି ସଂପାଦକ ରହିଛନ୍ତି ।ତାଙ୍କର ସଂଘର୍ଷପୂର୍ଣ୍ଣ ରାଜନୈତିକ କ୍ୟାରିଅର ଉପରେ ଦଳ ଭରସା କରି ତାଙ୍କୁ ବାଲିକୁଦା-ଏରସମାରୁ ବିଧାୟକ ଭାବରେ ଲଢ଼ିବାକୁ ସୁଯୋଗ ଦେଇଛନ୍ତି ।ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ୨୦୦୯ରୁ ବିଜେଡି କବଜାରେ ରହିଥିବା ବେଳେ ଏଥର ପୁଣି ଗଡ ଦଖଲ କରିବାକୁ ବିଜେଡି ସାରଦା ଜେନାଙ୍କୁ ପ୍ରାର୍ଥୀ କରିଛି ।କଲେଜ କ୍ୟାରିଅରରୁ ସେ ରାଜନୀତିରେ ଜଡିତ ହୋଇଥିଲେ ହେଁ ୧୯୯୫ ମସିହାରେ ସେ ପ୍ରତ୍ୟକ୍ଷ ରାଜନୀତିକୁ ଆସିଥିଲେ ।ସେ ସମୟରେ କଂଗ୍ରେସର ଦବଦବା ଥିବା ବେଳେ ସାରଦା କଂଗ୍ରେସରେ ଜଣେ ତୃଣମୂଳସ୍ତରର କର୍ମୀ ହୋଇ ଏରସମା ଅଞ୍ଚଳରେ ବେଶ ପରିଚିତି ସୃଷ୍ଟି କରିବା ସହିତ ନିଜର ସ୍ଥିତି ଜାହିର କରିପାରିଥିଲେ ।୧୯୯୭ ମସିହାରେ ସାରଦା ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଭାବରେ ଦୁଇଟି ସ୍ଥାନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ ।ପରେ ସମିତି ସଭ୍ୟ ପଦବୀ ଛାଡି ଜିଲ୍ଲା



ପରିଷଦ ସଭ୍ୟ ଭାବରେ ରହିଥିଲେ ।ପରେ ୨୦୦୨-୨୦୦୭,୨୦୦୭-୨୦୧୨,୨୦୧୨-୨୦୧୭ ଜିଲ୍ଲା ପରିଷଦ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ ।ମାତ୍ର ଦୁଇ ବର୍ଷ ପରେ ସାରଦା ଜିଲ୍ଲା ପରିଷଦ ସଭ୍ୟରୁ ଇସ୍ତଫା ଦେଇ ୨୦୧୪ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବରେ ସ୍ୱାଧୀନରେ ନିର୍ବାଚନ ଲଢ଼ିଥିଲେ ।କଂଗ୍ରେସରୁ ଟିକେଟ ନମିଳିବାରୁ ୨୦୧୪ ନିର୍ବାଚନରେ ସାରଦା ଜେନା ସ୍ୱାଧୀନ ଭାବରେ ନିର୍ବାଚନ ଲଢି ୨୩୯୪୮ ଖଣ୍ଡ ଭୋଟ ପାଇଥିଲେ ।୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସର ସ୍ଥିତି ଦୁର୍ବଳ ହେବା ଦେଖି ନିର୍ବାଚନ ପୂର୍ବରୁ ସେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ନିଜ ରାଜନୈତିକ କ୍ୟାରିଅରରେ ସେ ୩୦ବର୍ଷ ହେବ ସାଧାରଣ ଲୋକମାନଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରାଇଥିବାରୁ ଆଜି ମୁଖ୍ୟମନ୍ତ୍ରୀ ତାଙ୍କୁ ଆହୁରି ସେବା କରିବାର ସୁଯୋଗ ଦେଇଛନ୍ତି ବୋଲି କର୍ମୀ ଓ ସମର୍ଥକମାନେ କହୁଥିବା ବେଳେ ଆଗାମୀ ନିର୍ବାଚନରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଜୟର ଧାରା ବଜାୟ ରଖିବ ବୋଲି ସାରଦା କହିଛନ୍ତି । ସାରଦା ଏବେ ବିଜେଡିର ରାଜ୍ୟ ସଂପାଦକ ଭାବରେ ଦାୟିତ୍ୱ ତୁଲାଉଥିବା ବେଳେ ଜଗତସିଂହପୁର ଜିଲ୍ଲା ଯୋଜନା କମିଟିର ଏକ୍ସପର୍ଟ ସଭ୍ୟ ଭାବରେ କାର୍ଯ୍ୟ କରୁଛନ୍ତି ।

# ମୋଟୱାନିର ନୂତନ ହାଉସିଂ ପ୍ରକଳ୍ପ ଅନନ୍ତାରା

ଭୁବନେଶ୍ୱର (ସବ୍ୟୁ): ରାଜଧାନୀ ବର୍ତମାନ ଅଗ୍ରଗତି ଦିଗରେ ମାଡିଚାଲିଛି ବହୁ ନୂତନ ପ୍ରକଳ୍ପ ସହ ଉନ୍ନତ ମାନର ରାସ୍ତା, ମେଟ୍ରୋ ପ୍ରକଳ୍ପମାନର କାର୍ଯ୍ୟ ଧୀରେ ଧୀରେ ବଢିଚାଲିଛି ଉଚ୍ଚ ମାନର କୋଠା ସହ ଆଧୁନିକ ଟେକନିକର ଗୃହ ନିର୍ମାଣ କାର୍ଯ୍ୟ ବଢିଚାଲିଛି । ଏହା ମଧ୍ୟରେ ମୋଟୱାନି କନଷ୍ଟ୍ରକସନ୍ ଏହାର ନୂତନ ଟେକନୋଲୋଜି ସହ ନିର୍ମିତ ପ୍ରକଳ୍ପ ଅନନ୍ତାରାର କାର୍ଯ୍ୟ ଆରମ୍ଭ କରିଛି ଏହାର ପ୍ରି-ଲଞ୍ଚ ପର୍ଯ୍ୟାୟରେ ଏହି ପ୍ରକଳ୍ପର ୪୦% ବିକ୍ରି ହୋଇସାରିଛି, ଯାହା ସହରର ଅଭିବୃଦ୍ଧି ଉପରେ ଦୃଢ ନିବେଶକଙ୍କ ଆତ୍ମବିଶ୍ୱାସକୁ ଦର୍ଶାଉଛି ।

ମୋଟୱାନି କନଷ୍ଟ୍ରକସନ୍ ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ମୋଟୱାନି କୁହନ୍ତି, ଅନନ୍ତାରାର ଏହି ବ୍ୟାପକ ପ୍ରଜେକ୍ଟ ଭୁବନେଶ୍ୱରର ଏକ ପ୍ରମୁଖ ବ୍ୟବସାୟିକ ହବରେ ପରିଣତ ହୋଇଛି । ଝାରପଡା ପ୍ରକଳ୍ପର କେନ୍ଦ୍ରୀୟ ଅବସ୍ଥାନ, ବିଶ୍ୱ ସ୍ତରୀୟ ସୁବିଧା ଏବଂ ସଠିକ୍ ମୂଲ୍ୟ, ଭୁବନେଶ୍ୱର ସ୍ମାର୍ଟ ସହର ମଧ୍ୟରେ ପ୍ରିମିୟମ୍ ଜୀବନଶୈଳୀ ଖୋଜୁଥିବା କ୍ରେତାଙ୍କୁ ଆକର୍ଷିତ କରୁଛି ଅଧିକନ୍ତୁ, ସେମାନେ ମୂଲ୍ୟ, ଜରୁରୀକାଳୀନ ସୁବିଧା, ଏବଂ ସ୍ଥାନର ଏକ ବିରଳ ତାରକା ଆଲାଇନ୍ମେଣ୍ଟ ବୋଲି ପ୍ରୋଜେକ୍ଟକୁ ପ୍ରୋତ୍ସାହିତ କରୁଛନ୍ତି । ସାଂସ୍କୃତିକ ଐତିହ୍ୟ ଏବଂ ପ୍ରାଚୀନ ମନ୍ଦିର ପାଇଁ ଜଣାଶୁଣା, ଭୁବନେଶ୍ୱର ଏହାର ପାରମ୍ପାରିକ ଆକର୍ଷଣ ତଥା ଚମତ୍କାର ସ୍ଥାପତ୍ୟର ଚମତ୍କାରତା ରକ୍ଷା କରି ଆଧୁନିକତାକୁ ଅତି ସୁନ୍ଦର ଭାବରେ ଗ୍ରହଣ କରିଛି । ଅନନ୍ତାରା ଭୁବନେଶ୍ୱରର ପ୍ରଗତିଶୀଳ ପ୍ରଜେକ୍ଟ ଏକ ସୁଇମିଂ ପୁଲ୍, ଜିମ୍ ଏବଂ ମନୋରଞ୍ଜନ କ୍ଷେତ୍ର ପରି ଆଧୁନିକ ସୁବିଧା ପ୍ରଦାନ କରେ ସହରର ମଝିରେ ଅବସ୍ଥିତ ଏହା ହାଇ-ଟେକ୍ ହସ୍ପିଟାଲ୍, ଏସପ୍ଲାନେଡ୍ ମଲ୍, କଟକ ପୁରୀ ରୋଡ୍ ବାଣିଜ୍ୟିକ ହବ୍, ଓଲ୍ଡ ଟାଉନ୍ ମନ୍ଦିର ଏବଂ ମଦର ପବ୍ଲିକ୍ ସ୍କୁଲ୍ ଭଳି ପ୍ରମୁଖ ସ୍ଥାନଗୁଡିକରେ ବାସିନ୍ଦାଙ୍କୁ ସହଜ ସୁବିଧା ଯୋଗାଇଥାଏ । ମୋଟୱାନି ନିର୍ମାଣଗୁଡିକ ମଧ୍ୟରେ ଅନନ୍ତାରାର ଉନ୍ନତମାନର ସମ୍ଭାବ୍ୟ କ୍ରେତାମାନଙ୍କୁ ଆକର୍ଷିତ କରିଥାଏ ଏହି ପ୍ରୋଜେକ୍ଟ ସହ ଆଗାମୀ ବର୍ଷ ମଧ୍ୟରେ ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିବାକୁ ଯୋଜନା କରିଛି । ମୋଟୱାନି କନଷ୍ଟ୍ରକସନ ହେଉଛି ଏକ ଅଗ୍ରଣୀ ରିଏଲ୍ ଇଷ୍ଟେଟ୍ ବିକାଶକାରୀ, ଗତ ,୨୫ବର୍ଷ ମଧ୍ୟରେ ଭୁବନେଶ୍ୱରର ଅଭିବୃଦ୍ଧିରେ ଅବଦାନ ରଖିଛି ।



## ବ୍ରାଉନସୁଗର ଜବତ ବେପାରି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିର୍ଭରଯୋଗ୍ୟ ସୂତ୍ରରୁ ଖବରପାଇ ନନ୍ଦନକାନନ ଥାନା ପୋଲିସ ବଟାନିକାଲ୍ ଗାର୍ଡେନ୍ ଛକ ନିକଟରେ ଚଢ଼ାଉ କରିଥିଲା । ସେଠାରେ ବ୍ରାଉନସୁଗର କାରବାର କରୁଥିବା ଯୁବକକୁ କାବୁ କରିବା ସହ ତା'ନିକଟରୁ ୨୦ ଗ୍ରାମ୍ ବ୍ରାଉନ୍‌ସୁଗର ପୋଲିସ୍ ଜବତ କରିଛି । କେବଳ ବ୍ରାଉନସୁଗର ନୁହେଁ ୩୮୦ ଟଙ୍କା, ମୋବାଇଲ ଫୋନ୍, ମଟରସାଇକେଲ ମଧ୍ୟ ଜବତ ହୋଇଛି ।

ଗିରଫ ଯୁବକଙ୍କ ନାଁ ପ୍ରଭାତ କୁମାର ସାମନ୍ତସିଂହାର (୪୫) । ତା'ଘର ଖୋର୍ଦ୍ଧା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗାଁରେ । ସେ ଗତ କିଛିବର୍ଷ ହେବ ବ୍ରାଉନ୍‌ସୁଗର କାରବାର କରୁଥିବା ପୋଲିସରେ କହିଛି । ସୋମବାର ପ୍ରଭାତକୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଧାମନଗର କଂଗ୍ରେସର କାର୍ଯ୍ୟକାରିଣୀ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୟାଳିଶ ଦିହ ପଂଚାୟତର ସୟଦଜାଫର ଠାରେ ଆୟୋଜିତ ହୋଇଛି। ଧାମନଗର ବ୍ଲକ କଂଗ୍ରେସ କମିଟିର ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଏଥିରେ ପୌରହିତ୍ୟ କରିଥିଲେ। ପ୍ରାକ୍ତନ ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ତଥା ପିସିସି ସଦସ୍ୟ ନାରାୟଣ ଚନ୍ଦ୍ର ପାଢ଼ୀ ଯୋଗଦେଇ ଧାମନଗର ଅଂଚଳର ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଜଳସେଚନ ଆଦି କ୍ଷେତ୍ରରେ ଅତୀତରେ କଂଗ୍ରେସ ହିଁ ଅନେକ ବିକାଶମୂଳକ କାର୍ଯ୍ୟ କରିଥିବା ଉଲ୍ଲେଖ କରି ବିଜେଡ଼ି ଏବଂ ବିଜେପିର ସମାଲୋଚନା କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ସ୍ଥାନୀୟ ବିକାଶ ପୁଣି ଆଗେଇବ ବୋଲି ଉପସ୍ଥିତ ନେତୃବର୍ଗ ମତଦେଇ ସଭିଏଁ ଏକ ହୋଇ କାର୍ଯ୍ୟ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକାଧିକ ରାଜନୈତିକ ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକାରିଣୀରେ ଧାମନଗର ବିଧାନସଭା ପ୍ରାର୍ଥୀ ରଞ୍ଜନ କୁମାର ବେହେରାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ନରେନ୍ଦ୍ର ମଲ୍ଲିକ,ବରିଷ୍ଠ ନେତା ଅରବିନ୍ଦ ନାୟକ,ପରମାନନ୍ଦ ସାଏନ୍ତ,ବିଧାନସଭା ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ,ଧାମନଗର ନଗର ସଭାପତି ମାନସ ମହାପାତ୍ର,ଅଜିତ ପଣ୍ଡା,ପ୍ରଭାତ ପଣ୍ଡା,ସଞ୍ଜୟ ମିଶ୍ର,ବିଷ୍ଣୁ ନାୟକ,ରଘୁନାଥ ଦାସ,ସନ୍ତୋଷ ହୋତା,ପଂଚାନନ ସାହୁ,ନାରାୟଣ ଖୁଣ୍ଟିଆ,ସେକ୍ ଜୁନେଟ,ମନୋଜ ଭୂୟାଁ,ଶ୍ରୀକାନ୍ତ ପଣ୍ଡା,ଅକ୍ଷୟ ପଲାଇ,ପ୍ରଦୀପ ନାୟକ,ଉପେନ୍ଦ୍ର ବରାଳ,ରବିନ୍ଦ୍ର ମଲ୍ଲିକ,ପ୍ରଶାନ୍ତ ବରାଳ,ବିନୋଦ ନାୟକ,ଜଗନ୍ନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେପିର ସଂକଳ୍ପ ପତ୍ର-୨୦୨୪

# ମୋଦିଙ୍କ ଗ୍ୟାରେଣ୍ଟି - ଓଡ଼ିଆ ସଂସ୍କରଣ ଲୋକାର୍ପିତ

ଭୁବନେଶ୍ୱର (ସବ୍ୟୁ) : 'ରିଫର୍ମ - ପରଫର୍ମ - ଟ୍ରାନ୍ସଫର୍ମ'କୁ ମୁଳମନ୍ତ୍ର ଏବଂ ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସକୁ ଆଧାର କରି ମୋଦି ସରକାର 'ସୁରକ୍ଷିତ ଭାରତ - ସମୃଦ୍ଧ ଭାରତ' ଗଠନ ପାଇଁ ସଂକଳ୍ପବଦ୍ଧ । ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଦେଶବାସୀଙ୍କୁ ଦିଆଯାଇଥିବା ୨୩୫ଟି ପ୍ରତିଶ୍ରୁତି ମଧ୍ୟରୁ ୨୨୨ଟି ପ୍ରତିଶ୍ରୁତିକୁ ପାଳନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଜୀ । ମୋଦି ସରକାରଙ୍କ ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶର ବିକାଶଯାତ୍ରାକୁ ତ୍ୱରାନ୍ୱିତ କରି ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଉଦ୍ଦେଶ୍ୟରେ ବିଜେପି ତରଫରୁ 'ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି ପ୍ରକାଶ ପାଇଛି । ସୋସିଆଲ, ଫିଜିକାଲ୍ ଓ ଡିଜିଟାଲ ଭିତିଭୂମିକୁ ସୁଦୃଢ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର 'ବିକଶିତ ଭାରତ ଏବଂ ବିକଶିତ ଓଡିଶା ଗଠନ'ରେ 'ବୁଷ୍ଟର' ସଦୃଶ ହେବ । ଗତ ୧୪ ତାରିଖ ପବିତ୍ର ପଣାସଂକ୍ରାନ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା, ଇସ୍ତାହାର କମିଟି ସଂଯୋଜକ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ 'ବିଜେପିର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଂଟି' ଉନ୍ମୋଚନ କରିଥିଲେ । ସେହି ସଂକଳ୍ପ ପତ୍ରର ଓଡିଆ ସଂସ୍କରଣକୁ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହୋଇଛି । ଆଜି ଦେଶର ୮୦କୋଟିରୁ ଅଧିକ ନାଗରିକ ମାଗଣା ରାସନ ପାଉଛନ୍ତି, ୫୦କୋଟିରୁ ଅଧିକ ନାଗରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଯୋଗ ଦେଇଛନ୍ତି । ୩୪ଲକ୍ଷ କୋଟି ଟଙ୍କା ସିଧାସଳଖ ଲୋକଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଛି । ମାଗଣା ସ୍ୱାସ୍ଥ୍ୟ ବୀମା ଅଧୀନରେ ୩୪କୋଟିରୁ ଅଧିକ ନାଗରିକ ଅନ୍ତର୍ଭୁକ୍ତ ହୋଇଛନ୍ତି । ୪କୋଟିରୁ ଅଧିକ ପରିବାରକୁ ବର୍ତମାନ ସୁଦ୍ଧା ପକ୍କା ଘର ମିଳିଛି । ୧୪କୋଟିରୁ ଅଧିକ ପରିବାର ବିଶୁଦ୍ଧ ଟ୍ୟାପି ପାଣି ସୁବିଧା ପାଇଛନ୍ତି । ୧୦କୋଟିରୁ ଅଧିକ ମହିଳାଙ୍କ ନିକଟରେ ସ୍ୱଚ୍ଛ ରନ୍ଧନ ଗ୍ୟାସ ରହିଛି । ଏହି ସଂକଳ୍ପପତ୍ରକୁ ଓଡ଼ିଶାରେ ବହୁ ମାତ୍ରାରେ ପ୍ରଚାର ପ୍ରସାର କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଯାହାର କେହି ନାହିଁ, ତା ପାଖରେ ମୋଦି ଗ୍ୟାରେଂଟି ରହିଛି। ସମଗ୍ର ଦେଶରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ଏହି ସଂକଳ୍ପ ପତ୍ର ତଥା ମୋଦି ଗ୍ୟାରେଂଟିରୁ ସର୍ବାଧିକ ଲାଭ ପାଇବ ଓଡିଶା ରାଜ୍ୟ । ରାଜ୍ୟରେ ମୋଦି ଗ୍ୟାରେଂଟି ପ୍ରତି ଓଡିଶାବାସୀ ଆସ୍ଥା ପ୍ରକଟ କରିଛନ୍ତି । ଓଡିଶାରେ ବିଜେପିର ସରକାର ଗଠନ ହେବ ଏବଂ ପ୍ରତ୍ୟେକ ଓଡିଶାବାସୀ ମୋଦି ଗ୍ୟାରେଂଟିର ଲାଭବାନ ହେବେ । ଓଡିଶାର ସାମୁହିକ ବିକାଶ ହେବ ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ଜୁଏଲ ଓରାମ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ସମ୍ପାଦକ କସ୍ତୁରୀ ମିଶ୍ର, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଦିଲୀପ ମଲ୍ଲିକ, ବରିଷ୍ଠ ନେତା ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



**ଚାଷୀ, ଗରିବ, ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ 'ବିଜେପିର ସଂକଳ୍ପ ପତ୍ର : ମନମୋହନ**

# ଆମାଜନ ଫ୍ୟାସନର ସ୍ପ୍ରିଂ-ସମର'୨୪ କଲେକ୍ସନ ସହ ନୂଆ ସିଜିନ ସହିତ ହର ପଲ୍ ଫେଶନେବଲ୍ ରୁହନ୍ତୁ

ଭୁବନେଶ୍ୱର (ସବ୍ୟୁ): ଋତୁ ପରିବର୍ତନ ଏବଂ ସୁନ୍ଦର ଓ ଜୀବନ୍ତ ବସନ୍ତ ଆରମ୍ଭ ହେବା ପରେ ଆମାଜନ ଫ୍ୟାଶନ ଏହାର ବହୁ ପ୍ରତୀକ୍ଷିତ ସ୍ପ୍ରିଂ ସମର'୨୪ କଲେକ୍ସନ ସହିତ ପୁଣି ଥରେ ଫେରିଛି। ଏହି ନୂଆ ସଂକଳନରେ ବସନ୍ତ ଓ ଗ୍ରୀଷ୍ମଋତୁର ସାରକୁ ଏକ ଜୀବନ୍ତ ରଙ୍ଗ, ଚମତ୍କାର ଡିଜାଇନ୍ ଏବଂ ଆହୁରି ଅନେକ କିଛି ସହିତ ଚିତ୍ରିତ କରାଯାଇଛି ଯାହା ନିଶ୍ଚିତ ଭାବରେ ଆପଣଙ୍କ ଷ୍ଟାଇଲରେ ଏକ ଅତୁଳନୀୟ ପରିବର୍ତନ ଆଣିବ। ଏହି ଷ୍ଟୋରରେ ୨୦୦ ରୁ ଅଧିକ ଟପ୍ ଫ୍ୟାସନ୍ ଏବଂ ବିୟୁଟି ବ୍ରାଣ୍ଡ ରେ ୧୦୦୦ ରୁ ଅଧିକ ଷ୍ଟାଇଲ୍ ରହିଛି, ଯେଉଁଥିରେ ସମସ୍ତଙ୍କ ବ୍ୟକ୍ତିତ୍ୱକୁ ଅନୁକୂଳ କରିବା ପାଇଁ ମଜାଦାର ଫ୍ଲୋରାଲ୍, ଗ୍ରାଫିକ୍ ଏଡିଟ୍, ଷ୍ଟାଇଲାଇଜ୍ଡ ବଟମ୍ ଏବଂ ଗ୍ରୀଷ୍ମକାଳୀନ ମିଡ୍ ଠାରୁ ଆରମ୍ଭ କରି ବ୍ୟାୟାମ ଅତ୍ୟାବଶ୍ୟକ, ଷ୍ଟେପି ଷ୍ଟାଇଲ୍ ଏବଂ ଓଭରସାଇଜ୍ ଏଡିଟ୍ ପର୍ଯ୍ୟନ୍ତ ରହିଛି। ସମର ଅଫ୍ ଲଭ୍, ଇଣ୍ଡି ସମର, ହେରିଟେଜ୍ ଗେଟୱେ ବିଚ୍ ଡ୍ରିମ୍, ଏକ୍ସପ୍ଲୋରାର କ୍ଲବ୍ ଏବଂ ଲାଷ୍ଟ ରିସୋର୍ଟ ଭଳି ଚୟନ ସହିତ ସାରା ଗ୍ରୀଷ୍ମଋତୁରେ ଏକ ଅତୁଳନୀୟ ସମ୍ଭାର ରହିଛି । ଚିକ୍ କଟ୍, ବୋଲ୍ଡ ଫ୍ଲୋରାଲ୍, ଫିଟ୍ ଆଣ୍ଡ ଫ୍ଲେୟାର ଡ୍ରେସ୍, ମ୍ୟାକ୍ସି ସ୍କର୍ଟ, ଗ୍ରୀଷ୍ମକାଳୀନ ବ୍ରାଲେଟ୍, ଡେନିମ୍ ଡ୍ରେସ୍, ଇନ୍-ଭୋଗ୍ ଆକ୍ସେସରିଜ୍, ଚିକ୍ ୱାଚେସ, ଟ୍ରେଣ୍ଡି ହ୍ୟାଣ୍ଡବ୍ୟାଗ୍, କଲ-ପପ୍ ଟି-ସାର୍ଟ, କାଜୁଆଲ୍ ସାର୍ଟ, ଫ୍ୟାସନ୍-ଫରୱାର୍ଡ ସ୍ନିକର୍ସ, ଭ୍ରମଣ ନିହାତି ଆବଶ୍ୟକ, କୋମଳ ତ୍ୱଚା ଏବଂ କେଶର ଯତ୍ନ, କଲରଫୁଲ୍ ଆଇ ପ୍ୟାଲେଟ୍ ଆଦିରୁ ଚୟନ କରନ୍ତୁ ।

# ନୂଆଦିଲ୍ଲୀରେ ସୋଆକୁ ୩ଟି ସିଏସ୍‌ଆର୍ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ୩ ଟି ସିଏସ୍‌ଆର୍ ସମ୍ମାନ ପ୍ରଦାନ କରାଯାଇଛି। ଗତ ରବିବାର ଦିନ ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍‌ଆର୍ ସମ୍ମାନ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି।

ସୋଆ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ୨୦୨୪ ନିମନ୍ତେ 'ସିଏସ୍‌ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି - ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ 'ସିଏସ୍‌ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନରେ ଭୂଷିତ କରାଯାଇଛି। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ହସ୍ପିଟାଲିଟି ଆଣ୍ଡ ଟୁରିଜିମ୍ ମ୍ୟାନେଜମେଣ୍ଟ - ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଂଟକୁ 'ସିଏସ୍‌ଆର ଟପ୍ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ହୋଟେଲ୍ ଲି ମେରିଡିଏନ୍ ଠାରେ ଆୟୋଜିତ ଏହି ଉତ୍ସବରେ ପ୍ରୀତମ ନାୟକ ସିଏସ୍‌ଆର୍‌ର ଅଧକ୍ଷ ଡକ୍ଟର ଏସ୍.କେ ସଚଦେବଙ୍କ ଠାରୁ ଏହି ୩ଟି ସମ୍ମାନ ଗ୍ରହଣ କରିଥିଲେ।




# ୨୦୨୩-୨୪ ଆର୍ଥିକ ବର୍ଷରେ ରିଲାଏନ୍ସ ଜିଓର ନେଟ ଲାଭ ୨୦୪୬୬ କୋଟି ଟଙ୍କା

ଭୁବନେଶ୍ୱର (ସବ୍ୟୁ): ଦେଶର ସର୍ବବୃହତ ଦୂରସଂଚାର ସେବା ପ୍ରଦାନକାରୀ କମ୍ପାନୀ ରିଲାଏନ୍ସ ଜିଓ ଇନ୍ଫୋକମ ଲିମିଟେଡ଼ ପକ୍ଷରୁ ଆଜି ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସ ତଥା ସମ୍ପୂର୍ଣ୍ଣ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷର ଜାନୁୟାରୀ ରୁ ମାର୍ଚ୍ଚ ଯାଏ ଚତୁର୍ଥ ତ୍ରୟମାସରେ ରିଲାଏନ୍ସ ଜିଓ ଇନ୍ଫୋକମ ଲିମିଟେଡ଼ ୫୩୩୭ କୋଟି ଟଙ୍କା ନେଟ ଲାଭ ହାସଲ କରିଥିବା ବେଳେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ରିଲାଏନ୍ସ ଜିଓର ନେଟ ଲାଭ ୨୦୪୬୬ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଜାନୁୟାରୀ ରୁ ମାର୍ଚ୍ଚ ଯାଏ ଚତୁର୍ଥ ତ୍ରୟମାସରେ ରିଲାଏନ୍ସ ଜିଓ ଇନ୍ଫୋକମ ଲିମିଟେଡ଼ର ନେଟ ଲାଭ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୧୩.୧୬ ପ୍ରତିଶତ ବୃଦ୍ଧି ପାଇଛି । ଏହି ତ୍ରୟମାସରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୨୫୯୫୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସେହିଭଳି ୨୦୨୩-୨୪ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ରିଲାଏନ୍ସ ଜିଓର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୧୨.୪ ପ୍ରତିଶତ ବୃଦ୍ଧି ସହିତ ୨୦୪୬୬ କୋଟି ଟଙ୍କାରେ ପହଞ୍ଚିଛି । ଆଲୋଚ୍ୟ ଆର୍ଥିକ ବର୍ଷରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ୧୦.୨ ପ୍ରତିଶତ ବଢି ୧,୦୦,୧୧୯ କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ଜିଓର ଟ୍ରୁ ୫ଜି ନେଟୱାର୍କରେ ୧୦.୮ କୋଟିରୁ ଉର୍ଦ୍ଧ୍ୱ ଉପଭୋକ୍ତା ରହିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଜିଓର ମୋଟ ଗ୍ରାହକ ସଂଖ୍ୟା ୪୮.୧୮ କୋଟିକୁ ବୃଦ୍ଧି ପାଇଥିବା ବେଳେ ଗ୍ରାହକ ପ୍ରତି ରାଜସ୍ୱ ପ୍ରତିମାସ ୧୮୧.୭ ଟଙ୍କା ରହିଛି ।

## ଏୟାରଟେଲ ସାରା ବିଶ୍ୱରେ ଯାତ୍ରା କରୁଥିବା ଗ୍ରାହକଙ୍କ ପାଇଁ

# ସୁଲଭ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍ ଆରମ୍ଭ କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ ('ଏୟାରଟେଲ୍') ଆଜି ବିଦେଶ ଯାତ୍ରା କରୁଥିବା ଗ୍ରାହକଙ୍କ ପାଇଁ ସୁଲଭ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍ ଆରମ୍ଭ କରିଛିଛ ନୂଆ ପ୍ୟାକ୍ ଗୁଡ଼ିକ ମଧ୍ୟରେ ୧୮୪ଟି ଦେଶକୁ ଆକ୍ସେକ୍ ସୁବିଧା ରହିଛି ଏବଂ ଦୈନିକ ଶୁଳ୍କ ସର୍ବନିମ୍ନ ୧୩୩ ଟଙ୍କାରୁ ଆରମ୍ଭ, ଯାହା ସ୍ଥାନୀୟ ସିମ୍ ତୁଳନାରେ ମଧ୍ୟ ଏହାକୁ ଏକ ସୁଲଭ ବିକଳ୍ପରେ ପରିଣତ କରିଛି । ଏହାବ୍ୟତୀତ, ସେମାନେ ଉନ୍ନତ ଡାଟା ସୁବିଧା, ଇନ୍-ଫ୍ଲାଇଟ୍ ସଂଯୋଗ ଏବଂ ୨୪ଓ୭ ଯୋଗାଯୋଗ ସେଣ୍ଟର ସହାୟତା ପ୍ରଦାନ କରନ୍ତି । ଜିନିଷକୁ ଯଥାସମ୍ଭବ ସୁବିଧାଜନକ କରିବା ପାଇଁ ଏୟାରଟେଲ ଏହା ମଧ୍ୟ ସୁନିଶ୍ଚିତ କରିଛି ଯେ ଏହି ୧୮୪ଟି ଦେଶକୁ ଯାତ୍ରା କରୁଥିବା ଗ୍ରାହକମାନଙ୍କୁ ଆଉ ବିଭିନ୍ନ ଯାତ୍ରା ଗନ୍ତବ୍ୟ ସ୍ଥଳ ପାଇଁ ଏକାଧିକ ପ୍ୟାକ୍ ସବସ୍କ୍ରାଇବ୍ କରିବାକୁ ପଡିବ ନାହିଁ ଏବଂ ଗୋଟିଏ ପ୍ୟାକ୍ ମାଧ୍ୟମରେ କେବଳ ଯାତ୍ରା ଅବଧି ଚୟନ କରି ଏବଂ ସବୁଠାରୁ ସୁଲଭ ଉପାୟରେ ବିଶ୍ୱର ଯେକୌଣସି ସ୍ଥାନରେ ନିରବଚ୍ଛିନ୍ନ ସଂଯୋଗ ଉପଭୋଗ କରିପରିବେ । ଭାରତୀ ଏୟାରଟେଲର କଷ୍ଟମର ଏକ୍ସପିରିଏନ୍ସ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଅମିତ ତ୍ରିପାଠୀ କହିଛନ୍ତି, ଏୟାରଟେଲରେ ଆମର ଲକ୍ଷ୍ୟ ହେଉଛି ଗ୍ରାହକଙ୍କ ସମସ୍ୟାର ସମାଧାନ କରିବା ଏବଂ ଅଧିକ ସୁବିଧା ପ୍ରଦାନ କରିବା । ଆମେ ସୁଲଭ ଏବଂ ସରଳୀକୃତ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍ ଲଞ୍ଚ କରି ଖୁସି ଯାହା ବିଶ୍ୱର ଯେକୌଣସି ସ୍ଥାନରେ ଯାତ୍ରା କରୁଥିବା ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ରୋମିଂ ଆକ୍ସେସ୍ ପ୍ରଦାନ କରିବାରେ ସକ୍ଷମ ହେବ । ଅନେକ ଦେଶର ସ୍ଥାନୀୟ ସିମ୍ ତୁଳନାରେ ଏହି ପ୍ୟାକ୍ ଗୁଡ଼ିକ ଅଧିକ ମୂଲ୍ୟ ପ୍ରଦାନ କରିଥାଏ ଏବଂ ଅଧିକ ଲାଭ ପ୍ରଦାନ କରିଥାଏ ଯାହା ସୁଲଭ ଅଟେ । ନୂଆ ପ୍ୟାକ୍ ପ୍ରକୃତରେ ଗ୍ରାହକମାନଙ୍କ ପାଇଁ ଆମର ମୂଲ୍ୟକୁ ପୁନଃର୍ନିଦ୍ଧାରଣ କରିବ ଏବଂ ସେମାନଙ୍କୁ ସୁଲଭ ଶୁଳ୍କରେ ଡାଟା ଏବଂ ଭଏସ୍ ବ୍ୟବହାର କରିବାର ସ୍ୱାଧୀନତା ପ୍ରଦାନ କରିବ ।

# ଉପଭୋକ୍ତାଙ୍କ ଉପରେ ମହଙ୍ଗାମାଡ଼ ଆଶଙ୍କା

**ନୂଆଦିଲ୍ଲୀ:** ଆସନ୍ତା ମେ' ମାସରୁ କେତେକ ନିୟମରେ ପରିବର୍ତ୍ତନ ହେବାକୁ ଯାଉଛି । ଏହି ପରିବର୍ତ୍ତନଗୁଡ଼ିକ ସାଧାରଣ ଲୋକଙ୍କ ପକେଟକୁ ସିଧାସଳଖ ପ୍ରଭାବିତ କରିବ । ଉପଭୋକ୍ତାଙ୍କ ଉପରେ ମହଙ୍ଗା ମାଡ଼ ହେବ ।



ଏସବୁ ପରିବର୍ତ୍ତନ ମଧ୍ୟରେ ଏଲପିଜି ସିଲିଣ୍ଡରର ମୂଲ୍ୟଠାରୁ ଆରମ୍ଭ କରି ବ୍ୟାଙ୍କଗୁଡ଼ିକର ସେଭିଂ ଆକାଉଣ୍ଟ ସମ୍ବନ୍ଧୀୟ ଚାର୍ଜ ପର୍ଯ୍ୟନ୍ତ ଅନେକ ପରିବର୍ତ୍ତନ ଅନ୍ତର୍ଭୁକ୍ତ ରହିଛି । ୟେସ୍ ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କର ସଞ୍ଚୟ ଆକାଉଣ୍ଟରେ ଗ୍ରାହକଙ୍କୁ ସେବା ପାଇଁ ୧ ମେ'ଠାରୁ ଅଧିକ ଟଙ୍କା ଦେବାକୁ ପଡିବ । ଏହି ବ୍ୟାଙ୍କଗୁଡିକ ସେମାନଙ୍କର ସଞ୍ଚୟ ଆକାଉଣ୍ଟରେ ଅନେକ ଚାର୍ଜ ବୃଦ୍ଧି କରିଛନ୍ତି । ବରିଷ୍ଠ ନାଗରିକଙ୍କ ପାଇଁ ଏଚଡିଏଫସି ଦ୍ୱାରା ଜାରି ରହିଥିବା ଯୋଜନା ୧୦ ମେ'୨୦୨୪ରେ ଶେଷ ହେଉଛି । ଏଥିରେ ବିନିଯୋଗ ପାଇଁ ବହୁତ କମ୍ ଦିନ ବାକି ଅଛି ।

ପ୍ରତି ମାସର ପ୍ରଥମ ଦିନରେ ଦେଶରେ ଏଲପିଜି ସିଲିଣ୍ଡରର ମୂଲ୍ୟରେ ପରିବର୍ତ୍ତନ ଆସିଥାଏ । ତେଲ ମାର୍କେଟିଂ କମ୍ପାନୀଗୁଡିକ ଏଲପିଜି ସିଲିଣ୍ଡରର ମୂଲ୍ୟ ସ୍ଥିର କରିଥାନ୍ତି । କମ୍ପାନୀଗୁଡିକ ୧୪ କିଲୋଗ୍ରାମ ଘରୋଇ ଏବଂ ୧୯ କିଲୋଗ୍ରାମ ବ୍ୟବସାୟିକ ସିଲିଣ୍ଡରର ମୂଲ୍ୟ ସ୍ଥିର କରନ୍ତି । ଏହା ସହିତ, ସିଏନଜି ଏବଂ ପିଏନଜିର ମୂଲ୍ୟ ମଧ୍ୟ ସ୍ଥିର କରାଯାଇଥାଏ । ଏଭଳି ପରିସ୍ଥିତିରେ ମେ' ମାସର ପ୍ରଥମ ଦିନ ଗ୍ୟାସ ମୂଲ୍ୟରେ ପରିବର୍ତ୍ତନ ହୋଇପାରେ ।

ୟେସ୍ ବ୍ୟାଙ୍କର ୱେବସାଇଟ୍ ଅନୁଯାୟୀ, ବିଭିନ୍ନ ପ୍ରକାରର ସଞ୍ଚୟ ଖାତାର ସର୍ବନିମ୍ନ ହାରାହାରି ବାଲାନ୍ସ ପରିବର୍ତ୍ତନ କରାଯାଇଛି । ଆକାଉଣ୍ଟ ପ୍ରୋ ମ୍ୟାକ୍ସରେ ସର୍ବନିମ୍ନ ହାରାହାରି ବାଲାନ୍ସ ୫୦ ହଜାର ଟଙ୍କା ହେବ । ସର୍ବାଧିକ ଚାର୍ଜ ପାଇଁ ୧୦୦୦ ଟଙ୍କା ସୀମା ସ୍ଥିର କରାଯାଇଛି । ବର୍ତ୍ତମାନ ସେଭିଂ ଆକାଉଣ୍ଟ୍ ପ୍ରୋ ପ୍ଲସରେ ସର୍ବନିମ୍ନ ବାଲାନ୍ସ,ୟେସ୍ ଏସେନ୍ସ ଏସଏ, ୟେସ୍ ରେସପେକ୍ଟ ଏସଏ ୨୫ ହଜାର ଟଙ୍କା ହେବ । ଏହି ଆକାଉଣ୍ଟ ପାଇଁ ସର୍ବାଧିକ ଦେୟ ସୀମା ୭୫୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହା ସହିତ, ବର୍ତ୍ତମାନ ସେଭିଂ ଆକାଉଣ୍ଟ୍ ପ୍ରୋରେ ସର୍ବନିମ୍ନ ବାଲାନ୍ସ ୧୦ ହଜାର ଟଙ୍କା ହେବ । ଦେୟ ପାଇଁ ସର୍ବାଧିକ ସୀମା ୭୫୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ପରିବର୍ତ୍ତନଗୁଡିକ ୧ ମେ'ରୁ କାର୍ଯ୍ୟକାରୀ ହେବ ।

ଆଇସିଆଇସିଆଇ ବ୍ୟାଙ୍କ ଏହାର ସଞ୍ଚୟ ଆକାଉଣ୍ଟ ସହିତ ଜଡିତ ସେବା ଚାର୍ଜର ନିୟମକୁ ମଧ୍ୟ ପରିବର୍ତ୍ତନ କରିଛି । ବର୍ତ୍ତମାନ ଡେବିଟ୍ କାର୍ଡ ପାଇଁ ଗ୍ରାହକଙ୍କୁ ସହରାଞ୍ଚଳରେ ବାର୍ଷିକ ୨୦୦ ଟଙ୍କା ଏବଂ ଗ୍ରାମାଞ୍ଚଳରେ ୯୯ ଟଙ୍କା ଦେବାକୁ ପଡିବ । ଏହା ସହିତ, ବର୍ତ୍ତମାନ ଉପଭୋକ୍ତାଙ୍କୁ ବ୍ୟାଙ୍କର ୨୫ପୃଷ୍ଠାର ଚେକ୍ ବୁକ୍ ପାଇଁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ । ଏଥିସହିତ ଗ୍ରାହକଙ୍କୁ ପ୍ରତି ପୃଷ୍ଠା ପାଇଁ ୪ ଟଙ୍କା ଦେୟ ଦେବାକୁ ପଡିବ । ବର୍ତ୍ତମାନ ପ୍ରତି ଆଇଏମପିଏସର କାରବାର ପରିମାଣ ୨.୫୦ ଟଙ୍କାରୁ ୧୫ ଟଙ୍କା ମଧ୍ୟରେ ସ୍ଥିର ହୋଇଛି ।

## ଅରୁଣାଚଳର ୮ଟି ବୁଥରେ ହେବ ପୁଣି ଭୋଟିଂ




**ଇଟାନଗର:** ଅରୁଣାଚଳ ପ୍ରଦେଶର ୮ଟି ବୁଥରେ ପୁଣି ହେବ ନିର୍ବାଚନ । ଏଠାରେ ଲୋକେ ପୁଣିଥରେ ମତଦାନ କରିବେ । ଲୋକସଭା ନିର୍ବାଚନ ପାଇଁ ଏପ୍ରିଲ ୧୯ ପ୍ରଥମ ପର୍ଯ୍ୟାୟରେ ଅରୁଣାଚଳ ପ୍ରଦେଶରେ ଭୋଟିଂ ହୋଇଥିଲା ।

ପ୍ରଥମ ପର୍ଯ୍ୟାୟ ଭୋଟିଂ ବେଳେ ଅନେକ ସ୍ଥାନରେ ହିଂସା ଓ ଭଙ୍ଗରୁଜା ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା । ଏହାକୁ ଦୃଷ୍ଟିରେ ରଖି ଏଠାକାର ୮ଟି ବୁଥରେ ପୁଣି ଥରେ ମତଦାନ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଏପ୍ରିଲ ୨୪ ତାରଖରେ ଏଠାରେ ପୁଣିଥରେ ଭୋଟିଂ କରାଯିବ । ଏପ୍ରିଲ ୧୯ରେ ରାଜ୍ୟରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ତେବେ ଏହି ସମୟରେ କିଛି ମତଦାନ କେନ୍ଦ୍ରରେ ଅସଦାଚରଣ, ଭଙ୍ଗାରୁଜା, ଭୋଟ୍ ହିଂସା ଏବଂ ଇଭିଏମ୍ ଛଡ଼ାଇ ନେବାକୁ ଉଦ୍ୟମ କରାଯାଇଥିବା ଖବର ସାମ୍ନାକୁ ଆସିଥିଲା । ଏହାପରେ ଏବେ ପୁଣି ଥରେ ଏଠାରେ ମତଦାନ ନିର୍ଦ୍ଦେଶ ଦିଆଯାଇଛି ।

## ଚାକିରି ଦୁର୍ନୀତିରେ ହାଇକୋର୍ଟଙ୍କ ରାୟ
## ପ.ବଙ୍ଗରେ ୨୪,୦୦୦ ଶିକ୍ଷକ ନିଯୁକ୍ତି ରଦ୍ଦ

**କୋଲକାତା:** ପଶ୍ଚିମବଙ୍ଗ ସରକାରୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ମାମଲାରେ ଏକ ବଡ଼ ରାୟ ଶୁଣାଇଛନ୍ତି ରାଜ୍ୟ ଉଚ୍ଚ ନ୍ୟାୟାଳୟ । ଆଜି ଅଦାଲତ ଏ ଉପରେ ଶୁଣାଣି କରି ୨୦୧୬ ନିଯୁକ୍ତି ପ୍ୟାନେଲକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରି ଦେଇଛନ୍ତି । ଯାହା ଫଳରେ ୨୪,୦୦୦ ଜଣଙ୍କ ଚାକିରି ରଦ୍ଦ ହୋଇଯାଇଛି । କେବଳ ଏତିକି ନୁହେଁ ଚାକିରି ପାଇଥିବା ବ୍ୟକ୍ତିଙ୍କୁ ଚାରି ସପ୍ତାହ ମଧ୍ୟରେ ଦରମା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ଆଜି କଲିକତା ହାଇକୋର୍ଟ ଚାକିରି ଦୁର୍ନୀତି ମାମଲାର ଶୁଣାଣି କରିଥିଲେ । ଜଷ୍ଟିସ ଦେବଙ୍ଗସୁ ବାସକ ଏବଂ ଏମ.ଡି ଶବର ରଶିଦିଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ୨୦୧୬ ନିଯୁକ୍ତି ପ୍ୟାନେଲକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରି ଦେଇଛନ୍ତି । ଶୁଣାଣି ସମୟରେ କୋର୍ଟ କହିଛନ୍ତି, ବେଆଇନ ଭାବେ ନିଯୁକ୍ତି ପାଇଥିବା ସ୍କୁଲ ଶିକ୍ଷକମାନଙ୍କୁ ଚାରି ସପ୍ତାହ ମଧ୍ୟରେ ଦରମା ଫେରସ୍ତ କରିବାକୁ ପଡିବ । ଏହି ଶିକ୍ଷକମାନଙ୍କଠାରୁ ଜିଲ୍ଲା ମାଜିଷ୍ଟ୍ରେଟ ଟଙ୍କା ସଂଗ୍ରହ କରିବେ । ଏଥିସହ କୋର୍ଟ ମଧ୍ୟ ୨୩ ଲକ୍ଷ ସିଟ୍ (ପରୀକ୍ଷା ଖାତାର) ପୁନଃ ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାତିଲ ହୋଇଥିବା ନିଯୁକ୍ତି ପ୍ୟାନେଲରେ ୨୦୧୬ରେ ଚାକିରି ପାଇଥିବା ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ଅଛନ୍ତି । ଏମାନେ (ୱେଷ୍ଟ ୱେଙ୍ଗଲ ସର୍ଭିସ କମିଶନ) ଏଣ୍ଟ୍ରାନ୍ସ ପରୀକ୍ଷା ୨୦୧୬ ଅଧୀନରେ ନିଯୁକ୍ତି ପାଇଥିଲେ ।



# ମୋଦିଙ୍କ ବୟାନକୁ ବିରୋଧୀଙ୍କ କଡ଼ା ସମାଲୋଚନା

**ଜୟପୁର:** ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବେଆଇନ ଅପ୍ରବାସୀ ବା ଅନୁପ୍ରବେଶକାରୀ' ବୟାନକୁ ନେଇ ବିବାଦ ଦେଖାଯାଇଛି । ରବିବାର ରାଜସ୍ଥାନର ବଂଶୱାରାରେ ମୋଦି ବିଜେପିର ଜୋରଦାର ପ୍ରଚାର କରିଥିଲେ । ଏହି ସମୟରେ ସେ ଅନୁପ୍ରବେଶକାରୀଙ୍କୁ ବିରୋଧୀ ଦେଶର ସବୁ କିଛି ଦେଇ ଦେବାକୁ ଚାହୁଁଥିବା ଦାବି କରିଥିଲେ । ଏହାକୁ ନେଇ ବିରୋଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି ଯେ ବିଜେପି ଦେଶର ପ୍ରକୃତ ପ୍ରସଙ୍ଗରୁ ନଜର ହଟାଇବାକୁ ଚାହୁଁଛି । ସେହିପରି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ହତାଶ ହୋଇଗଲେଣି । ରବିବାର ମୋଦି କହିଥିଲେ ଯେ ଲୋକଙ୍କ ଝାଳ ବୁହା ଅର୍ଥ ଓ ଆମ ମହିଳାମାନଙ୍କ ସୁନାକୁ କଂଗ୍ରେସ ଯେଉଁମାନଙ୍କର ଅଧିକ ଛୁଆ ଅଛନ୍ତି, ସେମାନଙ୍କୁ ଦେଇ ଦେବାକୁ ଲକ୍ଷ୍ୟ ରଖିଛି । ଏହାକୁ କ'ଣ ଦେବାବାସୀ ଗ୍ରହଣ କରିବେ? କଂଗ୍ରେସ ଇସ୍ତାହାରେ କୁହାଯାଇଛି ଯେ ସେମାନେ ଆମ ମା' ଓ ଭଉଣୀମାନଙ୍କ ସୁନାର ହିସାବ କରିବେ ।

ଏହାର ତଥ୍ୟ ସଂଗ୍ରହ କରିବେ ଓ ପରେ ଏହାକୁ ସେହିମାନଙ୍କୁ ଦେଇଦେବେ ଯାହାଙ୍କର ପ୍ରଥମ ଅଧିକାର ଦେଶର ସମ୍ବଳ ଉପରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କହିଥିଲେ । ଯେତେବେଳେ ସେମାନେ(କଂଗ୍ରେସ) ସରକାରରେ ଥିଲେ ସେମାନେ କହୁଥିଲେ ଯେ ଭାରତର ସମ୍ବଳ ଉପରେ ମୁସଲିମମାନଙ୍କର ପ୍ରଥମ ଅଧିକାର ରହିଛି ।

ତେଣୁ ସେମାନେ ଆପଣମାନଙ୍କର ସମ୍ପତ୍ତି ସେହି ମାନଙ୍କୁ ଦେବେ ଯେଉଁମାନଙ୍କର ଅଧିକ ପିଲାଛୁଆ ରହିଛନ୍ତି । ସେମାନେ ଅନୁପ୍ରବେଶକାରୀଙ୍କୁ ସମ୍ପତ୍ତିର ଅଧିକାର ଦେବେ । ଏପରି ଅର୍ବାନ ନକ୍ସଲ ଚିନ୍ତାଧାରାର ଲୋକମାନେ ଆପଣମାନଙ୍କର ମଙ୍ଗଳସୂତ୍ରକୁ ମଧ୍ୟ ଛାଡ଼ିବେ ନାହିଁ ।



ତେବେ ଏପରି ବୟାନକୁ ରାହୁଲ ଗାନ୍ଧି ସମାଲୋଚନା କରିଛନ୍ତି । ସେ କହିଛନ୍ତି, ବେକାରୀ ଓ ମୁଦ୍ରାସ୍ଫୀତି ଏବେ ଦେଶରେ ସର୍ବୋଚ୍ଚ ସ୍ତରରେ ରହିଛି । ତଥାପି ନରେନ୍ଦ୍ର ମୋଦି କହୁଛନ୍ତି ସବୁ କିଛି ଠିକ ଅଛି । ସେମାନଙ୍କ ପାଖରେ ମୁଖ୍ୟ ପ୍ରସଙ୍ଗକୁ ଧ୍ୟାନଚ୍ୟୁତ କରିବା ପାଇଁ ନୂଆ ନୂଆ ଟେକନିକ ସବୁ ରହିଛି । କିନ୍ତୁ ମିଛ କାରବାରର ଶେଷ ବହୁତ ଶୀଘ୍ର ହେବ ।

ଇତିହାସରେ ଏପରି ହୀନ ରାଜନୀତି କେବେ ହେଲେ ଦେଖିବାକୁ ମିଳି ନଥିଲା ବୋଲି ରାଜ୍ୟସଭା ସାଂସଦ ତଥା ବରିଷ୍ଠ ଆଇନଜୀବୀ କପିଲ ଶିବଲ କହିଛନ୍ତି । ଏଥିସହ ଦେଶର ୨୦ କୋଟି ଲୋକ ପ୍ରଧାନମନ୍ତ୍ରୀଙ୍କ ପାଇଁ କିଛି ଗୁରୁତ୍ୱ ବହନ କରନ୍ତି କି ନାହିଁ ସେ ପ୍ରଶ୍ନ କରିଛନ୍ତି । ଶ୍ରୀ ଶିବଲ ନିର୍ବାଚନ କମିଶନ ଏପରି ବୟାନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନୋଟିସ ପଠାଇ ଜବାବ ମାଗନ୍ତୁ ବୋଲି ଦାବି କରିଛନ୍ତି । ସଞ୍ଜୟ ରାଉତ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି, ମୋଦି ବର୍ତ୍ତମାନ ମଙ୍ଗଳସୂତ୍ର କଥା କହିଲେଣି । ଏହାର ଅର୍ଥ ସେ ସଂପୂର୍ଣ୍ଣ ଭାବେ ହତାଶ । ସେ ନିର୍ବାଚନ ହାରିବାକୁ ଯାଉଛନ୍ତି । ସମ୍ଭାବ୍ୟ ପରାଜୟ ତାଙ୍କୁ ଘାଇଲା କରିଛି । ସେଥିପାଇଁ ସମ୍ଭବତଃ ସେ ଏଭଳି ଭାଷା ପ୍ରୟୋଗ କରୁଛନ୍ତି । କେମିତି ଜଣେ ବ୍ୟକ୍ତିଙ୍କ ପିଲା ସଂଖ୍ୟା ନିର୍ବାଚନ ପ୍ରଚାରର ମୁଖ୍ୟ ପ୍ରସଙ୍ଗ ହେବ ।

# ଡାକ୍ତରଙ୍କ ସହ କଥା ହେବାକୁ କେଜରିୱାଲଙ୍କୁ ଅନୁମତି ଦେଲାନି କୋର୍ଟ

**ନୂଆଦିଲ୍ଲୀ:** ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଅରବିନ୍ଦ କେଜରିୱାଲଙ୍କୁ ପୁଣି ଝଟକା ଲାଗିଛି । ସେ ମଧୁମେହ ରୋଗୀ ହୋଇଥିବାରୁ ଦୈନିକ ଭିଡିଓ କନଫରେନ୍ସିଂ ଜରିଆରେ ତାଙ୍କ ପାରିବାରିକ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଥିଲେ । ହେଲେ ଏଥିପାଇଁ କେଜରିୱାଲଙ୍କୁ ଅନୁମତି ଦେଇ ନାହାନ୍ତି ଦିଲ୍ଲୀର ଗୋଟିଏ କୋର୍ଟ । କେଜରିୱାଲଙ୍କ ଆବେଦନ ଖାରଜ ହୋଇଥିଲେ ହେଁ କୋର୍ଟ ଏମ୍ସକୁ ଗୋଟିଏ ମେଡିକା ବୋର୍ଡ ଗଠନ କରିବାକୁ କହିଛନ୍ତି । ଏହି ବୋର୍ଡ କେଜରିୱାଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ଇନସୁଲିନ ଦରକାର କି ନାହିଁ, ତା'ର ନିଷ୍ପତ୍ତି ନେବ । ସେହିପରି ତାଙ୍କର ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାର ମଧ୍ୟ ଏହି ବୋର୍ଡ ଯାଞ୍ଚ କରିବ । ସ୍ୱତନ୍ତ୍ର ସିବିଆଇ ଓ ଇଡି ମାମଲାର ଜଜ କାବେରୀ ବାୱେଜା ଆଜି କେଜରିୱାଲଙ୍କ ଆବେଦନକୁ ଖାରଜ କରିଛନ୍ତି । ତଥାପି କୋର୍ଟ କହିଛନ୍ତି ଯେ ଅରବିନ୍ଦ କେଜରିୱାଲଙ୍କୁ ତାଙ୍କ ଆବଶ୍ୟକତା ଅନୁଯାୟୀ ମେଡିକାଲ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । ଏମ୍ସ ଗଠନ କରିବାକୁ ଟିମରେ ଟିମରେ ବରିଷ୍ଠ ଏଣ୍ଡୋକ୍ରିନୋଲୋଜିଷ୍ଟ ଓ ଡାଇବେଲୋଜିଷ୍ଟ ରହିବେ । ତିହାର ଜେଲରେ କେଜ୍ରିୱାଲଙ୍କୁ ଉପଯୁକ୍ତ ମେଡିକାଲ ସୁବିଧା ଯୋଗାଇ ଦିଆଯାଉ ନଥିବା ଆପ୍ ଅଭିଯୋଗ କରିଥିଲା । ଏହାପରେ କେଜରିୱାଲ ଦୈନିକ ତାଙ୍କ ଡାକ୍ତରଙ୍କ ସହ ଭିଡିଓରେ କଥା ହେବାକୁ ଅନୁମତି ପାଇଁ ଆବେଦନ କରିଥିଲେ ।



କେଜରିୱାଲ ପୂର୍ବରୁ ମଧୁମେହ ରୋଗରେ ପୀଡ଼ିତ । ତଥାପି ସେ ଜେଲରେ ପ୍ରଚୁର ଆମ୍ବ, ଆଳୁ ପୁରୀ ଓ ମିଠା ଖାଉଛନ୍ତି । ପ୍ରତିଦିନ ସେ ମିଠା ଓ ଆମ୍ବ ଖାଇ ନିଜର ରକ୍ତ ସର୍କରାକୁ ବୃଦ୍ଧି କରିବାରେ ଲାଗିଛନ୍ତି । ରକ୍ତ ସର୍କରା ବା ବ୍ଲଡ ସୁଗାର ବିବା ପରେ ସେ ମେଡିକାଲ ଗ୍ରାଉଣ୍ଡରେ ଜାମିନ ପାଇଯିବେ ବୋଲି ଲକ୍ଷ୍ୟ ରଖିଥିବା କୋର୍ଟରେ କହିଥିଲା । ମାର୍ଚ୍ଚ ୨୧ରେ ଗିରଫ ହୋଇଥିବା କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୨ରେ ଦିଲ୍ଲୀର ଟ୍ରାଏଲ କୋର୍ଟ ୬ ଦିନ ପାଇଁ ରିମାଣ୍ଡରେ ପଠାଇଥିଲେ । ଏହାପରେ ଏହାକୁ ଆଉ ୪ ଦିନ ବୃଦ୍ଧି କରାଯାଇଥିଲା । ଏପ୍ରିଲ ୧ରୁ ସେ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ଏପ୍ରିଲ ୯ରେ ହାଇକୋର୍ଟ କେଜରିୱାଲଙ୍କ ଆବେଦନର ଶୁଣାଣି କରିଥିଲେ ମଧ୍ୟ କୌଣସି ପ୍ରକାରର ଆଶ୍ୱସ୍ତି ଦେଇ ନଥିଲେ । ତାଙ୍କ ଗିରଫଦାରୀକୁ କୋର୍ଟ ବୈଧ ଦର୍ଶାଇଥିଲେ ।

## ୟୁପି କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ

**ଲକ୍ଷ୍ନୌ:** କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପରେ ହେଲା ମରଣାନ୍ତକ ଆକ୍ରମଣ । ବିବାହ ସମାରୋହରେ ଯୋଗ ଦେବାକୁ ଯାଇଥିବା ବେଳେ କିଛି ଅଜ୍ଞାତ ଲୋକେ ନିଷାଦ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଉତ୍ତରପ୍ରଦେଶର କ୍ୟାବିନେଟ୍ ମନ୍ତ୍ରୀ ସଞ୍ଜୟ ନିଷାଦଙ୍କ ଉପରେ ଆକ୍ରମଣ କରିଛନ୍ତି । ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ଉତ୍ତରପ୍ରଦେଶର ସନ୍ଥ କବୀରନଗରରେ ଆୟୋଜିତ ଏକ ବିବାହ ସମାରୋହରେ ଯୋଗ ଦେବା ପାଇଁ ମନ୍ତ୍ରୀ ସଞ୍ଜୟ ନିଷାଦ ଯାଇଥିଲେ । ଏତିକି ବେଳେ କିଛି ଅଜଣା ବ୍ୟକ୍ତି ମନ୍ତ୍ରୀ ଓ ତାଙ୍କ ସମର୍ଥକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ମନ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ନାକରେ ଆଘାତ ଲାଗିଛି । ତାଙ୍କୁ ଜିଲ୍ଲା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେପଟେ ଏହି ଘଟଣାକୁ ନେଇ ରାଗିଯାଇ ସାଂସଦ ପ୍ରବୀଣ ନିଷାଦ ଏବଂ ତିନି ଜଣ ଦଳର ବିଧାୟକ ଜିଲ୍ଲା ଡାକ୍ତରଖାନାରେ ପହଞ୍ଚି ଧାରଣା ଦେଇଛନ୍ତି । ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ସୂଚନା ପାଇବା ପରେ ଏସପି ସତ୍ୟଜିତ୍ ଗୁପ୍ତା ଏହି ମାମଲାରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ କ୍ୟାବିନେଟ୍ ମନ୍ତ୍ରୀ ସଞ୍ଜୟ ନିଷାଦ ତାଙ୍କ ଉପରେ ହୋଇଥିବା ଆକ୍ରମଣ ପାଇଁ ସମାଜବାଦୀ ପାର୍ଟିକୁ ଦାୟୀ କରିଛନ୍ତି । ୨୦-୨୫ ଲୋକ ତାଙ୍କ ଉପରେ ହଠାତ୍ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ନାକ ଫାଟି ଯାଇଥିଲା ଓ ରକ୍ତସ୍ରାବ ହୋଇଥିଲା । ଏହାପରେ ସମର୍ଥକମାନେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ସେମାନେ ସମାଜବାଦୀ ପାର୍ଟି ବିରୋଧରେ ନାରାବାଜି ମଧ୍ୟ କରିଥିଲେ । ଏହି ମାମଲାରେ ପୁଲିସ ଅନେକ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି ।

କହିରଖୁ ଯେ, ସଞ୍ଜୟ ନିଷାଦଙ୍କ ପୁଅ ସାନ୍ଥ କବୀରନାଗରରୁ ସାଂସଦ ଅଛନ୍ତି ।

## କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ଛାତ୍ର ମୃତ



**ୱାଶିଂଟନ:** ଆମେରିକାର ଫୋନେକ୍ସ ସିଟି ଅଫ୍ ଆରିଜୋନାରେ ଭୟଙ୍କର କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତ ଦୁଇ ଛାତ୍ର ହେଲେ ମୁକ୍କା ନିବେଶ ଓ ଗୌତମ ପାରସି । ଉଭୟଙ୍କ ବୟସ ୧୯ ବର୍ଷ ହୋଇଥିବା ବେଳେ ତେଲେଙ୍ଗାନାର ବାସିନ୍ଦା ବୋଲି ଜଣାପଡିଛି । ପୁଲିସ ସୂଚନା ମୁତାବକ, ଏପ୍ରିଲ ୨୦ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁଇ ଛାତ୍ର କାରରେ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଅନ୍ୟ ଏକ କାର୍ ସହ ଏମାନଙ୍କ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ଏକ କାରର ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉଭୟ କାର୍ ପରସ୍ପର ବିପରିତ ଦିଗରେ ଯାଉଥିଲେ । ତେବେ କେଉଁ କାରଣରୁ ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେଲା ସେ ନେଇ ତଦନ୍ତ ଜାରି ରହିଥିବା ଆରିଜୋନା ପୁଲିସ କହିଛି । ନିବେଶ କରିମନଗର ଜିଲ୍ଲା ହୁଜୁରାବାଦର ବାସିନ୍ଦା ହୋଇଥିବା ବେଳେ ଗୌତମ ଜନଗାଁଓ ଜିଲ୍ଲାର ଷ୍ଟେସନ ଘନପୁରର ବାସିନ୍ଦା । ଉଭୟ ଆରିଜୋନା ଷ୍ଟେଟ୍ ୟୁର୍ନିଭସିଟିରେ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ କରୁଥିଲେ ।

# ଜିତିଲେ ବିଜେପି ପ୍ରାର୍ଥୀ, କଂଗ୍ରେସ ଆଣିଲା ଫିକ୍ସିଂ ଅଭିଯୋଗ

**ନୂଆଦିଲ୍ଲୀ:** ଗୁଜରାଟର ସୁରତ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ମୁକେଶ ଦଲାଲ ବିନା ଲଢ଼େଇରେ ବିଜୟୀ ଘୋଷିତ ହୋଇଛନ୍ତି । କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାନିଙ୍କ ନାମାଙ୍କନକୁ ରିଟର୍ଣ୍ଣି ଅଫିସର ରଦ୍ଦ କରିଥିବା ବେଳେ ବାକି ୮ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି । ତେଣୁ ମୁକେଶ ନିର୍ଦ୍ୱନ୍ଦ୍ୱରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ତେବେ ଏପରି ବିଜୟୀକୁ ନେଇ ମ୍ୟାଚ୍ ଫିକ୍ସିଂର ଅଭିଯୋଗ ଆଣିଛି କଂଗ୍ରେସ । କଂଗ୍ରେସ ନେତା ଜୟରାମ ଆଜି ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଲୋକଙ୍କ ମଧ୍ୟରେ ଥିବା ଆକ୍ରୋଶକୁ ଦେଖି ବିଜେପି ଭୟଭୀତ । ତେଣୁ ସୁରତ ଲୋକସଭା ଆସନରେ ବିଜେପି ମ୍ୟାଚ୍ ଫିକ୍ସିଂ ପାଇଁ ଉଦ୍ୟମ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନ୍ୟାୟ ଯୁଗରେ ଏମଏସ୍ଏମଇ ମାଲିକ ଓ ବ୍ୟବସାୟୀମାନେ ଭୋଗୁଥିବା ସମସ୍ୟାକୁ ଦେଖି ବିଜେପି ଭୟଭୀତ ହୋଇ ପଡ଼ିଛି । ଏଥିପାଇଁ ସେମାନେ ମ୍ୟାଚ୍ ଫିକ୍ସିଂ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ସବୁ କିଛି ଏବେ ଅତ୍ୟନ୍ତ ବିପଦରେ ରହିଛି । ଆମ ନିର୍ବାଚନ, ଆମ ଗଣତନ୍ତ୍ର ଓ ବାବାସାହେବ ଆମ୍ବେଦକରଙ୍କ ସମ୍ବିଧାନ ଏବେ ବିପଦରେ ।



ମେ' ୭ରେ ଏଠାରେ ନିର୍ବାଚନ ହେବାର ଥିଲା । ନିଲେଶଙ୍କ ବ୍ୟତୀତ କଂଗ୍ରେସର ବଦଳ ପ୍ରାର୍ଥୀ ଭାବେ ସୁରେଶ ପଡସାଲାଙ୍କ ପ୍ରାର୍ଥିପତ୍ର ମଧ୍ୟ ନାକଚ ହୋଇଛି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି, ତାନାଶାହର ଅସଲି 'ସୁରତ' ପୁଣି ଦେଶ ସାମ୍ନାକୁ ଆସିଛି । ଜନତାଙ୍କ ଠାରୁ ନିଜ ପସନ୍ଦର ନେତା ବାଛିବାର ଅଧିକାରକୁ ଛଡ଼ାଇ ନେବା ବାବା ସାହେବ ଆମ୍ବେଦକରଙ୍କ ସମ୍ବିଧାନକୁ ଶେଷ କରିବା ଦିଗରେ ଆଉ ଏକ ପଦକ୍ଷେପଛ ମୁଁ ପୁଣିଥରେ କହୁଛି-ଏହା କେବଳ ସରକାର ଗଠନ କରିବାର ନିର୍ବାଚନ ନୁହେଁ, ଏହା ଦେଶକୁ ବଞ୍ଚାଇବାର ନିର୍ବାଚନ । ସମ୍ବିଧାନ ସୁରକ୍ଷାର ନିର୍ବାଚନ । ନିଲେଶଙ୍କ ସତ୍ୟପାଠରେ ବିସଙ୍ଗତି ଦେଖାଯାଇଥିଲେ ମଧ୍ୟ ସେ ତାଙ୍କର ୩ ପ୍ରସ୍ତାବକଙ୍କୁ ମଧ୍ୟରୁ ଜଣଙ୍କୁ ବି ନିର୍ବାଚନ ଅଧିକାରୀଙ୍କ ପାଖରେ ହାଜର କରାଇ ପାରି ନଥିଲେ । ନିଲେଶଙ୍କ ନାମାଙ୍କନ ପତ୍ରରେ ଥିବା ୩ ପ୍ରସ୍ତାବକଙ୍କ ଦସ୍ତଖତରେ ବିସଙ୍ଗତି ରହିଥିବା ବିଜେପି ଅଭିଯୋଗ କରିଥିଲା ।

ନିଲେଶଙ୍କ ନାମାଙ୍କନ ରଦ୍ଦ ସମ୍ପର୍କରେ ରିଟର୍ଣ୍ଣିଂ ଅଫିସର ସୌରଭ ପାରଧି କହିଛନ୍ତି, କୁମ୍ଭାନି ଓ ପାଡସାଲା ଦାଖଲ କରିଥିବା ୪ଟି ନାମାଙ୍କନ ଫର୍ମକୁ ରଦ୍ଦ କରି ଦିଆଯାଇଛି । କାରଣ ପ୍ରଥମ ଦେଖାରେ ହିଁ ସେମାନଙ୍କ ପ୍ରସ୍ତାବକଙ୍କ ଦସ୍ତଖତରେ ବିସଙ୍ଗତି ଦେଖାଯାଇଥିଲା । ଏହା ଉପଯୁକ୍ତ ବା ପ୍ରକୃତ ଦସ୍ତଖତ ବୋଲି ଅନୁମେୟ ହୋଇ ନଥିଲା । ଏଥିସହ ପ୍ରସ୍ତାବକମାନେ ସେମାନଙ୍କ ସତ୍ୟପାଠରେ କହିଥିଲେ ଯେ ସେମାନେ ନିଜେ ଫର୍ମରେ ଦସ୍ତଖତ କରି ନାହାନ୍ତି ବୋଲି ସେ କହିଛନ୍ତି ।

## ଆଜିଠୁ କିଟ୍‌ରେ ଆଇସର୍ଭୟୁ ହିରୋ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ନୂଆଦିଲ୍ଲୀ,୨୨।୪(ଏଜେନ୍ସି): ରାଜଧାନୀ ଭୁବନେଶ୍ୱର ଗତ କିଛି ବର୍ଷ ମଧ୍ୟରେ ଶିକ୍ଷା ହବ ଭାବେ ପରିଚିତ ହୋଇଥିବା ବେଳେ ଆଗାମୀ ଦିନରେ ଆଇଟି ଓ କର୍ପୋରେଟ କ୍ଷେତ୍ରରେ ସାରା ଦେଶରେ ଏକ ନୂଆ ପରିଚୟ ଲାଭ କରିବାକୁ ଯାଉଛି । ଅଧିକାଂଶ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଭୁବନେଶ୍ୱରକୁ ସେମାନଙ୍କର ପ୍ରଥମ ପସନ୍ଦର ସହର ଭାବେ ବିବେଚନା କରୁଛନ୍ତି । ତେଣୁ ଏଠାରେ ଗଢ଼ି ଉଠୁଥିବା କର୍ପୋରେଟ ତଥା ଆଇଟି କମ୍ପାନୀମାନଙ୍କ ମଧ୍ୟରେ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ବଜାୟ ରଖି ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ଆଇସର୍ଭୟୁ ପକ୍ଷରୁ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଇସର୍ଭୟୁ ହିରୋ ଲିଗ୍ ଆୟୋଜିତ ହୋଇଆସୁଛି ।

ଆଇସର୍ଭୟୁ ହିରୋ ଲିଗ୍ ହେଉଛି ଓଡ଼ିଶାର ସର୍ବବୃହତ କର୍ପୋରେଟ୍ କ୍ରିକେଟ୍ ଲିଗ୍, ଯେଉଁଠାରେ ପ୍ରତିବର୍ଷ ୪ଟି ଫ୍ରାଞ୍ଚାଇଜ୍ ଦଳ ମାଧ୍ୟମରେ ବିଭିନ୍ନ କର୍ପୋରେଟ୍‌ର ପ୍ରାୟ୧୩୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥାନ୍ତି । କର୍ପୋରେଟ ଅନୁଷ୍ଠାନ ଗୁଡିକ ମଧ୍ୟରେ ଯୋଗସୂତ୍ର ପାଇଁ କ୍ରୀଡାକୁ ଏକ ମାଧ୍ୟମ ରୂପେ ଗ୍ରହଣ କରି ଆଇସର୍ଭୟୁ ଗତ ୨ ବର୍ଷ ଧରି ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜିତ କରିଆସୁଅଛି । ଚଳିତ ବର୍ଷ ଏହାର ତୃତୀୟ ସଂସ୍କରଣ । ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଦ୍ୱାରା ଆଇଟି କମ୍ପାନୀର କାର୍ଯ୍ୟରତ ଯୁବପିଢ଼ିମାନେ କିଛି ସମୟ ପାଇଁ ମାନସିକ ଚାପରୁ ଦୂରେଇ ରହିବେ ଯାହା ତାଙ୍କ କାର୍ଯ୍ୟଦକ୍ଷତା ଉତ୍ସାହଜନକ ଭାବେ ବୃଦ୍ଧି କରିବାରେ ସହାୟକ ହେବ ।

ଏହି କ୍ରମରେ ଚଳିତ ବର୍ଷ ଆସନ୍ତା ଏପ୍ରିଲ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଏହା ଆୟୋଜିତ ହେବ । ପ୍ରତ୍ୟେକ ଦିନ ଅପରାହ୍ଣରୁ ୪ରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ୨ ଗୋଟି ମ୍ୟାଚ ଖେଳାଯିବ । ସ୍ପାର୍ଟନ୍ସ ନିମୁରାଇ, ଗ୍ଲାଡିଏଟର୍ସ ଏବଂ ଟ୍ରୟ (Spartans, Nimurai, Gladiators, and Troy) ନାମରେ ସମୁଦାୟ ୪ ଗୋଟି ଟିମ୍ ମଧ୍ୟରେ ୧୨ଟି ମ୍ୟାଚ ଖେଳାଯିବ । ୬ ଦିନ ଧରି ଚାଲିବାକୁଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୨୯ ତାରିଖରେ ଖେଳାଯିବ ।

ମ୍ୟାଚ ଦେଖିବା ପାଇଁ ଦର୍ଶକମାନଙ୍କ ପାଇଁ ଫ୍ରି ପାସ ରହିଛି ତା ସହ ସ୍ୱଳ୍ପ ମୂଲ୍ୟର ଟିକେଟ୍ ବ୍ୟବସ୍ଥା ମଧ୍ୟ ରହିଛି । ଅନ୍‌ଲାଇନ୍ ଟିକେଟ୍ ପ୍ଲାଟଫର୍ମ BookmyShow ଏବଂ Paytm Insider ରେ ଖେଳପ୍ରେମୀମାନେ ଆଗୁଆ ବୁକ୍ ମଧ୍ୟ କରିପାରିବେ । ସମସ୍ତ କ୍ରୀଡାପ୍ରେମୀମାନଙ୍କୁ ଏହି ଉତ୍ସାହପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଇସର୍ଭୟୁ ହିରୋ ଲିଗ୍ ଦେଖିବାକୁ ଆସିବା ପାଇଁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଉଛି । ଏଇ ଟୁର୍ଣ୍ଣାମେଣ୍ଟ ଅବସରରେ ଆୟୋଜକଙ୍କ ଦ୍ୱାରା ଅତିଥିମାନଙ୍କୁ ମଧ୍ୟ ଆମନ୍ତ୍ରିତ କରାଯାଇଛି । ନିୟୋଗିନ, ୟୁନିଅନ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡିସିବି ବ୍ୟାଙ୍କ ଏବଂ ଲିଭଲଙ୍ଗ ଇନ୍‌ସୁରାନ୍ସ ଭଳି ପ୍ରତିଷ୍ଠିତ ସୁନାମଧନ୍ୟ ଅନୁଷ୍ଠାନମାଙ୍କ ସହଯୋଗରେ ଆୟୋଜିତ ହେଉଥିବା ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସହରର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁଯାଉଅଛି ।

# ମୁମ୍ବାଇକୁ ୯ ୱିକେଟ୍‌ରେ ହରାଇ ରାଜସ୍ଥାନ ବିଜୟୀ

## ଆଇପିଏଲ୍ ମହାସମର

ଜୟପୁର,୨୨।୪(ଏଜେନ୍ସି): ଆଇପିଏଲ୍ ୨୦୨୪ର ୩୮ତମ ମ୍ୟାଚରେ ମୁମ୍ବାଇକୁ ୯ ୱିକେଟ୍‌ରେ ହରାଇ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ଏହି ମ୍ୟାଚଟି ପୂରା ସଂଘର୍ଷପୂର୍ଣ୍ଣ ଥିଲା । ମୁମ୍ବାଇ ଇଣ୍ଡିଆନ୍ସ ୯ ୱିକେଟ୍ ହରାଇ ୧୭୯ ରନ୍ କରିଥିବା ବେଳେ ରାଜସ୍ଥାନ ରୟାଲ୍ସ ଏହାର ଜବାବରେ ୧ ୱିକେଟ ହରାଇ ୧୮୩ ରନ୍ କରିଥିଲା । ଆଉ ୮ଟି ବଲ୍ ବାକିଥାଇ ରାଜସ୍ଥାନ ରୟାଲ୍ସ ତା'ର ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିଥିଲା । ଜୟପୁର ସୋୱାଇ ମାନସିଂ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଦକ୍ଷ ବ୍ୟାଟର ୧୦୪ ରନ୍ କରି ଅପରାଜିତ ଥିଲେ । ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କ ନେତୃତ୍ୱରେ ବୋଲିଂ ଆରମ୍ଭ କରିଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ଧାର୍ଯ୍ୟ ୨୦ ଓଭରରେ ୯ ୱିକେଟ୍ ହରାଇ ୧୭୯ ରନ୍ କରିଥିଲା । ଫଳରେ ରାଜସ୍ଥାନ ରୟାଲ୍ସ ପାଇଁ ବିଜୟ ଲକ୍ଷ୍ୟ ଥିଲା ୧୮୦ ରନ୍ । ମୁମ୍ବାଇ ଇଣ୍ଡିଆନ୍ସ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ତିଲକ ବର୍ମା ସର୍ବାଧିକ ୬୨ ରନ କରିଥିବା ବେଳେ ମହମ୍ମଦ ନବୀ ୨୩ ରନ୍, ନେହ୍ୱାଲ ୱାଧେରା ୪୯ ରନ୍, ଟିମ୍ ଡେଭିଡ୍ ୩ ରନ୍ କରିଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସ ବର୍ଷା ଯୋଗୁଁ ବିଳମ୍ବରେ ବ୍ୟାଟିଂ ଆରମ୍ଭ କରିଥିଲା । ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ୨୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଜୟଶ୍ୱାଲ ୧୦୪ ରନ୍ କରି ଅପରାଜିତ ଥିଲେ ।



### ଆଜିର ମ୍ୟାଚ

**ଚେନ୍ନାଇ ସୁପରକିଙ୍ଗ୍ସ– ଲକ୍ଷ୍ନୌ ସୁପରଜ୍ୟାଣ୍ଟସ**
**ସମୟ:** ରାତି ୭.୩୦
**ସ୍ଥାନ:** ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍
**ପ୍ରସାରଣ:** ଷ୍ଟାରନେଟୱାର୍କ, ଜିଓ ସିନେମା

## ଆଦିବାସୀ କ୍ଲବର ଆନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ସୋର,୨୨।୪(ସବ୍ୟୁ): ସୋର ଷ୍ଟେସନ ପଡ଼ିଆଠାରେ ଏକଦିବସୀୟ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ୮ଟି ଟିମ୍ ଭାଗ ନେଇଥିଲେ । ରେଳ ଷ୍ଟେସନ୍ ପଡ଼ିଆଠାରେ ଏହାକୁ ଯୁବ ସମାଜସେବୀ ଶିବାନୀ ଶଙ୍କର ରାୟ ଏବଂ ସମାଜସେବୀ ଲୋକନାଥ ରାଉତ ଉଦ୍‌ଘାଟନ କରିଥିଲେ । ପ୍ରଥମ ରାଉଣ୍ଡରେ ବିର୍ସାମୁଣ୍ଡା କ୍ଲବ, ସୋର ଏବଂ କଲେଜବାୟା,ସୋର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବିର୍ସାମୁଣ୍ଡା ୧–୦ରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଏକେ ଫଟି–୭ ଏବଂ ଟିଟିୟା, ଧୋବଗଡ଼ିଆ ମଧ୍ୟରେ ୧–୧ରେ ସମାନ ଥାଇ, ଟ୍ରାଏବେକରରେ ଏକେ ଫଟି–୭ ବିଜୟୀ ହୋଇଥିଲେ । ଫାଇନାଲରେ ସିନ୍ଧୁରଗୌରା, ବାଲେଶ୍ୱର ଏବଂ ଜେଜେୟା, ଭଗିଆ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇ ୨–୦ରେ ସିନ୍ଧୁରଗୌରା ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ଖେଳ ଶେଷରେ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଶ୍ରୀ ରାୟ ଚାମ୍ପିଅନ୍ ଟିମ୍‌କୁ ୧୫ ହଜାର ଏବଂ ରନର୍ସ ଅପ୍‌କୁ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ରେଫେରୀ ଭାବେ ମାନସ କୁମାର ବିଶ୍ୱାଳ, ଉତ୍ତମ ବାରିକ ଓ ଅକ୍ଷୟ ହେମରମ୍ ଯୋଗଦେଇଥିଲେ ।

# ପଞ୍ଜାବକୁ ୩ ୱିକେଟରେ ପରାସ୍ତ କଲା ଗୁଜରାଟ

ମୁଲାନପୁର,୨୨।୪(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)–୨୦୨୪ର ୩୭ତମ ମ୍ୟାଚ୍ ପଞ୍ଜାବକୁ ୩ ୱିକେଟରେ ପରାସ୍ତ କରିଛି ଗୁଜରାଟ । ଦ୍ୱିତୀୟ ପାଳିରେ ଗୁଜୁରାଟ ୧୪୩ ରନରେ ଲକ୍ଷ୍ୟକୁ ପିଛା କରି ୧୯.୧ ଓଭରରେ ୩ ୱିକେଟ ହରାଇ ୧୪୬ ରନ୍ କରି ବିଜୟ ହୋଇଛି । ଗୁଜୁରାଟ ପକ୍ଷରୁ ଶୁବମାନ ଗିଲ ୩୫ ରନ୍, ସାଇ ସୁଦର୍ଶନ ୩୧ ରନ୍ ଓ ରାହୁଲ ତେୱତିଆ ୧୮ ବଲରେ ୩୬ ରନ୍ କରି ଗୁଜୁରାଟକୁ ବିଜୟ ଦେଇଥିଲେ । ଅନ୍ୟପଟେ ପଞ୍ଜାବ ପକ୍ଷରୁ ହର୍ଷଲ ପଟେଲ ୩ଟି ୱିକେଟ ନେଇଥିବା ବେଳେ ସାମ କରଣ, ଅର୍ଶଦୀପ ସିଂ ୧–୧ ୱିକେଟ ନେଇଥିଲେ କିନ୍ତୁ ପଞ୍ଜାବକୁ ବିଜୟ ଦେଇ ପାରିନଥିଲେ । ଏହି ବିଜୟ ସହ ଗୁଜୁରାଟ ୮ ଅଙ୍କ ସଂଗ୍ରହ କରି ଟେବୁଲ ତାଲିକାରେ ଷଷ୍ଠରେ ରହିଛି । ପ୍ରଥମ ପାଳିରେ ପଞ୍ଜାବ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ସାମ୍ କୁରାନ୍‌ଙ୍କ ନେତୃତ୍ୱରେ ଟିମ୍ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୨ ରନ୍ କରିଛି । ଫଳରେ ଅତିଥି ଟିମକୁ ୧୪୩ ରନରେ ବିଜୟ ଲକ୍ଷ୍ୟ ମିଳିଛି । ଏହି ମ୍ୟାଚରେ ଗୁଜରାଟର ବୋଲରମାନେ ଭଲ ପ୍ରଦର୍ଶନ କରିଛନ୍ତି । ଗୁଜରାଟ ପକ୍ଷରୁ ରବିଶ୍ରୀନିବାସ ସାଇ କିଶୋର ନେଲେ ୪ ୱିକେଟ୍ ନେଇଛନ୍ତି । ମୋହିତ ଶର୍ମା ଓ ନୁର ଅମହଦ ୨–୨ ୱିକେଟ ଏବଂ ରସିଦ ଖାନ୍ ଗୋଟିଏ ୱିକେଟ୍ ନେଇଛନ୍ତି । ପଞ୍ଜାବର ପାଳି ଆରମ୍ଭ କରିଥିଲେ ଅଧିନାୟକ କୁରାନ୍ ଓ ପ୍ରଭସିମରନ ସିଂହ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୫୨ ରନର ଭାଗିଦାରୀ କରିପାରିଥିଲେ । ପ୍ରଭସିମରନ ବ୍ୟକ୍ତିଗତ ଭାବେ ସର୍ବାଧିକ ୩୫ ରନ୍ କରିଥିଲେ ଛ ସେ ୨୧ଟି ବଲ୍ ଖେଳି ୩ଟି ଚେକା ଓ ୩ଟି ଛକା ମାରିଥିଲେ । କୁରାନ ୧୯ଟି ବଲ୍ ଖେଳି ୨୦ ରନ୍ କରିଥିଲେ । ହରପ୍ରୀତ ବାର ୨୯ ରନ୍, ଜିତଶେ ଶର୍ମା ୧୩ ରନ୍ ଓ ହରପ୍ରୀତ ସିଂହ ଭାଟିଆ ୧୪ ରନ୍ କରିଥିଲେ ।


SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


## ଯୋଗିଆଣୀ ଟିମ୍ ଚାମ୍ପିଆନ

ତେଲେଙ୍ଗାପେଣ୍ଠ ,୨୨।୪(ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମ ଖେଳପଡ଼ିଆରେ ପ୍ରକାଶ ରୁଦ୍ର ମେମୋରିଆଲ କ୍ରିକେଟ୍ କ୍ଲବ ପକ୍ଷରୁ ଗତ ଫେବୃଆରୀ ୪ରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୨୪ଟି ଟିମ୍ ଭାଗ ନେଇଥିଲେ । ପ୍ରତାପ କ୍ରିକେଟ୍ କ୍ଲବ୍ ପ୍ରତାପନଗରୀ ଓ ମା' ଯୋଗିଆଣୀ କ୍ରିକେଟ୍ କ୍ଲବ ବମ୍ପକୁଦ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମା' ଯୋଗିଆଣୀ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୬ ୱିକେଟ ହରାଇ ୧୩୪ ରନ୍ କରିଥିଲା । ଏହାର ଜବାବରେ ପ୍ରତାପ କ୍ରିକେଟ୍ କ୍ଲବ ୧୩ ଓଭର ଖେଳି ୭ଟି ୱିକେଟ ହରାଇ ୭୦ ରନ୍ କରିଥିଲା । ଟୁର୍ଣ୍ଣାମେଣ୍ଟରେ ବେଷ୍ଟ ବ୍ୟାଟ୍ସମ୍ୟାନ୍ ରୂପେଶ ବେହେରା, ବେଷ୍ଟ ବେ ରାଜୀବ ଲୋଚନ ଦି ସିରିଜ୍ ଅଫ୍ରୋଜ ଖାନ୍ ହୋଇଥିଲେ । ଉଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆ ନୂଆଗଡ଼ ଗ୍ରାମ୍ୟ କମିଟି ସଭାପତି ବିକ୍ରମ କେଶରୀ ଶତପଥୀ, କାର୍ଯ୍ୟକାରୀ ସଭାପତି ତ୍ରୈଲୋଚ ଲୋକ୍ୟ ପ୍ରଧାନ, ସମ୍ପାଦକ ସନ୍ତୋଷ ନ୍ତୋଷ ସାମନ୍ତରାୟ ଯୋଗଦେଇ କୃତି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରକାଶ ରୁଦ୍ର ମେମୋରିଆଲ ସଭାପତି ବିନୋଦ ଖୁଣ୍ଟିଆ, ସମ୍ପାଦକ ଅମର ବିଶୋଇ, ଆପେ ଲୋକ ପ୍ରଧାନ, ଟିକି ସିଂହ, ତାପସ ବେଉରା, ବସନ୍ତ ବସନ୍ତ ସେଠୀ, ପ୍ରଦୀପ୍ତ ପରିଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।





AT KURANGA PHULNAKHARA
Meera's COURTYARD
Huge lush green happening space situated in between Cuttack and Bhubaneswar.
- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking.
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


### ତେଜ ହୋଣ୍ଡା ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗ୍

## ଏମଏମସିସି ଓ ରାମେଶ୍ୱର ଫାଇଟରର୍ସ ଫାଇନାଲରେ




ବ୍ୟାସନଗର,୨୨।୪(ସବ୍ୟୁ): କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ତେଜହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡିୟମ୍ ଠାରେ ଚାଲୁଥିବା ଚତୁର୍ଥ କଳିଙ୍ଗନଗର ସର୍ବଭାରତୀୟ ଦିବାରାତ୍ରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦୁଇଟି ସେମିଫାଇନାଲ ରବିବାର ଦିନ ଅନୁଷ୍ଠିତ ହୋଇଥିଲା । ପ୍ରଥମ ସେମିଫାଇନାଲ ରାମେଶ୍ୱର ଫାଇଟରର୍ସ, ରାମଚନ୍ଦ୍ରପୁର ଓ ଏ.ବି. ୟୁନିକର୍ଣ୍ଣ, ଭୁବନେଶ୍ୱର ମଧ୍ୟରେ ହୋଇଥିଲା ଟସ୍‌ରେ ବିଜୟୀ ହୋଇ ଏ.ବି.ୟୁନିକର୍ଣ୍ଣ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ । ୧୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୯ରନ୍ କରିଥିଲେ । ଦଳ ତରଫରୁ ଓଡ଼ିଶା ରଣଜୀ ଟ୍ରଫି ଖେଳାଳୀ ସୁଜିତ ଲେଙ୍କା ୪୫ ଓ ରୋହନ ରାଠୀ ୨୪ରନ୍ କରିଥିଲେ । ରାମେଶ୍ୱର ଫାଇଟର୍ସର ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି ଓ ବି.ଏମ. ପରିଡା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଏହାର ଜବାବରେ ରାମେଶ୍ୱର ଫାଇଟର୍ସ ୧୮.୫ ଓଭରରେ ୬ଟି ୱିକେଟ୍ ହରାଇ ୧୩୩ରନ୍ କରି ବିଜୟୀ ହୋଇଥିଲେ । ଦଳ ତରଫରୁ ବି.ଏମ୍. ପରିଡା ୪୨ ଓ ଆଇପିଏଲ ଖେଳାଳୀ ବିପ୍ଲବ ସାମନ୍ତରାୟ ୩୩ ରନ୍ କରିଥିଲେ । ଏବି. ୟୁନିକର୍ଣ୍ଣର ଅରୁଣ ଛାପ୍ରାନା ଓ ବୁପକ ବନ୍ଧନ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ୪ ୱିକେଟ୍‌ରେ ରାମେଶ୍ୱର ଫାଇଟର୍ସ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ବି.ଏମ୍. ପରିଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାରକୁ ସଞ୍ଜୀବ୍ ବେହେରା, ରମେଶ ଚନ୍ଦ୍ର ପଣ୍ଡା, ଓ ସନ୍ତୋଷ ମହାନ୍ତ ପ୍ରଦାନ କରିଥିଲେ ।

ଦ୍ୱିତୀୟ ସେମିଫାଇନାଲ ବ୍ୟାସ ଟାଇଗର୍ସ, ଯୋଡାବର ଓ ଏମ.ଏମ୍.ସି.ସି. ସମ୍ବଲପୁର ମଧ୍ୟରେ ହୋଇଥିଲା । ବ୍ୟାସ ଟାଇଗର୍ସ ଟସ୍‌ରେ ଜିତି ପ୍ରଥମେ ଫିଲଡିଙ୍ଗ କରିବାର ନିଷ୍ପତ୍ତି ନେଇଥିଲେ । ଏମ.ଏମ.ସି.ସି.୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୩ ରନ୍ କରିଥିଲେ ଦଳ ତରଫରୁ କ୍ଷମାସାଗର ବଳ ୫୩ ଓ ସିଦ୍ଧାନ୍ତ ଜେନା ୩୪ରନ୍ କରିଥିଲେ । ବ୍ୟାସ ଟାଇଗର୍ସର ବିପିନ୍ ଚନ୍ଦ୍ରା ଓ ଅଭିଷକ ପାଠକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଏହାର ଜବାବରେ ବ୍ୟାସ ଟାଇଗର୍ସ ୧୭.୪ ଓଭରରେ ୧୩୪ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲେ । ଦଳ ତରଫରୁ ଭାନୁ ଆନନ୍ଦ ୬୨ ଓ ଅମର ଚୌଧୁରୀ ୩୨ରନ୍ କରିଥିଲେ । ଏମଏମସିସିର ତାରିଣୀ ସ ୫ଟି ଓ ମନୋଜ ବାରିକ ୨ଟି ୱିକେଟ୍ ନେଇଥିଲେ । ଏମଏମସିସି ୫୯ ରନ୍‌ରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଏମଏମସିସିର ତାରିଣୀ ସଙ୍କୁ ଆକାଶ ମହାନ୍ତି, ହାପେନ୍ଦ୍ର ବଳ ଓ ପ୍ରିୟବ୍ରତ ରାଉତ ପ୍ରଦାନ କରିଥିଲେ । ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ବ୍ୟାସନଗର ପୌରପରିଷଦର ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆ ଓ ସମ୍ମାନିତ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରଶାନ୍ତ ରାୟ ଯୋଗ ଦେଇଥିଲେ ।

## କୋହଲିଙ୍କ ମ୍ୟାଚ୍ ଫି' କଟିଲା

କୋଲକାତା,୨୨।୪(ଏଜେନ୍ସି): ପଡ଼ିଆରେ ନିଜ ରାଗ ପ୍ରଦର୍ଶନ କରିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ବ୍ୟାଟର ବିରାଟ କୋହଲିଙ୍କୁ ମହଙ୍ଗା ପଡ଼ିଛି । କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ବିରାଟ ଅମ୍ପାୟାରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରିଥିଲେ । ସେ ଅମ୍ପାୟାରଙ୍କ ନିଷ୍ପତ୍ତିରେ ଏକମତ ନ ହୋଇ ଯୁକ୍ତିତର୍କ କରିଥିଲେ । ଏଥିପାଇଁ ତାଙ୍କ ଉପରେ ମୋଟା ଅଙ୍କର ଜୋରିମାନା ଲାଗିଛି । ତାଙ୍କ ମ୍ୟାଚ୍ ଫି' ୫୦% କଟିଛି । କେକେଆର ବିପକ୍ଷରେ ବିରାଟ ବିବାଦୀୟ ସ୍ଥିତିରେ ଆଉଟ ହୋଇଥିଲେ । ଏହାପରେ ସେ ଅମ୍ପାୟାରଙ୍କ ସହ ଯୁକ୍ତି କରିଥିଲେ । ଆଇପିଏଲ ପକ୍ଷରୁ ଜାରି ଗୋଟିଏ ବିବୃତିରେ କୁହାଯାଇଛି ଯେ କୋହଲି ଆଇପିଏଲ ଆଚରଣ ବିଧିର ଧାରା ୨.୮ ଅଧୀନରେ ଥିବା ଲେଭଲ ୧ ଅପରାଧ କରିଛନ୍ତି ।

### ହ୍ୱିଲ୍ ଚେୟାର ଫେନସିଂ ଚାମ୍ପିଅନ୍‌ସିପ୍

## ପବିତ୍ର ସାହୁ ଜିତିଲେ ରୌପ୍ୟ ପଦକ

ଭୁବନେଶ୍ୱର,୨୨।୪(ସବ୍ୟୁ): ୧୭ ବର୍ଷରୁ କମ୍ ୨୦୨୪ ହ୍ୱିଲଚେୟାର ଫେନସିଂ ଏବଂ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନ୍‌ସିପ ପ୍ରତିଯୋଗିତା ଥାଇଲାଣ୍ଡର ନାକାହନ୍ ରାଚସିମା ସହରରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୧ ତାରିଖରୁ ୨୩ ତାରିଖ ୩ ଦିନ ଧରି ଚାଲିବ । ଏହି ପ୍ରତିଯୋଗିତାରେ ଭାରତରୁ ଏକମାତ୍ର ଖେଳାଳି ପବିତ୍ର ସାହୁ ବ୍ୟକ୍ତିଗତ ବର୍ଗ ଏ' ସାର୍ବେରେ ଦେଶ ପାଇଁ ରୌପ୍ୟ ପଦକ ଜିତିଛନ୍ତି । ବ୍ୟକ୍ତିଗତ ବାଳକ ୨୩ ବର୍ଷରୁ କମ୍ ସାର୍ବେ ବିଭାଗ ଏ'ରେ ପୁଲ ମ୍ୟାଚର ୪ଟାରେ ବିଜୟ ହାସଲ କରି ପବିତ୍ର ସାହୁ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିଲେ । ସେମିଫାଇନାଲରେ ଥାଇଲାଣ୍ଡର ଫୁପା ସାୟେ ସିଂଙ୍କୁ ୧୫–୫ରେ ହରାଇ ଫାଇନାଲରୁ ପ୍ରବେଶ କରିଥିଲେ । ଫାଇନାଲରେ ଜର୍ମାନୀର କ୍ଲେମେଣ୍ଟସ୍ ପୁଲସିଏଫମ୍‌ଙ୍କ ସହ ପବିତ୍ର ସାହୁଙ୍କ କଡା ମୁକାବିଲା ହୋଇଥିଲା । ପବିତ୍ର ୧୩–୯ ଆଗରେ ଥିଲେ ମଧ୍ୟ କ୍ଲେମେନସ୍ ନିଜର ଅଭିଜ୍ଞତା ପ୍ରଦର୍ଶନ କରି ୧୫–୧୪ରେ ଜିତି ନେଇଥିଲେ । ପବିତ୍ର ହାରି ଯାଇ ରୌପ୍ୟ ପଦକ ହାସଲ କରିଥିଲେ ।


ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541